# ନିତିଦିନ
NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

SATURDAY 10 MAY 2025
ଶନିବାର ୧୦ ମେ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 • ISSUE 349 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୦ • ସଂଖ୍ୟା ୩୪୯ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର


## ଆଇପିଏଲ୍ ଏକ ସପ୍ତାହ ସ୍ଥଗିତ



**ବିଦେଶୀ ଖେଳାଳିଙ୍କୁ ସ୍ୱଦେଶ ଫେରିବାକୁ ନିର୍ଦ୍ଦେଶ**

**ମୁମ୍ବାଇ,୯।୫/ଏଜେନ୍ସି:** ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଥିବା ବେଳେ ଇଣ୍ଡିଆନ୍ କ୍ରିକେଟ୍ ଲିଗ୍ (ଆଇପିଏଲ୍) ୨୦୨୫ ସଂସ୍କରଣକୁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ଏକ ସପ୍ତାହ ପାଇଁ ସ୍ଥଗିତ ରଖିଛି। ବିସିସିଆଇ ଶୁକ୍ରବାର ଏହି ସୂଚନା ଦେଇଛି। ବୋର୍ଡ ପକ୍ଷରୁ କୁହାଯାଇଛି, ଖେଳାଳିଙ୍କ ଚିନ୍ତା, ପ୍ରଶଂସକଙ୍କ ଭାବନାକୁ ଧ୍ୟାନରେ ରଖି ସମସ୍ତ ହିତଧାରକଙ୍କ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି। ପରିସ୍ଥିତିକୁ ଦେଖି ଆଇପିଏଲ୍‌ର ନୂଆ କାର୍ଯ୍ୟସୂଚୀ ଜାରି କରାଯିବ। ମିଡିଆ ରିପୋର୍ଟ ଅନୁସାରେ ସମସ୍ତ ବିଦେଶୀ ଖେଳାଳିଙ୍କୁ ସେମାନଙ୍କ ନିଜ ନିଜ ଦେଶକୁ ଫେରିଯିବା ପାଇଁ କୁହାଯାଇଛି। ଫ୍ରାଞ୍ଚାଇଜ୍‌ଗୁଡ଼ିକ ବିଦେଶୀ ଖେଳାଳିଙ୍କ ସ୍ୱଦେଶ ଫେରିବା ବ୍ୟବସ୍ଥା କରିବାକୁ କୁହାଯାଇଛି। ଇତିମଧ୍ୟରେ କ୍ରିକେଟ୍ ଅଷ୍ଟ୍ରେଲିଆ ଓ ସାଉଥ୍ ଆଫ୍ରିକା କ୍ରିକେଟ୍ ବୋର୍ଡ ନିଜ ଖେଳାଳିଙ୍କ ସୁରକ୍ଷାକୁ ନେଇ

▶▶ ୫

**କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ନିର୍ଦ୍ଦେଶ**

## ଯଥେଷ୍ଟ ପରିମାଣର ଔଷଧ ମହଜୁଦ୍ ରଖ



**ଭୁବନେଶ୍ୱର,୯।୫/ଏନ୍‌ଏନ୍‌ଏସ୍:** ଭାରତ ଓ ପାକିସ୍ତାନ ମଧ୍ୟରେ ଲଢ଼େଇ ଜୋର୍‌ଦାର ଆରମ୍ଭ ହୋଇଥିବା ବେଳେ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ସମେତ ସବୁ ରାଜ୍ୟ ସରକାରଙ୍କୁ ଔଷଧ ମହଜୁଦ୍ ରଖିବାକୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି ହୋଇଛି।

ଶୁକ୍ରବାର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି ନଡ୍ଡା ଗଣମାଧ୍ୟମକୁ କହିଛନ୍ତି ଯେ ଜରୁରୀ ପରିସ୍ଥିତିରେ ଯେମିତି କେହି ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ନହେବେ, ସେଥିପାଇଁ ପ୍ରଚୁର ଔଷଧ ମହଜୁଦ୍ ରଖିବାକୁ ପଡ଼ିବ। ଔଷଧ ନିର୍ମାତା କମ୍ପାନୀ ଓ ବିତରକ କମ୍ପାନୀଗୁଡ଼ିକ ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରଖି ଏହାକୁ ଗୁରୁତ୍ୱ ଦେବେ ଓ ପରବର୍ତ୍ତୀ ନିର୍ଦ୍ଦେଶକୁ ଆପେକ୍ଷା କରିବେ। ଏଥିରେ ଖିଲାପ କଲେ ଆଇନଗତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ନଡ୍ଡା ଚେତାବନୀ ଦେଇଛନ୍ତି।

**ଜାମ୍ମୁରୁ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ଫେରାଇ ଆଣିବା ପାଇଁ ବ୍ୟବସ୍ଥା**

## ଦିଲ୍ଲୀରେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍

**ଶ୍ରୀନଗର,୯।୫/ଏନ୍‌ଏନ୍‌ଏସ୍:** ଭାରତ-ପାକିସ୍ତାନ ସାମରିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ପରେ ଜାମ୍ମୁରେ ଅଧ୍ୟୟନରତ ୧୧୪ ଓଡ଼ିଆ ଛାତ୍ରଙ୍କୁ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରାଯାଉଛି। କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯିବା ପରେ ଏହି ପଦକ୍ଷେପ ନିଆଯାଇଛି। ଏନେଇ ଓଡ଼ିଶା ସରକାର ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ଖୋଲିଛନ୍ତି। ଦିଲ୍ଲୀସ୍ଥିତ ଓଡ଼ିଶା ନିବାସରେ ଛାତ୍ରୀଛାତ୍ରଙ୍କ ପାଇଁ ଏହି କଣ୍ଟ୍ରୋଲ୍ ରୁମ୍ ଖୋଲାଯାଇଛି। ଏହି ନମ୍ବରଗୁଡ଼ିକ ହେଲା- ୭୪୨୮୧୩୫୦୪୪, ୦୧୧-୨୪୬୭୯୨୦୧। ଏଥିସହିତ ସ୍ୱତନ୍ତ୍ର ଟିମ୍‌ର ବ୍ୟବସ୍ଥା କରାଯାଇଥିବା ବେଳେ ୫ଟି ଟିମ୍ କରି ଅଧିକାରୀଙ୍କୁ ଦାୟିତ୍ୱ ମଧ୍ୟ ନ୍ୟସ୍ତ କରାଯାଇଛି। ସେହିପରି ଭୁବନେଶ୍ୱରର ସଂସ୍କୃତି ଭବନ ଠାରେ କାର୍ଯ୍ୟକାରୀ କରାଯାଇଛି କଣ୍ଟ୍ରୋଲ ରୁମ୍(ଯୋଗାଯୋଗ-୦୬୭୪-୨୪୩୧୯୪୫, ୯୫୮୩୩୨୧୯୬୪)। ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ହେଲେ ବ୍ୟସ୍ତ ବିବ୍ରତ ନହୋଇ ତୁରନ୍ତ କଣ୍ଟ୍ରୋଲ୍ ରୁମ୍ ସହ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଛି।

**ମିଛ ଅହଂକାର ଆଳରେ...**

# ବିନାଶକୁ ଡାକୁଛି ପାକିସ୍ତାନ

- ଶୁକ୍ରବାର ସନ୍ଧ୍ୟାରେ ପୁଣି ଆକ୍ରମଣ କଲା ପାକିସ୍ତାନ
- ୨୬ ସ୍ଥାନରେ ଡ୍ରୋନ୍ ଆକ୍ରମଣ ଉଦ୍ୟମ
- ୯୦ ମିନିଟ୍‌ରେ ୧୦୦ରୁ ଊର୍ଦ୍ଧ୍ୱ ଡ୍ରୋନ୍ ମାଡ଼, ସବୁକୁ ମାରି ଖସାଇଲା ଭାରତ
- ଜମ୍ମୁ, ସାମ୍ବା, ରାଜୌରୀ, ପଠାନ୍‌କୋଟ୍, ପୋଖରନ୍, ଲଖନପୁର, ନୌସେରା ଆଦି ଅଞ୍ଚଳରେ ଆକ୍ରମଣ ଉଦ୍ୟମ
- ଜମ୍ମୁ କାଶ୍ମୀର ସହ ଅଖନୁରରେ ଗୁଳିବର୍ଷା କରିଛି ପାକ୍‌ସେନା
- ଜୈସଲମେର, ଜମ୍ମୁ, ଶ୍ରୀନଗର, ପଠାନ୍‌କୋଟ୍‌ରେ ବ୍ଲାକ୍‌ଆଉଟ୍, ରାଜସ୍ଥାନରେ ରେଡ୍ ଆଲର୍ଟ
- ପ୍ରଚଣ୍ଡ ପ୍ରହାର ସହ ଜବାବ ଦେଲା ଭାରତ





**ନୂଆଦିଲ୍ଲୀ, ୯।୫/ଏଜେନ୍ସି:** ନିଜ ବିନାଶକୁ ନିଜେ ହିଁ ଆମନ୍ତ୍ରଣ କରିବା ଭଳି କାର୍ଯ୍ୟ କରୁଛି ପାକିସ୍ତାନ। ଆମେରିକା ଠାରୁ ୟୁରୋପୀୟ ସଂସଦ ପର୍ଯ୍ୟନ୍ତ, ବିଶ୍ୱବ୍ୟାଙ୍କ୍ ଠାରୁ ଆରମ୍ଭ କରି ବିଶ୍ୱର ସମସ୍ତ ଅନ୍ତର୍ଜାତୀୟ ମଞ୍ଚ ପକ୍ଷରୁ ପାକିସ୍ତାନକୁ ଯଥାଶୀଘ୍ର ଉତ୍ତେଜନା ହ୍ରାସ କରିବାକୁ କୁହାଯାଇସାରିଥିଲେ ମଧ୍ୟ ମିଛ ଆତ୍ମବଡ଼ିମା ବା ଅହଂକାରର ବଶବର୍ତ୍ତୀ ହୋଇଥିବା ପାକିସ୍ତାନ ଏସବୁକୁ ଶୁଣିବାକୁ ନାରାଜ। ଭାରତ ମଧ୍ୟ ଗତ ମଙ୍ଗଳବାର ବିଳମ୍ବିତ ରାତିରେ କରିଥିବା ଆକ୍ରମଣ ପରଠାରୁ ପାକିସ୍ତାନକୁ ନିୟମିତ ଭାବେ ଚେତାବନୀ ଦେଇ କହିଆସୁଛି ଯେ, ପାକିସ୍ତାନ ଏହାକୁ ଆଉ ଆଗକୁ ନ ବଢ଼ାଉ। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାର ପ୍ରତିଶୋଧ ମଙ୍ଗଳବାର ବିଳମ୍ବିତ ରାତିରେ ଭାରତ ନେଇସାରିଛି। ଏହାସତ୍ତ୍ୱେ ପାକିସ୍ତାନ ବୁଧବାର ଭାରତୀୟ ସୀମାରେଖାରେ ଥିବା ଏକ ଗୁରୁଦ୍ୱାର ଉପରେ ଆକ୍ରମଣ କରିବା ସହ ଗୁରୁବାର ଭାରତୀୟ ସାମରିକ ପ୍ରତିଷ୍ଠାନଗୁଡ଼ିକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ୪୦୦ରୁ ୫୦୦ ଡ୍ରୋନ୍ ଆକ୍ରମଣ କରିଥିଲା। ଅବଶ୍ୟ ଭାରତୀୟ ସେନା ପାକିସ୍ତାନର ସମସ୍ତ ଡ୍ରୋନ୍ ଏବଂ ମିସାଇଲ୍‌ଗୁଡ଼ିକୁ ନିଜ ଏସ୍-୪୦୦ ଏବଂ ଅନ୍ୟ ପ୍ରତିରକ୍ଷା ପ୍ରଣାଳୀ ମାଧ୍ୟମରେ ନଷ୍ଟ କରିଦେଇଥିଲେ। ଏତଦ୍‌ବ୍ୟତୀତ ଭାରତୀୟ ଡ୍ରୋନ୍‌ଗୁଡ଼ିକ ପାକିସ୍ତାନର ଅଧିକାଂଶ ପ୍ରାନ୍ତରେ ଆକାଶମାର୍ଗରୁ ଅଗ୍ନିବର୍ଷା କରିଥିଲେ। ଗୁରୁବାର ଭାରତର ଏପ୍ରକାର ପ୍ରଚଣ୍ଡ ଆକ୍ରମଣରେ ବ୍ୟତିବ୍ୟସ୍ତ ହୋଇପଡିଥିବା ପାକିସ୍ତାନ ଶୁକ୍ରବାର

▶▶ ୫

**● ମୋଦୀ-ଡୋଭାଲ୍-ଜୟଶଙ୍କରଙ୍କ ଜରୁରୀ ବୈଠକ**

## ବଡ଼ ଆକ୍ରମଣ କରିପାରେ ଭାରତ



ଗୋଟିଏ ପଟେ ପାକିସ୍ତାନ ସେନା ଡ୍ରୋନ୍ ଆକ୍ରମଣର ଜବାବ ଭାରତୀୟ ସେନା ଦୃଢ଼ତାର ସହ ଦେଉଥିବା ବେଳେ ଅନ୍ୟପକ୍ଷେ ଭାରତ ସରକାରଙ୍କ ପକ୍ଷରୁ ଘନଘନ ବୈଠକ ଜାରି ରହିଛି। ଶୁକ୍ରବାର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲ୍ ଏବଂ କେନ୍ଦ୍ର ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତକାର ବୈଠକରେ ବିଦେଶ ମନ୍ତ୍ରଣାଳୟ ସଚିବ ବିକ୍ରମ ମିସ୍ରି ମଧ୍ୟ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ବୈଠକ ଏପରି ସମୟରେ ହୋଇଛି ଯେତେବେଳେ ପାକିସ୍ତାନ ଯୁଦ୍ଧ ଜାରି ରଖିବ ବୋଲି ସ୍ପଷ୍ଟ କରିଛି। ସୀମାରେଖାରେ ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନ କରିବା ସହ ପାକିସ୍ତାନ ଭାରତ ବିରୋଧରେ ଯୁଦ୍ଧକୁ ଜାରି ରଖିବାର ସମସ୍ତ ଲକ୍ଷଣ ଦେଖାଇଛି। ସୁତରାଂ ମୋଦୀଙ୍କ ସହ ଏନ୍‌ଏସ୍‌ଏ

▶▶ ୫

**ସକ୍ରିୟ ହେଲା ଭାରତୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ**

## ଶତ୍ରୁପକ୍ଷର ସବୁ ପ୍ରୟାସ, ରଣନୀତି ବିଫଳ

ପାକିସ୍ତାନ ପଟୁ ଶୁକ୍ରବାର ସନ୍ଧ୍ୟାରେ ଭାରତ ବିରୋଧରେ ହୋଇଥିବା ଆକ୍ରମଣ ଏବେ ମୁଖ୍ୟ ଶିରୋନାମା ପାଲଟିଛି। ରିପୋର୍ଟ ଅନୁସାରେ ପାକିସ୍ତାନ ସେନା ଜମ୍ମୁ, ସାମ୍ବା, ରାଜୌରୀ, ପଠାନ୍‌କୋଟ୍, ପୋଖରନ୍, ଲଖନପୁର, ନୌସେରା ସମେତ ପ୍ରାୟ ୨୬ଟି ସ୍ଥାନରେ ଡ୍ରୋନ୍ ଆକ୍ରମଣ କରିବାକୁ ଉଦ୍ୟମ କରିଛି। ୯୦ ମିନିଟ୍‌ରେ ୧୦୦ରୁ ଊର୍ଦ୍ଧ୍ୱ ଡ୍ରୋନ୍ ମାଡ଼ କରିଛି ପାକିସ୍ତାନ। ତେବେ ଭାରତୀୟ ସେନା ଏସବୁ ସ୍ଥାନରେ ଏୟାର ଡିଫେନ୍ସ ସିଷ୍ଟମ୍‌କୁ ସକ୍ରିୟ କରିବା ସହ ପାକିସ୍ତାନର ଏହି ଆକ୍ରମଣକୁ ବିଫଳ କରିଦେଇଛି। ଭାରତୀୟ ସେନାର ଆଣ୍ଟି ଡ୍ରୋନ୍ ଏବଂ ଆଣ୍ଟି ମିସାଇଲ୍ ସିଷ୍ଟମ୍‌ଗୁଡ଼ିକ (ପ୍ରତିରକ୍ଷା) ପ୍ରଣାଳୀଗୁଡ଼ିକ ପାକିସ୍ତାନ ପଟୁ ମାଡ଼ କରାଯାଇଥିବା ସମସ୍ତ ଡ୍ରୋନ୍ ଏବଂ ମିସାଇଲଗୁଡ଼ିକୁ ଭାରତ ବିଫଳ କରିଦେଇଛି। ଭାରତର ଏପ୍ରକାର ପ୍ରତିରକ୍ଷା ବ୍ୟବସ୍ଥାକୁ ନେଇ ବ୍ୟତିବ୍ୟସ୍ତ ହୋଇପଡିଥିବା ପାକିସ୍ତାନ ସେନା ଏବେ ଅନ୍ୟ ଉପାୟ ନପାଇ ଜମ୍ମୁ କାଶ୍ମୀରରେ ଗୁଳିଗୋଳା ବର୍ଷା କରିବାର ଆରମ୍ଭ କରିଦେଇଛି।

▶▶ ୫

**ଯୁଦ୍ଧରେ ସାମିଲ ହେବ ଟେରିଟୋରିଆଲ୍ ଆର୍ମି**

## ସେନାକୁ ସହଯୋଗ କରିବାକୁ ଆସିଲା ଡାକରା

**ବାତିଲ ହେଲା ସବୁ ସେନାଧିକାରୀଙ୍କ ଛୁଟି**

ଭାରତ-ପାକିସ୍ତାନ ଉତ୍ତେଜନା ସ୍ଥିତି ମଧ୍ୟରେ ଟେରିଟୋରିଆଲ୍ ଆର୍ମିକୁ ଡାକରା ଆସିଛି। ଭାରତ ସରକାର ଏ ନେଇ ସ୍ଥଳସେନା ମୁଖ୍ୟଙ୍କୁ ଦାୟିତ୍ୱ ଦେଇଛନ୍ତି। ସ୍ଥଳସେନାଧ୍ୟକ୍ଷ ମଧ୍ୟ ଅବିଳମ୍ବେ ଏକ ନୋଟିସ୍ ଜାରିକରିବା ପୂର୍ବକ ଟେରିଟୋରିଆଲ୍ ଆର୍ମିର ଅଧିକାରୀ ଓ ଯବାନମାନଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଟେରିଟୋରିଆଲ୍ ଆର୍ମି ମୁଖ୍ୟତଃ ଯୁଦ୍ଧ ସମୟରେ ସେନାକୁ ସହଯୋଗ କରିବ। ୩୨ଟି ବାଟାଲିୟନରୁ ୧୪ଟି ଟେରିଟୋରିଆଲ୍ ଆର୍ମି ବାଟାଲିୟନ ବିଭିନ୍ନ କମାଣ୍ଡରେ ମୁତୟନ ହେବେ ବୋଲି ସୂଚନା ମିଳିଛି। ନିୟମିତ ସେନାର ଦ୍ୱିତୀୟ ବାହିନୀ ଭାବରେ ଏହାର ଭୂମିକା ପାଇଁ ଜଣାଶୁଣା ଟେରିଟୋରିଆଲ୍ ଆର୍ମିରେ ଇନଫାଣ୍ଟ୍ରି ବାଟାଲିୟନ୍ ଯବାନ ସାମିଲ ହୋଇଥାନ୍ତି ଯେଉଁମାନେ ଜାତୀୟ ଜରୁରିକାଳୀନ ପରିସ୍ଥିତି ପାଇଁ ସାମରିକ ତାଲିମ ଗ୍ରହଣ କରିଥାନ୍ତି। ଟେରିଟୋରିଆଲ୍ ଆର୍ମି ୟୁନିଟ୍‌ଗୁଡ଼ିକୁ ଦକ୍ଷିଣ, ପୂର୍ବ, ପଶ୍ଚିମ, କେନ୍ଦ୍ରୀୟ, ଉତ୍ତର ଏବଂ ଦକ୍ଷିଣ ପଶ୍ଚିମ କମାଣ୍ଡ ସହିତ ଆଣ୍ଡାମାନ ଏବଂ ନିକୋବର କମାଣ୍ଡ ଏବଂ ସେନା ତାଲିମ୍ କମାଣ୍ଡ ସମେତ ବିଭିନ୍ନ ପ୍ରମୁଖ ସାମରିକ ଜୋନରେ ନିୟୋଜିତ କରାଯିବ। ସେହିପରି କେନ୍ଦ୍ର ପ୍ରତିରକ୍ଷା

▶▶ ୫

## ଶ୍ରୀମନ୍ଦିର ସୁରକ୍ଷାରେ ସଶସ୍ତ୍ର ବାହିନୀ



**ପୁରୀ,୯।୫/ଏନ୍‌ଏନ୍‌ଏସ୍:** ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ସ୍ଥିତିକୁ ନେଇ ପୁରୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଶ୍ରୀମନ୍ଦିର ନିକଟରେ ସଶସ୍ତ୍ର ପୁଲିସ ବାହିନୀ ମୁତୟନ ହୋଇଥିବା ବେଳେ ପୁରୀ ସହରର ବିଭିନ୍ନ ସ୍ଥାନରେ ସୁରକ୍ଷା ବଢ଼ାଇ ଦିଆଯାଇଛି। ଗତକାଲି ରାତିରେ ବିଭିନ୍ନ ସ୍ଥାନରେ ନାକା ଲଗାଯାଇ ଜୋରଦାର ଚେକିଂ ବ୍ଲକିଂ କରାଯାଇଥିଲା। ଆତଙ୍କି ଆକ୍ରମଣକୁ ପ୍ରତିହତ କରିବା ଲାଗି ପୁରୀ ପୁଲିସ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ପୁରୀରେ ଥିବା ବିଭିନ୍ନ ହୋଟେଲ୍ ଓ ଲଜ୍‌ଗୁଡିକରେ ଚେକିଂ କରାଯାଇଛି। ମୁଖ୍ୟ ପ୍ରବେଶ ପଥ ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଚେକିଂ କରାଯାଉଛି। ପୁରୀ ପୁଲିସର ଏକାଧିକ ଟିମ୍ ବିଭିନ୍ନ ସ୍ଥାନରେ ଯାଞ୍ଚ କରୁଛନ୍ତି। ସହରର ସବୁ ପ୍ରବେଶ ପଥରେ ନାକା ଚେକିଂ ଜୋରଦାର୍ କରାଯାଇଛି। ଏଥିସହ ଜଳ ଭାଗରେ ମଧ୍ୟ ଚେକିଂ ଜୋରଦାର୍ କରାଯାଉଛି। ଯୁଦ୍ଧ ପରିସ୍ଥିତିରେ ପୁଲିସ ପ୍ରଶାସନ ପର୍ଯ୍ୟଟକଙ୍କ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦେଇଥିବା ନେଇ ଏସ୍‌ପି ବିନୀତ ଅଗ୍ରୱାଲ ପ୍ରକାଶ କରିଛନ୍ତି।

## ଚାନ୍ଦିପୁରରେ ହାଇଆଲର୍ଟ, ସୁରକ୍ଷା କଡ଼ାକଡ଼ି

**ବାଲେଶ୍ୱର,୯।୫/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟୀ ଏବଂ ଗୋଳାବାରୁଦ କାରଖାନା ଅଞ୍ଚଳରେ ହାଇ ଆଲର୍ଟ ଜାରି ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏନେଇ ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ହୋଇଛି। ସୂଚନା ଅନୁସାରେ ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷଣ ଘାଟୀ ଏବଂ ଗୋଳାବାରୁଦ କାରଖାନା ଦେଶର ପ୍ରତିରକ୍ଷା କ୍ଷେତ୍ରରେ ଏକ ପ୍ରମୁଖ ଅନୁଷ୍ଠାନ। ଏଠାରେ ଅଗ୍ନି, ତ୍ରିଶୂଳ ଓ ପୃଥ୍ୱୀ ଭଳି ସ୍ୱଳ୍ପ, ମଧ୍ୟମ ଏବଂ ଦୂରଗାମୀ କ୍ଷେପଣାସ୍ତ୍ର ପରୀକ୍ଷଣ ପରେ ସେନାବାହିନୀରେ ସାମିଲ ହୋଇଥାଏ। ସମ୍ଭାବ୍ୟ ଭାରତ-ପାକସ୍ତାନ ଯୁଦ୍ଧ ଦୃଷ୍ଟିରୁ ଏହାର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ବଢ଼ାଇ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ପୂର୍ବାଞ୍ଚଳ ପୁଲିସ ଡିଆଇଜି ସତ୍ୟଜିତ ନାୟକଙ୍କ ଅଧ୍ୟକ୍ଷତାରେ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟୀ ତଥା ଗୋଳାବାରୁଦ କାରଖାନାର ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେଶର ଏଭଳି ସମୟରେ ଯେ କୌଣସି ପରିସ୍ଥିତିରେ ଚାନ୍ଦିପୁରର ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି।

**ଭିଜନ୍ ଡକ୍ୟୁମେଣ୍ଟର ଚୂଡ଼ାନ୍ତ ପ୍ରସ୍ତୁତି ପାଇଁ ବିଶେଷଜ୍ଞଙ୍କ ପରାମର୍ଶ ଗ୍ରହଣ**

# ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା, ପ୍ରସ୍ତୁତ ୩୬ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୯।୫/ଏନ୍‌ଏନ୍‌ଏସ୍:** ଓଡ଼ିଶାକୁ ୫୦୦ ବିଲିଅନ୍ ଡଲାର୍ ଅର୍ଥନୀତିରେ ପରିଣତ କରାଯିବ। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ହେବ। ଏଥିପାଇଁ ୩୬ଟି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ସ୍ୱଳ୍ପରେ କହିଲେ '୩୬ ପାଇଁ ୩୬'। ସମାଜର ଶେଷସ୍ତରରେ ଥିବା ଲୋକମାନେ ଯେପରି ସବୁ ପ୍ରକାରର ମୌଳିକ ସୁବିଧା ପାଇପାରିବେ, ସେଥିପାଇଁ ପଦକ୍ଷେପ ନିଆଯିବ।

ଶୁକ୍ରବାର ଲୋକସେବା ଭବନର କନ୍‌ଭେନ୍‌ସନ୍ ହଲ୍‌ଠାରେ

**ଶେଷ ସ୍ତରରେ ଥିବା ଲୋକଙ୍କୁ ସବୁ ପ୍ରକାରର ମୌଳିକ ସୁବିଧା: ମୁଖ୍ୟମନ୍ତ୍ରୀ**




'ଭିଜନ୍ ଓଡ଼ିଶା ୨୦୩୬ ଓ ୨୦୪୭' ପାଇଁ ଆୟୋଜିତ ରାଜ୍ୟସ୍ତରୀୟ 'ପରାମର୍ଶ କର୍ମଶାଳା'ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଭିଜନ୍ ଡକ୍ୟୁମେଣ୍ଟ ସାଢ଼େ ୪ କୋଟି ଓଡ଼ିଆଙ୍କ ସ୍ୱପ୍ନର ଏକ ରୋଡ୍‌ମ୍ୟାପ୍। ଏହା ଆମ ଭବିଷ୍ୟତର ପିଢ଼ିଙ୍କ ପାଇଁ ଏକ ବଡ଼ ପ୍ରତିଶ୍ରୁତି। ଆମର ଭିଜନ୍ ଡକ୍ୟୁମେଣ୍ଟ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିସାରିଛି। ବିଶେଷଜ୍ଞଙ୍କ ପରାମର୍ଶ ପରେ ଚୂଡ଼ାନ୍ତ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯିବ। ଏନେଇ ଏକ ରାଜ୍ୟସ୍ତରୀୟ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଛି। ପରେ ସମ୍ବଲପୁର, ବାଲେଶ୍ୱର ଓ ଜୟପୁରରେ ଆହୁରି ତିନୋଟି ଆଞ୍ଚଳିକ କର୍ମଶାଳା ଅନୁଷ୍ଠିତ ହେବ।

ମୁଖ୍ୟମନ୍ତ୍ରୀ କହିଲେ, ୨୦୩୬ ସୁଦ୍ଧା ପ୍ରମୁଖ କ୍ଷେତ୍ରଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବା ପାଇଁ ୩୬ଟି ସର୍ବୋଚ୍ଚ ପ୍ରାଥମିକ କାର୍ଯ୍ୟକ୍ରମ ଚିହ୍ନଟ କରାଯାଇଛି। ଏହା ଏକ ରଣନୈତିକ ପଦକ୍ଷେପ। ଏହି ପଦକ୍ଷେପ ଓଡ଼ିଶାର ଅଭିବୃଦ୍ଧିର ଯାତ୍ରାକୁ ତ୍ୱରାନ୍ୱିତ କରିବ ବୋଲି ସେ କହିଥିଲେ। ଏହି ଭିଜନ୍ ହାସଲ ପାଇଁ ଅର୍ଥନୀତି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି, ପର୍ଯ୍ୟଟନ, ବିଜ୍ଞାନ ଓ ଗବେଷଣା, ଅଭିନବ ଚିନ୍ତାଧାରା, ମହିଳା ସଶକ୍ତିକରଣ, ଗ୍ରାମ ବିକାଶ, ଆଦିବାସୀ କଲ୍ୟାଣ, ଓଡ଼ିଆ ଭାଷା, ସଂସ୍କୃତି ଓ ଅସ୍ମିତାର ପ୍ରସାର ଆଦି ୩୬ଟି କ୍ଷେତ୍ରରେ ସ୍ୱଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇ ପଦକ୍ଷେପ ମାନ ଗ୍ରହଣ କରାଯିବ।

ଆମର ଭିଜନ୍ ୨୦୩୬ ଏବଂ ୨୦୪୭ ଡକୁମେଣ୍ଟ ହେଉଛି ଏକ ସମୃଦ୍ଧ, ବିକଶିତ ଏବଂ ଗର୍ବିତ ଓଡ଼ିଶା ଗଠନ ପାଇଁ ଆମର ମହତ୍ୱାକାଂକ୍ଷୀ ସଂକଳ୍ପ - ଏକ 'ବିକଶିତ ଓଡ଼ିଶା', ଯାହା 'ବିକଶିତ ଭାରତ' ମଧ୍ୟରେ ଏକ ଉଜ୍ଜ୍ୱଳ ତାରକା ଭାବରେ ଉଦୀୟମାନ ହେବ।

ଡକ୍ୟୁମେଣ୍ଟ ପ୍ରସ୍ତୁତି ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ, ପ୍ରଧାନମନ୍ତ୍ରୀଙ୍କ 'ଜନ ଭାଗିଦାରୀ' ଦର୍ଶନକୁ ସମର୍ଥନ କରି ଆମେ ପରାମର୍ଶ ପାଇଁ ଦ୍ୱାର ଖୋଲିଥିଲୁ ଏବଂ ଓଡ଼ିଶାର ନାଗରିକ ଓ ପ୍ରବାସୀ ଓଡ଼ିଆଙ୍କଠାରୁ ୩.୨ ଲକ୍ଷରୁ ଅଧିକ ପ୍ରସ୍ତାବ ମିଳିସାରିଛି। ଆମର ଭିଜନ୍ ଡକ୍ୟୁମେଣ୍ଟ ଲୋକଙ୍କ ପାଇଁ ଏବଂ ଲୋକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଛି। ଏହି ଡକ୍ୟୁମେଣ୍ଟ ପ୍ରସ୍ତୁତ କରିବା ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍‌ସର ବ୍ୟବହାର କରାଯାଇଛି। ଓଡ଼ିଶା ହେଉଛି ଭାରତର ପ୍ରଥମ ରାଜ୍ୟ, ଯାହା କୃତ୍ରିମ ବୁଦ୍ଧିମତ୍ତାର ସହାୟତାରେ ଜନସାଧାରଣ ଦେଇଥିବା ତଥ୍ୟ ଓ ପରାମର୍ଶଗୁଡ଼ିକୁ ବିଶ୍ଳେଷଣ କରି ଏହି ଦସ୍ତାବିଜ ପ୍ରସ୍ତୁତ କରୁଛନ୍ତି।

ବିଧାୟକ ଓ ସାଂସଦଙ୍କଠାରୁ ମଧ୍ୟ ସେମାନଙ୍କର ଦୀର୍ଘ ଦିନର ଅଭିଜ୍ଞତା ଦୃଷ୍ଟିରୁ, ତାଙ୍କର ମୂଲ୍ୟବାନ ମତାମତ ଦେବାପାଇଁ ପତ୍ର ଜରିଆରେ ଅନୁରୋଧ କରାଯାଇଛି। ଏହି ରାଜ୍ୟସ୍ତରୀୟ କର୍ମଶାଳାରେ ଅଭିଜ୍ଞ ପ୍ରଶାସକ, ଶିକ୍ଷାବିତ୍, ଜନପ୍ରତିନିଧି, ଶିଳ୍ପ ଏବଂ ନାଗରିକ ସମାଜର ପ୍ରତିନିଧି, ଓଡ଼ିଶାର କଳା,

▶▶ ୫

## ବଢ଼ିଲା ପାରାଦୀପ ବନ୍ଦରର ସୁରକ୍ଷା



**ପାରାଦୀପ,୯।୫/ଏନ୍‌ଏନ୍‌ଏସ୍:** ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ଦେଖି ପାରାଦୀପ ବନ୍ଦରର ସୁରକ୍ଷାକୁ ବୃଦ୍ଧି କରାଯାଇଛି। ହାଇ ଆଲର୍ଟରେ ରହିଥିବା ବନ୍ଦରର ସୁରକ୍ଷା ବ୍ୟବସ୍ଥାକୁ ୨ୟ ସ୍ତରକୁ ବଢ଼ାଇ ଦିଆଯାଇଛି। ବନ୍ଦର ନିଷିଦ୍ଧାଞ୍ଚଳରେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ସମସ୍ତ ୫ଟି ଗେଟ୍‌ରେ ସିଆଇଏସ୍‌ଏଫ୍ ପକ୍ଷରୁ କଡ଼ା ଯାଞ୍ଚ କରାଯାଉଛି। ଏହାଛଡ଼ା ପାରାଦୀପରେ ଥିବା ଆଇଓସିଏଲ୍, ଇଫ୍‌କୋ, ପିପିଏଲ୍, ୪ଟି ତୈଳ ଟର୍ମିନାଲ୍ ଓ ଗୋଟିଏ ଗ୍ୟାସ୍ ଟର୍ମିନାଲ୍‌ରେ ମଧ୍ୟ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ସମସ୍ତ ଗେଟ୍‌ଗୁଡିକରେ ସିକ୍ୟୁରିଟିକୁ ବଢ଼ାଇ ଦିଆଯାଇଛି। ସମୁଦ୍ରରେ କୋଷ୍ଟଗାର୍ଡ ଜାହାଜ ମଧ୍ୟ ପଇଁତରା ମାରୁଥିବା ସୂଚନା ମିଳିଛି। ତେବେ ଆଜି ଜଟାଧାର ସାମୁଦ୍ରିକ ଥାନା ଓ ଆଦର୍ଶ ଥାନା ଅଞ୍ଚଳ ଯଥା ଷଣ୍ଢକୁଦ, ବଡ଼ପଡ଼ିଆ ଅଞ୍ଚଳରେ ପୁଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ କରାଯାଇଥିବା ବେଳେ ଏଥିରେ ସ୍ଥାନୀୟ ଅଞ୍ଚଳର ମୁରବୀମାନଙ୍କୁ ମଧ୍ୟ ସାମିଲ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳରେ ଯଦି କୌଣସି ସନ୍ଦେହଜନକ ଜିନିଷ କିମ୍ବା ସନ୍ଦେହଜନକ ବ୍ୟକ୍ତିଙ୍କୁ ଦେଖନ୍ତି, ତେବେ ସଙ୍ଗେ ସଙ୍ଗେ ପୁଲିସକୁ ଖବର ଦେବା ପାଇଁ ପରାମର୍ଶ ଦିଆଯାଇଥିବା ଅତିରିକ୍ତ ଏସ୍‌ପି ପ୍ରକାଶ କରିଛନ୍ତି।




ନିତିଦିନ NITIDIN



ଉରି ସେକ୍ଟରର ସଲାମାବାଦ୍‌ରେ ଅନେକ ଲୋକଙ୍କ ଘରଦ୍ୱାର ଭାଙ୍ଗିଯାଇଥିବା ବେଳେ କିଛି ଲୋକ ସେମାନଙ୍କ ସମ୍ପର୍କୀୟଙ୍କୁ ହରାଇଛନ୍ତି।



ମେ' ୮ରେ ପୁଞ୍ଛ ସେକ୍ଟରରେ ପାକିସ୍ତାନ ପକ୍ଷରୁ ହୋଇଥିବା ଗୁଳିଗୋଳା ମାଡ଼ରେ ମୃତ୍ୟୁବରଣ କରିଥିବା ୧୩ ବର୍ଷୀୟ ୱିହାନ୍ ବରଗବା ନାମକ ଜଣେ ନାବାଳକଙ୍କୁ ନେଉଛନ୍ତି ସମ୍ପର୍କୀୟ।



ଏଲ୍ଓସିରେ ଉତ୍ତେଜନା ତଥା ପାକିସ୍ତାନ ପଟୁ ଗୁଳିମାଡ଼ରେ ଅତିଷ୍ଠ ମିଶ୍ରୀୱାଲା ଅଞ୍ଚଳର ସ୍ଥାନୀୟ ଲୋକେ ନିଜ ଘରଦ୍ୱାର ଛାଡି ପଳାୟନ କରୁଛନ୍ତି।

### ପାକିସ୍ତାନ ସହ ଉତ୍ତେଜନା ମଧ୍ୟରେ ଭାରତର ବଡ଼ ନିଷ୍ପତ୍ତି

## ୨୪ ବିମାନବନ୍ଦରରେ ମେ' ୧୫ ପର୍ଯ୍ୟନ୍ତ ବିମାନ ସେବା ବାତିଲ୍

**ନୂଆଦିଲ୍ଲୀ,୯।୫/ଏଜେନ୍ସି:** ପାକିସ୍ତାନ ସହିତ ଭାରତର ଉତ୍ତେଜନା ବୃଦ୍ଧି ପାଇବା ମଧ୍ୟରେ କେନ୍ଦ୍ର ସରକାର ୨୪ଟି ବିମାନବନ୍ଦର ମେ ୧୫ ପର୍ଯ୍ୟନ୍ତ ବିମାନ ସେବା ବାତିଲ କରିଛନ୍ତି। ଆସନ୍ତା ମେ' ୧୫ ତାରିଖ ସକାଳ ୫.୨୯ ପର୍ଯ୍ୟନ୍ତ ଏହି ୨୪ଟି ବିମାନବନ୍ଦର ବନ୍ଦ ସହିତ ବିମାନ ସେବାକୁ ବାତିଲ କରାଯାଇଛି। ପାକିସ୍ତାନ ସହ ଉତ୍ତେଜନା ବୃଦ୍ଧି ପାଇବା ଯୋଗୁଁ ବିମାନ ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହି ପଦକ୍ଷେପ ନେଇଥିବା ଜଣାପଡ଼ିଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ମିଳିଥିବା ସୂଚନା ଅନୁଯାୟୀ ମେ ୧୦ ପର୍ଯ୍ୟନ୍ତ ୨୪ଟି ବିମାନବନ୍ଦର ବେସାମରିକ ବିମାନ ଚଳାଚଳ ବାତିଲ କରାଯାଇଥିଲା। ଏହି ତାରିଖକୁ ଏବେ ମେ ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଅର୍ଥାତ ୨୪ଟି ବିମାନବନ୍ଦର ମେ ୧୫ ପର୍ଯ୍ୟନ୍ତ ବିମାନ ସେବାକୁ ବାତିଲ କରାଯାଇଛି। ତେବେ ଏହି ୨୪ ବିମାନବନ୍ଦର ମଧ୍ୟରେ ଶ୍ରୀନଗର, ଜମ୍ମୁ, ଅମୃତସର, ଲେହ, ଚଣ୍ଡିଗଡ଼, ଧର୍ମଶାଳା, ବିକାନେର, ରାଜକୋଟ, ଯୋଧପୁର ଏବଂ କିଶନଗଡ଼ ଆଦି ବିମାନବନ୍ଦର ସାମିଲ ରହିଛି। ଦେଶବାସୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯିବା ପରିପ୍ରେକ୍ଷୀରେ ଏହି ନିଷ୍ପତ୍ତି ନିଆଯାଇଥିବା ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି।

## ଲଢ଼େଇକୁ ୩/୪ ଦିନ ହୋଇନି

# ଆତ୍ମସମର୍ପଣ ସ୍ଥିତିରେ ପାକିସ୍ତାନ

### ବନ୍ଧୁ ରାଷ୍ଟ୍ରଙ୍କୁ ଋଣ ପାଇଁ ହାତ ପତାଇଲେ ପାକ୍ ପ୍ରଧାନମନ୍ତ୍ରୀ
### ଗିରଫ ହେବା ସ୍ଥିତିରେ ପାକ୍ ସେନା ମୁଖ୍ୟ ଅସୀମ ମୁନିର୍
### ମୁଣ୍ଡବିନ୍ଧା ସାଜିଛି ବଲୁଚ ବିଦ୍ରୋହୀଙ୍କ ଗୃହଯୁଦ୍ଧ

**ଇସଲାମାବାଦ୍,୯।୫/ଏଜେନ୍ସି:** ଭାରତ ସହ ଆରମ୍ଭ ହୋଇଥିବା ଲଢ଼େଇକୁ ମାତ୍ର ୩/୪ ଦିନ ହିଁ ହୋଇଛି। ବାସ୍ ଏତିକିରେ ପାକିସ୍ତାନର ଅବସ୍ଥା ଖରାପ ହୋଇସାରିଲାଣି। ଏପ୍ରକାର ହସ୍ତଗତ ହୋଇଥିବା ଏକ ଗୁଇନ୍ଦା ରିପୋର୍ଟକୁ ନେଇ ବିଶ୍ୱସ୍ତରରେ ଚର୍ଚ୍ଚା ଆରମ୍ଭ ହୋଇଛି। ରିପୋର୍ଟ ଅନୁସାରେ ପାକିସ୍ତାନ ପାଖରେ ଯୁଦ୍ଧ ଲଢ଼ିବା ପାଇଁ ଘୋର ଅର୍ଥାଭାବ ରହିଥିବା ବେଳେ ପାକିସ୍ତାନ ସରକାର ଏବେ ନିଜ ବନ୍ଧୁ ରାଷ୍ଟ୍ରଙ୍କୁ ଋଣ ପାଇଁ ଅନୁରୋଧ କରିବା ଆରମ୍ଭ କରିଦେଇଛନ୍ତି। ଗୋଟିଏ ପଟେ ଯେଉଁଠି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ଏବଂ ବିଶ୍ୱ ବ୍ୟାଙ୍କ୍ ଭଳି ଅନ୍ତର୍ଜାତୀୟ ଆର୍ଥିକ ଅନୁଷ୍ଠାନ ପାକିସ୍ତାନକୁ ଋଣ ଦେବାକୁ ପଛଘୁଞ୍ଚା ଦେଉଛନ୍ତି ସେତେବେଳେ ପାକିସ୍ତାନ ପାଇଁ ଅନ୍ୟ ରାଷ୍ଟ୍ରଙ୍କୁ ଋଣ ପାଇଁ ଅନୁରୋଧ କରିବା ପରିସ୍ଥିତି ଆସିଯାଇଛି।

କେବଳ ସେତିକି ନୁହେଁ ଭାରତ ପକ୍ଷରୁ ହେଉଥିବା କ୍ରମାଗତ ଡ୍ରୋନ୍ ଆକ୍ରମଣରେ ପାକିସ୍ତାନର ପ୍ରାୟ ୪୦%ରୁ ଅଧିକ ସାମରିକ ପ୍ରତିଷ୍ଠାନଗୁଡ଼ିକ ଧୂଳିସାତ୍ ହୋଇଯାଇସାରିଛି।

ଏତଦ୍‌ବ୍ୟତୀତ ପାକିସ୍ତାନ ସେନା ପାଇଁ ଏବେ ଗୋଳାବାରୁଦ, ଡ୍ରୋନ୍, ଏପରିକି ମିସାଇଲଗୁଡ଼ିକର ମଧ୍ୟ ଅଭାବ ଦେଖାଦେଇଛି। ଅତିବେଶୀରେ ପାକିସ୍ତାନ ଅତିବେଶୀରେ ଆଉ ୩/୪ ଦିନ (୯୬ ଘଣ୍ଟା) ହିଁ ଲଢ଼ିପାରିବ। ଏହାର ସ୍ପଷ୍ଟ ଅର୍ଥ ହେଉଛି ଯେ ଯଦି ଭାରତ ପାକିସ୍ତାନ ବିରୋଧରେ ଏକ ପୂର୍ଣ୍ଣାଙ୍ଗ ଯୁଦ୍ଧ ଆରମ୍ଭ କରେ, ତେବେ ପାକିସ୍ତାନ ପାଖରେ ଆତ୍ମସମର୍ପଣ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ। ଏପରି ପରିସ୍ଥିତିରେ, ପାକିସ୍ତାନ ଏବେ କେଉଁ ସାମର୍ଥ୍ୟରେ ଭାରତ ସହ ଯୁଦ୍ଧକୁ ଆଗକୁ ବଢ଼ାଇବ ତାହା ହିଁ ପାକିସ୍ତାନ ପାଇଁ ଚିନ୍ତାର କାରଣ ସାଜିଛି। ତେବେ ପାକିସ୍ତାନର



ଏପ୍ରକାର ସାମରିକ ଉପକରଣ, ଅସ୍ତ୍ରଶସ୍ତ୍ର ସଙ୍କଟର ମୁଖ୍ୟ କାରଣ ହେଉଛି, ପାକିସ୍ତାନ ନିକଟ ଅତୀତରେ ୟୁକ୍ରେନ୍ ଏବଂ ଇସ୍ରାଏଲକୁ ବିପୁଳ ପରିମାଣରେ ୧୫୫ ଏମ୍ଏମ୍ ତୋପ ସେଲ ଏବଂ ୧୨୨ ଏମ୍ଏମ୍ ରକେଟ ରପ୍ତାନି କରିଥିଲା। ୨୦୨୩ ଫେବୃଆରୀ ଏବଂ ମାର୍ଚ୍ଚ ମଧ୍ୟରେ, ପାକିସ୍ତାନ ୟୁକ୍ରେନ୍‌କୁ ୪୨,୦୦୦ ୧୨୨ଏମ୍ଏମ୍ ରକେଟ୍ ଏବଂ ୬୦,୦୦୦ ୧୫୫ ଏମ୍ଏମ୍ ହାୱିଜର୍ ସେଲ ପଠାଇଥିଲା, ଯାହା ଫଳରେ ଏହାର ଘରୋଇ ଷ୍ଟକ ଗୁରୁତର ଭାବରେ ଶୂନ୍ୟ ହୋଇଯାଇଥିଲା। ଏହି ପରିସ୍ଥିତି ଯୋଗୁଁ ପାକିସ୍ତାନ ଏବେ ସାମରିକ ଅଭ୍ୟାସକୁ ସ୍ଥଗିତ ରଖିବା ଏବଂ ରାଶନ ହ୍ରାସ କରିବା ଭଳି ପଦକ୍ଷେପ ନେବାକୁ ବାଧ୍ୟ ହୋଇଛି।

ପ୍ରକାଶ, ଭାରତ ପ୍ରଥମ ଆକ୍ରମଣରେ ହିଁ ଆତଙ୍କବାଦୀଙ୍କ ଆଡ୍ଡା ସହ ପାକିସ୍ତାନର ପ୍ରତିରକ୍ଷା କେନ୍ଦ୍ର, ସେନା ଶିବିରଗୁଡ଼ିକୁ ଟାର୍ଗେଟ୍ କରି ଏସବୁକୁ ମାତ୍ରାଧିକ ଭାବେ ବିପର୍ଯ୍ୟସ୍ତ କରିଦେଇସାରିଛି। ପାକିସ୍ତାନ ଗୋଟିଏ ପଟେ ଭାରତ ସହ ଲଢ଼େଇ ଲଢୁଥିବା ବେଳେ ଏବେ ଏହା ପାଇଁ ଆଉ ଏକ ବଡ଼ ଚିନ୍ତାର କାରଣ ସାଜିଛି ବଲୁଚ ଲିବରେସନ୍ ଆର୍ମି (ବିଏଲ୍ଏ)। ଏମାନେ ଏବେ ପାକିସ୍ତାନ ଠାରୁ ମୁକ୍ତ ହୋଇ ସ୍ୱତନ୍ତ୍ର ବଲୁଚ ପ୍ରଦେଶ ଗଠନ କରିବା ଦାବିକୁ ଜୋରଦାର କରିଛନ୍ତି। ଫଳରେ ପାକିସ୍ତାନ ଏବେ ଗୃହଯୁଦ୍ଧର ମଧ୍ୟ ଶିକାର ହୋଇଛି। ଦେଶର ଏପ୍ରକାର ପରିସ୍ଥିତି ମଧ୍ୟରେ ପାକିସ୍ତାନ ସେନାରେ ମଧ୍ୟ ବିଦ୍ରୋହ ଦେଖାଦେଇଛି। ପରିସ୍ଥିତି ଏବେ ଏପରି ହୋଇଛି ଯେ, ପାକ୍ ସେନା ମୁଖ୍ୟ ଅସୀମ ମୁନିରଙ୍କୁ କୌଣସି ସମୟରେ ମଧ୍ୟ ଗିରଫ କରାଯାଇପାରେ ଏବଂ ତାଙ୍କ ସ୍ଥାନରେ ଆଉ ଜଣେ ନୂଆ ଅଧିକାରୀଙ୍କୁ ଅବସ୍ଥାପିତ କରାଯାଇପାରେ।

## ଖାଦ୍ୟ ସାମଗ୍ରୀ କଳାବଜାରୀ ନକରିବାକୁ କେନ୍ଦ୍ରର ଚେତାବନୀ

**ନୂଆଦିଲ୍ଲୀ,୯।୫/ଏଜେନ୍ସି:** ଦେଶ ଏବେ ଏକ ଅବାଞ୍ଛିତ ଯୁଦ୍ଧ ଲଢୁଥିବା ବେଳେ ଦେଶରେ ଯେପରି ଖାଦ୍ୟ ସାମଗ୍ରୀ କଳାବଜାରୀ ନହୁଏ ସେନେଇ କେନ୍ଦ୍ର ସରକାର ଶୁକ୍ରବାର ଚେତାବନୀ ଦେଇଛନ୍ତି। ଦେଶର ବ୍ୟବସାୟୀମାନଙ୍କୁ ଖାଦ୍ୟ ସାମଗ୍ରୀ କଳାବଜାରୀ ବା ଗଚ୍ଛିତ ନ କରିବାକୁ ସ୍ପଷ୍ଟ ଭାବେ ନିର୍ଦ୍ଦେଶ ଜାରି କରିଛନ୍ତି କେନ୍ଦ୍ର ସରକାର। ସରକାର କହିଛନ୍ତି ଯେ ଦେଶରେ ଖାଦ୍ୟ ସାମଗ୍ରୀର ପର୍ଯ୍ୟାପ୍ତ ମହଜୁଦ୍ ରହିଛି, ତେଣୁ ଆତଙ୍କିତ ହୋଇ ଅନାବଶ୍ୟକ ଭାବେ ମହଜୁତ କରିବାର ଆବଶ୍ୟକତା ନାହିଁ। ସେହିପରି କେନ୍ଦ୍ର ଖାଦ୍ୟ ଓ ସାର୍ବଜନୀନ ବଣ୍ଟନ ମନ୍ତ୍ରଣାଳୟ ଏକ ବିବୃତିରେ କହିଛି ଯେ ଗହମ, ଚାଉଳ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀର ଯଥେଷ୍ଟ ଗଚ୍ଛିତ ରହିଛି। ସରକାର ବ୍ୟବସାୟୀ ଓ ଖୁଚୁରା ବିକ୍ରେତାମାନଙ୍କୁ ବଜାରରେ ସାମଗ୍ରୀର ନିୟମିତ ଯୋଗାଣ ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଏଥିରେ ଖିଲାପି ହୁଏ ତେବେ ମହଜୁଦ୍‌ଦାରୀ ଏବଂ କୃତ୍ରିମ ଅଭାବ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସାଧାରଣ ଜନତାଙ୍କୁ ମଧ୍ୟ ଆତଙ୍କିତ ନହୋଇ ଆବଶ୍ୟକ ଅନୁଯାୟୀ ସାମଗ୍ରୀ କିଣିବାକୁ ଅନୁରୋଧ କରାଯାଇଛି।



ସେନା ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ଏହି ସମୟରେ ସମସ୍ତଙ୍କ ମୁହଁର ହସକୁ ନେଇ ପାକିସ୍ତାନ ଉପରେ ଭାରତର ଆକ୍ରମଣ ପ୍ରସଙ୍ଗରେ ଏବେ ଏକ ବଡ଼ ଚର୍ଚ୍ଚା ଆରମ୍ଭ ହୋଇଛି।

## ଜରୁରିକାଳୀନ କ୍ଷମତା ବ୍ୟବହାର କରିବା ପାଇଁ ରାଜ୍ୟଙ୍କୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୯।୫/ଏଜେନ୍ସି:** ପାକିସ୍ତାନ ସହିତ ଉତ୍ତେଜନା ବୃଦ୍ଧି ପାଇବା ମଧ୍ୟରେ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନାଗରିକ ସୁରକ୍ଷା ନିୟମ ଅନୁଯାୟୀ ଜରୁରୀକାଳୀନ କ୍ଷମତା ବ୍ୟବହାର କରିବାକୁ ଗୃହ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି।

ଗୃହ ମନ୍ତ୍ରଣାଳୟ ଶୁକ୍ରବାର ଦିନ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବ ଏବଂ ପ୍ରଶାସକମାନଙ୍କୁ ନାଗରିକ ପ୍ରତିରକ୍ଷା ନିୟମ ଅନୁଯାୟୀ ଜରୁରୀକାଳୀନ କ୍ଷମତା ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛି। ଆବଶ୍ୟକୀୟ ସତର୍କତାମୂଳକ ପଦକ୍ଷେପକୁ ଦକ୍ଷତାର ସହିତ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କ ପ୍ରୟାସ ସହିତ ଏହି ନିର୍ଦ୍ଦେଶନାମା ପାଳନ କରିବାକୁ କୁହାଯାଇଛି। ବିଜ୍ଞପ୍ତି ଅନୁଯାୟୀ, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ୧୯୬୮ ମସିହାର ସିଭିଲ ଡିଫେନ୍ସ ନିୟମର ଧାରା ୧୧କୁ ଲାଗୁ କରିପାରିବେ, ଯାହା ସେମାନଙ୍କର ସମ୍ପୃକ୍ତ ସିଭିଲ ଡିଫେନ୍ସ ନିର୍ଦ୍ଦେଶକମାନଙ୍କୁ ସତର୍କତାମୂଳକ ପଦକ୍ଷେପଗୁଡ଼ିକର ତ୍ୱରିତ ଏବଂ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ଜରୁରୀକାଳୀନ କ୍ରୟ କ୍ଷମତା ପ୍ରଦାନ କରେ। ଏହି ଆଦେଶ ଆବଶ୍ୟକୀୟ ସତର୍କତାମୂଳକ ପଦକ୍ଷେପଗୁଡ଼ିକୁ ଦକ୍ଷତାର ସହିତ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କ ପ୍ରୟାସ ସହିତ ସଙ୍ଗତ।

## ଆଇସିଏଆର୍‌କୁ 'ଧରତୀ କା ଡକ୍ଟର୍' ଭେଟିଦେଲା ପତଞ୍ଜଳି



**ହରିଦ୍ୱାର, ୯।୫/ଏଜେନ୍ସି:** ଆଚାର୍ଯ୍ୟ ବାଲକୃଷ୍ଣଙ୍କ ମାର୍ଗଦର୍ଶନରେ, ପତଞ୍ଜଳି ପ୍ରତିଷ୍ଠାନ କେନ୍ଦ୍ରୀୟ ମୃତ୍ତିକା ଲବଣତା ଗବେଷଣା ପ୍ରତିଷ୍ଠାନ (ଆଇସିଏଆର୍)କୁ ଉପହାର ସ୍ୱରୂପ ସ୍ୱୟଂଚାଳିତ ମୃତ୍ତିକା ପରୀକ୍ଷଣ ଯନ୍ତ୍ର 'ଧରତୀ କା ଡକ୍ଟର' ଭେଟିଦେଇଛି। ଏହି ମେସିନର ବ୍ୟବହାର କେବଳ ଚାଷୀମାନଙ୍କୁ ସେମାନଙ୍କ କୃଷି ଜମିର ମାଟି ପରୀକ୍ଷା କରିବାରେ ସାହାଯ୍ୟ କରିବ ନାହିଁ, ବରଂ ଜୈବିକ ଏବଂ ରାସାୟନିକ ଚାଷ ପାଇଁ ଆବଶ୍ୟକ ସାର ବ୍ୟବହାର ପାଇଁ ପରାମର୍ଶ ମିଳିପାରିବ। ଏହି ମେସିନ୍ ମାଧ୍ୟମରେ, ୧୨ଟି ଜରୁରୀ ପାରାମିଟର ଆଧାରରେ ମୃତ୍ତିକା ପରୀକ୍ଷା କରାଯାଇପାରିବ ଯେଉଁଥିରେ ଉପଲବ୍ଧ ନାଇଟ୍ରୋଜେନ୍, ଫସଫରସ୍ ଏବଂ ପଟାସ ପରି ମୁଖ୍ୟ ପୁଷ୍ଟିକର ପଦାର୍ଥ ଏବଂ ବୋରନ୍, ଲୁହା, ଜିଙ୍କ୍, ତମ୍ବା ଏବଂ ମାଙ୍ଗାନିଜ୍ ପରି ଦ୍ୱିତୀୟ ପୁଷ୍ଟିକର ପଦାର୍ଥ ଅନ୍ତର୍ଭୁକ୍ତ। ଏହି ମେସିନ୍ ଭାରତ ସରକାରଙ୍କ ଦ୍ୱାରା ପେଟେଣ୍ଟ ହାସଲ କରିଥିବା ବେଳେ ସିଇ ସାର୍ଟିଫିକେଟ୍ ମଧ୍ୟ ପ୍ରାପ୍ତ କରିଛି।

## ପ୍ରିମିୟମ୍ ପେମେଣ୍ଟ ପାଇଁ ହ୍ୱାଟ୍ସଆପ୍ ବଟ୍ ସୁବିଧାର ଶୁଭାରମ୍ଭ କଲା ଏଲ୍ଆଇସି

**ମୁମ୍ବାଇ, ୯।୫/ଏଜେନ୍ସି:** ଡିଜିଟାଲ ଟ୍ରାନ୍ସଫର୍ମେସନ୍ ବା ପରିବର୍ତ୍ତନ' ପ୍ରତି ଏହାର ପ୍ରତିବଦ୍ଧତା ଏବଂ ଗ୍ରାହକ କୈନ୍ଦ୍ରିକ ଡିଜିଟାଲ ପଦକ୍ଷେପ ଆରମ୍ଭ ସହିତ, ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି) ଆଜି 'ହ୍ୱାଟସ୍ଆପ୍ ବଟ୍' ମାଧ୍ୟମରେ ପ୍ରିମିୟମ୍ ପେମେଣ୍ଟ ପାଇଁ ଅନଲାଇନ୍ ସୁବିଧା ଉନ୍ମୋଚନ କରିଛି। ୯ ମେ, ୨୦୨୫ରେ ଏଲ୍ଆଇସିର ଅନ୍ୟତମ ପରିଚାଳନା ନିର୍ଦ୍ଦେଶକ ଏମ୍. ଜଗନ୍ନାଥ, ତବଲେଶ ପାଣ୍ଡେ, ସତପାଲ ଭାନୁ, ଆର.ଦୋରାଇସ୍ୱାମୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ସୁବିଧାକୁ ଏଲଆଇସି ସିଇଓ ଏବଂ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସିଦ୍ଧାର୍ଥ ମହାନ୍ତି ଶୁଭାରମ୍ଭ କରିଛନ୍ତି। ଏହି ବିକଳ୍ପ ଏଲ୍ଆଇସି ଗ୍ରାହକମାନଙ୍କୁ ଅନ୍‌ଲାଇନରେ ପ୍ରିମିୟମ୍ ପୈଠ କରିବା ପାଇଁ ଆଉ ଏକ ବିକଳ୍ପ ବିକଳ୍ପ ପ୍ରଦାନ କରିବ। ପଞ୍ଜିକୃତ ଗ୍ରାହକ ପୋର୍ଟାଲ୍ ବ୍ୟବହାରକାରୀମାନେ ପେମେଣ୍ଟ ପାଇଁ ଥିବା ପଲିସିଗୁଡ଼ିକୁ ଟ୍ରାକ୍ କରିବା ପାଇଁ ହ୍ୱାଟ୍ସଆପ୍ ନମ୍ବର ୮୯୭୬୮୬୨୦୯୦ ବ୍ୟବହାର କରିପାରିବେ ଏବଂ ହ୍ୱାଟ୍ସଆପ୍ ବଟ୍ ମଧ୍ୟରେ ସିଧାସଳଖ ୟୁପିଆଇ/ନେଟ୍ ବ୍ୟାଙ୍କିଂ/କାର୍ଡ ଦ୍ୱାରା ମଧ୍ୟ ପେମେଣ୍ଟ କରିପାରିବେ। ପ୍ରିମିୟମ ଦେବାକୁ ଥିବା ପଲିସି ଚିହ୍ନଟ କରିବା ଠାରୁ ପେମେଣ୍ଟ କରିବା ଏବଂ ରସିଦ ଜେନେରେଟ୍ କରିବା ପର୍ଯ୍ୟନ୍ତ ସମଗ୍ର ଗ୍ରାହକ ଯାତ୍ରା ହ୍ୱାଟ୍ସଆପ୍ ବଟ୍ ମଧ୍ୟରେ ସହଜ ଭାବେ ହୋଇଥାଏ।




ଏହି ଅବସରରେ, ଭାରତୀୟ ଜୀବନ ବୀମା ନିଗମର ସିଇଓ ଏବଂ ଏମ୍‌ଡି ଶ୍ରୀ ସିଦ୍ଧାର୍ଥ ମହାନ୍ତି କହିଛନ୍ତି ଯେ, ଏହି ବିକଳ୍ପ ଏଲ୍ଆଇସି ଗ୍ରାହକମାନଙ୍କ ପାଇଁ କାର୍ଯ୍ୟକୁ ସହଜ କରିବ ଏବଂ ହ୍ୱାଟ୍ସଆପର ଦ୍ରୁତ ବର୍ଦ୍ଧିତ ମାଧ୍ୟମ ମାଧ୍ୟମରେ ଯେକୌଣସି ସ୍ଥାନରୁ, ଯେକୌଣସି ସମୟରେ ଏଲ୍ଆଇସି ପ୍ରିମିୟମ ପୈଠ କରିବାର ଏକ ସହଜ ଉପକରଣ ହେବ। ଏହି ବିକଳ୍ପ ଏଲ୍ଆଇସି ଗ୍ରାହକମାନଙ୍କୁ ଉତ୍ତମ ସେବା ସୁନିଶ୍ଚିତ କରିବା ସହିତ ଦକ୍ଷତା ଏବଂ ଉତ୍ପାଦକତା ବୃଦ୍ଧି କରିବାରେ ସାହାଯ୍ୟ କରିବ। ପ୍ରକାଶ, ଏଲ୍ଆଇସିର ଗ୍ରାହକ ପୋର୍ଟାଲରେ ୨.୨ କୋଟିରୁ ଅଧିକ ପଞ୍ଜିକୃତ ପଲିସିଧାରୀ ଅଛନ୍ତି, ଯେଉଁମାନଙ୍କ ମଧ୍ୟରୁ ପ୍ରତିଦିନ ୩ ଲକ୍ଷରୁ ଅଧିକ ଗ୍ରାହକ ବିଭିନ୍ନ ଅନ୍‌ଲାଇନ୍ ସେବା ପାଇବା ପାଇଁ ଲଗ୍ ଇନ୍ କରନ୍ତି। ଏସମ୍ପର୍କରେ ଅଧିକ ସୂଚନା ପାଇଁ ଦୟାକରି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ସିସି), ଏଲ୍ଆଇସି ଅଫ୍ ଇଣ୍ଡିଆ, କେନ୍ଦ୍ରୀୟ କାର୍ଯ୍ୟାଳୟ, ମୁମ୍ବାଇ ସହ ଯୋଗାଯୋଗ କରନ୍ତୁ। ଆମକୁ ଙଙଙ.କ୍ଷସମସଭୟସବ.ସଭରେ ପରିଦର୍ଶନ କରନ୍ତୁ।

ନିତିଦିନ NITIDIN



# ମିସା ବନ୍ଦୀଙ୍କୁ ପେନ୍‌ସନ୍ ପ୍ରଦାନ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

**ଭୁବନେଶ୍ୱର,୯।୫/ଏନ୍ଏନ୍ଏସ୍:** ରାଜ୍ୟର ୨୩ ଜଣ ମିସା ବନ୍ଦୀ (୧୯ ଜଣ ମିସା, ୪ ଜଣ ଡିଆଇଏସ୍ଆଇଆର)ମାନଙ୍କୁ ପେନ୍‌ସନ୍ ପ୍ରଦାନ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି ।ପୂର୍ବରୁ ୨୧ ଜଣ ମିସା ବନ୍ଦୀଙ୍କ ପେନ୍‌ସନ ଅନୁମୋଦନ କରାଯାଇଥିଲା । ଏହା ଫଳରେ ସମୁଦାୟ ୪୪ ଜଣ ମିସା ବନ୍ଦୀ ପେନ୍‌ସନ୍ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ସଂଗ୍ରାମୀ ମାନେ ମାସକୁ ୨୦ ହଜାର ଟଙ୍କାର ପେନ୍‌ସନ୍ ପାଇବା ସହିତ ସେମାନଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ । ଓଡ଼ିଆ ଅସ୍ମିତାର ନିଦର୍ଶନ ସ୍ୱରୂପ ବରପୁତ୍ର ଓ ସଂଗ୍ରାମୀମାନଙ୍କୁ ସମ୍ମାନ ଜଣାଇବାର ପ୍ରକ୍ରିୟା ଆରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ । ଏହି ପ୍ରକ୍ରିୟାରେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଭତ୍ତା ବୃଦ୍ଧି କରାଯାଇଛି ଏବଂ ଜରୁରୀକାଳୀନ ପରିସ୍ଥିତି ସମୟରେ ମିସା ଆଇନ୍‌ରେ ବନ୍ଦୀ ହୋଇଥିବା ସଂଗ୍ରାମୀଙ୍କ ପାଇଁ ମଧ୍ୟ ପେନ୍‌ସନ୍ ଘୋଷଣା କରାଯାଇଛି । ୨୫ ଜୁନ୍ ୧୯୭୫ ମସିହାରୁ ୨୧ ମାର୍ଚ୍ଚ ୧୯୭୭ ପର୍ଯ୍ୟନ୍ତ ଦେଶର ଜରୁରୀକାଳୀନ ପରିସ୍ଥିତିକୁ ବିରୋଧ କରି ଅନେକ ସଂଗ୍ରାମୀ ମିଶା ସହ ଅନେକ ଆଇନ ବଳରେ ଗିରଫ ହୋଇ ବିଭିନ୍ନ ଜେଲ୍‌ରେ ବନ୍ଦୀ ହୋଇଥିଲେ । ୧ ଜାନୁଆରୀ ୨୦୨୫ ସୁଦ୍ଧା ଜୀବିତ ଥିବା ସବୁ ସଂଗ୍ରାମୀ ପେନ୍‌ସନ ଓ ଚିକିତ୍ସା ସୁବିଧା ପାଇବେ ବୋଲି ନିଷ୍ପତ୍ତି କରାଯାଇଛି ।



**ସମୁଦାୟ ୪୪ ପାଇବେ ପେନ୍‌ସନ୍**

## ସ୍କାଉଟ୍ସ ଓ ଗାଇଡ୍ସ ସଦସ୍ୟଙ୍କୁ ରାଜ୍ୟପାଳଙ୍କ ଆହ୍ୱାନ

# ନିଜ କାର୍ଯ୍ୟରେ ସଚ୍ଚୋଟତା ଏବଂ ନେତୃତ୍ୱର ମୂଲ୍ୟବୋଧକୁ ଆଗକୁ ବଢ଼ାନ୍ତୁ

**ଭୁବନେଶ୍ୱର,୯।୫/ଏନ୍ଏନ୍ଏସ୍:** ଓଡିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ସଦସ୍ୟମାନେ ଏକ ଉତ୍ତମ ଭବିଷ୍ୟତର ମଶାଲ ବାହକ ହୁଅନ୍ତୁ । 'ରାଜ୍ୟ ପୁରସ୍କାର' ଆପଣଙ୍କ ଯାତ୍ରାର ଶେଷ ନୁହେଁ, ଏହା ଏକ ମାଇଲଖୁଣ୍ଟ । ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ଯୁବ ସଦସ୍ୟମାନେ ସେମାନଙ୍କ ସମସ୍ତ କାର୍ଯ୍ୟରେ ଦୟା, ସଚ୍ଚୋଟତା ଏବଂ ନେତୃତ୍ୱର ମୂଲ୍ୟବୋଧକୁ ଆଗକୁ ବଢ଼ାନ୍ତୁ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି । ଶୁକ୍ରବାର ରାଜ ଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ରାଜ୍ୟ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । ଏହାଛଡ଼ା ରାଜ୍ୟପାଳ କହିଥିଲେ ଯେ ଦେଶ ପାଇଁ ବର୍ତ୍ତମାନ ସ୍କାଉଟ୍ସ ଓ ଗାଇଡ୍ସର ପୂର୍ବ ଅପେକ୍ଷା ଅଧିକ ସମର୍ପଣ, ଶୃଙ୍ଖଳା ଏବଂ ମୂଲ୍ୟବୋଧର ଆବଶ୍ୟକତା ରହିଛି । ସେବା, ଆତ୍ମ ନିର୍ଭରଶୀଳତା ଏବଂ ନୈତିକ ସାଧୁତା ମାଧ୍ୟମରେ ଦାୟିତ୍ୱସମ୍ପନ୍ନ ନାଗରିକ ତିଆରି କରିବାରେ ସ୍କାଉଟ୍ସ ଓ ଗାଇଡ୍ସ ଆନ୍ଦୋଳନର ଭୂମିକାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶାର ଫାଷ୍ଟ ଲେଡି ଜୟଶ୍ରୀ କମ୍ଭମ୍ପାଟି ଉପସ୍ଥିତ ଥିଲେ ।

ଏହି ସମାରୋହରେ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବକ୍ତବ୍ୟ ପ୍ରଦାନ କରି ଶୃଙ୍ଖଳା ସୃଷ୍ଟି ସହ ଆହ୍ୱାନପୂର୍ଣ୍ଣ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେବାରେ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ଭୂମିକା ସମ୍ପର୍କରେ ଅବତାରଣା କରିଥିଲେ । ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏହି ସମାରୋହରେ ବକ୍ତବ୍ୟ ପ୍ରଦାନ କରି ଶିକ୍ଷା ଓ ସଂସ୍କାର, ଦେଶ ପାଇଁ ସମର୍ପିତ ହୋଇ ସେବା ନିମନ୍ତେ ସ୍କାଉଟ୍ସ ଏବଂ ଗାଇଡ୍ସ ପ୍ରେରଣା ଯୋଗାଇଥାଏ ବୋଲି କହିଥିଲେ । ପ୍ରାରମ୍ଭରେ ଓଡିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ରାଜ୍ୟ ମୁଖ୍ୟ କମିଶନର ଡ. କାଳୀ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଓଡିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ସଦସ୍ୟମାନଙ୍କୁ ୮ଟି ଭିନ୍ନ ଭିନ୍ନ ବର୍ଗରେ ପୁରସ୍କୃତ କରାଯାଇଥିଲା । ଏତଦ୍‌ବ୍ୟତୀତ ଏହି ସମାରୋହରେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ 'ଉତ୍କଳ ଜ୍ୟୋତି'ସମ୍ମାନରେ ସମ୍ମାନିତ କରାଯାଇଥିଲା ।



## ଭାରତୀୟ ଯବାନଙ୍କ ସମ୍ମାନାର୍ଥେ

# ପ୍ରଦେଶ କଂଗ୍ରେସ ପକ୍ଷରୁ ତ୍ରିରଙ୍ଗା ଯାତ୍ରା

**ଭୁବନେଶ୍ୱର,୯।୫/ଏନ୍ଏନ୍ଏସ୍:** ଅଖିଳ ଭାରତ କଂଗ୍ରେସ କମିଟିର ଆହ୍ୱାନକ୍ରମେ ପ୍ରଦେଶ କଂଗ୍ରେସ ପକ୍ଷରୁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଶୁକ୍ରବାର ପାକିସ୍ଥାନର ଆତଙ୍କବାଦକୁ ଦମନ କରିବା ପାଇଁ ବୀରତ୍ୱ, ଅସୀମ ସାହସ, ଅମାପଶକ୍ତିର ପରାକାଷ୍ଠା ପ୍ରଦର୍ଶନ କରିଥିବା ଭାରତୀୟ ଯବାନ ମାନଙ୍କର ସମ୍ମାନାର୍ଥେ ତ୍ରୀରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଯାତ୍ରା ରାମ ମନ୍ଦିର ଛକ ଠାରୁ ଆରମ୍ଭ ହୋଇ ମାଷ୍ଟରକ୍ୟାଣ୍ଟିନ ଛକଠାରେ ସମାପନ ହୋଇଥିଲା । ସେଠାରେ ସେବାଦଳ ପକ୍ଷରୁ ଭାରତର ସ୍ଥଳ, ଜଳ ଓ ବାୟୁ ସେନାଙ୍କ ପ୍ରତି ସଲାମୀ କାର୍ଯ୍ୟକ୍ରମ ହୋଇଥିଲା । ତ୍ରୀରଙ୍ଗା ଯାତ୍ରାରେ କଂଗ୍ରେସକର୍ମୀ ଜାତୀୟ ପତାକା ଧରି "ଜୟହୀନ୍ଦ", "ଜୟଜବାନ" ସ୍ଲୋଗାନ ଦେଇ ଯାତ୍ରା କରିଥିଲେ । ଏହି କାର୍ଯ୍ୟକ୍ରମରେ ଦେଶାତ୍ମକ ବୋଧକ ସଂଗୀତ ଡାକବାଜି ଯନ୍ତ୍ର ମାଧ୍ୟମରେ ପରିବେଷଣ କରାଯାଇଥିଲା । ଏହି ଅବସରରେ ପିସିସି ସଭାପତି ଶ୍ରୀ ଦାସ କହିଥିଲେ ଯେ ଭାରତର ବୀର ଯବାନ ମାନେ ଆତଙ୍କବାଦୀ ରାଷ୍ଟ୍ର ପାକିସ୍ଥାନକୁ ଯେଉଁ କଡ଼ା ଜବାବ ଦେଇଛନ୍ତି ସେଥିପାଇଁ କଂଗ୍ରେସ ଦଳ, ଏହାର ନେତୃବୃନ୍ଦ ଓ କର୍ମୀମାନେ ଗର୍ବିତ । ଆତଙ୍କବାଦକୁ ଦମନ କରିବାପାଇଁ ଦେଶର ସେନାବାହିନୀ ସୁସଜ୍ଜିତ ଓ କର୍ତ୍ତବ୍ୟରତ ରହିଛନ୍ତି । ଏହି ମହାନ ସଂଗ୍ରାମରେ ସମସ୍ତ ଭାରତୀୟ ଏକତ୍ରୀତ ଏବଂ ଏକ ସ୍ୱରରେ ଆତଙ୍କବାଦ ବିରୁଦ୍ଧରେ ଲଢୁଛନ୍ତି । ସେନାବାହିନୀ ପଛରେ ଆମେ ଅଟଳ ରହିଛୁ । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏଆଇସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ ଯେ ଆମର ଯବାନମାନେ ଦେଶର ସମ୍ମାନ, ସ୍ୱାଭିମାନ ଓ ସୁରକ୍ଷା ପାଇଁ ନିଜ ଜୀବନକୁ ବାଜି ଲଗାଇ ସୀମାରେ ଲଢ଼େଇ କରୁଛନ୍ତି । ସେମାନଙ୍କର ତ୍ୟାଗ, ରାଷ୍ଟ୍ରଭକ୍ତି ଓ ଦେଶବାସୀଙ୍କ ପାଇଁ ଅଙ୍ଗୀକାରର ପଟ୍ଟାନ୍ତର ନାହିଁ । ଏହି କାର୍ଯ୍ୟକ୍ରମରେ ଏଆଇସିସିର ସହ ପ୍ରଭାରୀ ରୋଜାଲିନ ତିର୍କୀ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶରତ ରାଉତ, ଶ୍ରୀକାନ୍ତ ଜେନା, ତାରା ପ୍ରସାଦ ବାହିନୀପତି, ଜଗନ୍ନାଥ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ, ସମୀର ରାଉତରାୟ, ଶିବାନନ୍ଦ ରାୟ, ଅନନ୍ତ ପ୍ରସାଦ ସେଠୀ, ରମେଶ ଜେନା, ବିଶ୍ୱଜିତ ଦାଶ, ମହମ୍ମଦ ମୋକିମ, ରଞ୍ଜିତ ପାତ୍ର, ଉଦିତ ପ୍ରଧାନ, ଶୁଭେନ୍ଦୁ ମହାନ୍ତି, ଲଲାଟେନ୍ଦୁ ମହାପାତ୍ର, ନଗେନ୍ଦ୍ର ପ୍ରଧାନ, ରବି ମଲ୍ଲିକ, ନବଜ୍ୟୋତି ପଟ୍ଟନାୟକ, ସୁବ୍ରତ ମହାପାତ୍ର, ବିଜୟଲକ୍ଷ୍ମୀ ସାହୁ, ବିଭୁତି ମିଶ୍ର, ପ୍ରଫୁଲ୍ଲ ପ୍ରଧାନ, ଦେବାଶିଷ ପଟ୍ଟନାୟକ, ବିଶ୍ୱରଞ୍ଜନ ମହାନ୍ତି ପ୍ରମୁଖଙ୍କ ବହୁ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ ।



# ଓଡ଼ିଶା ରାଜ୍ୟ ପାନୀୟ ନିଗମ-ଅବକାରୀ ବିଭାଗ ବୁଝାମଣାପତ୍ର

## ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡକୁ ୧୨ କୋଟି ପ୍ରଦାନ

**ଭୁବନେଶ୍ୱର,୯।୫/ଏନ୍ଏନ୍ଏସ୍:** ଓଡ଼ିଶା ରାଜ୍ୟ ପାନୀୟ ନିଗମର କାର୍ଯ୍ୟାଳୟରେ ଶୁକ୍ରବାର ଓଡ଼ିଶା ରାଜ୍ୟ ପାନୀୟ ନିଗମ ଓ ଅବକାରୀ ବିଭାଗ ମଧ୍ୟରେ ବାର୍ଷିକ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଛି । ଓଡ଼ିଶା ରାଜ୍ୟ ପାନୀୟ ନିଗମ ଦ୍ୱାରା ଚଳିତ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ ହେବାକୁ ଥିବା କାର୍ଯ୍ୟକ୍ରମ ଏବଂ ଅବକାରୀ ରାଜସ୍ୱ ଆଦାୟର ଲକ୍ଷ୍ୟ ନେଇ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି । ଏହି ଅବସରରେ ନିଗମ ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡକୁ ୧୨ କୋଟି ସହ ଆନ୍ତରୀଣ ଲାଭାଂଶ ୨୫ କୋଟି ଏବଂ ବାର୍ଷିକ ଲାଭାଂଶ ୧୪ କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

ଅନ୍ୟପକ୍ଷରେ ଅବକାରୀ, ପୂର୍ତ୍ତ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓଡ଼ିଶା ରାଜ୍ୟ ପାନୀୟ ନିଗମର କାର୍ଯ୍ୟାଳୟରେ ସେଣ୍ଟ୍ରାଲ ସିସିଟିଭି ମନିଟରିଙ୍ଗ୍ ସିଷ୍ଟମ, ଅଟୋ ଇଣ୍ଡେଣ୍ଟିଂ ଅନୁମୋଦନ ସିଷ୍ଟମ, ଓଡ଼ିଶା ରାଜ୍ୟ ପାନୀୟ ନିଗମର ସରକାରୀ ଟ୍ରେଜେରୀ ସହିତ ସଂଯୋଗୀକରଣର ଉଦ୍‌ଘାଟନ କରିଛନ୍ତି । ଏହା ଦ୍ୱାରା ଓଡ଼ିଶା ରାଜ୍ୟ ପାନୀୟ ନିଗମର ୪ଟି ପଣ୍ୟାଗାର ସିଧାସଳଖ କାର୍ଯ୍ୟଧାରା ମୁଖ୍ୟ କାର୍ଯ୍ୟାଳୟରେ ଦେଖିପାରିବେ ଏବଂ ନିଗମର କାର୍ଯ୍ୟ ସରଳ ଓ ସୁଗମ ହୋଇପାରିବ । ଏହି ଅବସରରେ ଚଳିତ ବର୍ଷ ଆସିବାକୁ ଥିବା ନୂଆ ତଥା ପରିବର୍ତ୍ତିତ ଅବକାରୀ ନୀତି ସହ ନିୟମିତ ଭାବରେ ମାଦକ ଦ୍ରବ୍ୟ ସେବନ ବିରୋଧରେ ଯୁବପିଢ଼ିଙ୍କ ମଧ୍ୟରେ ଜାଗରୂକତା ଆଣିବା ଉଦ୍ଦେଶ୍ୟରେ ସଚେତନତା କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା ହୋଇଥିଲା । ଏହି ଅବସରରେ ଅବକାରୀ ବିଭାଗ ସଚିବ ଗୁହା ପୁନମ ତାପସ କୁମାର, ନିଗମର ପରିଚାଳନା ନିର୍ଦ୍ଦେଶକ ଅମ୍ବର କୁମାର କର, ମହାପ୍ରବନ୍ଧକ (ପ୍ରଶାସନିକ) ସଞ୍ଜୟ କୁମାର ରାଉତ, ମୁଖ୍ୟ ପରିଚାଳନା (ଅପରେସନ୍) ମାନସ ରଞ୍ଜନ ସ୍ୱାଇଁଙ୍କ ସମେତ ନିଗମର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।



# ରାମକୃଷ୍ଣ ଦାସମହାପାତ୍ରଙ୍କୁ ଆଉ ଏକ ନୋଟିସ୍

**ପୁରୀ,୯।୫/ଏନ୍ଏନ୍ଏସ୍:** ଦଇତାପତି ସେବକ ରାମକୃଷ୍ଣ ଦାସମହାପାତ୍ରଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଆଉ ଏକ କୈଫିୟତ୍ ତଲବ ନୋଟିସ ଜାରି କରିଛନ୍ତି । ନୋଟିସ୍ ପାଇବାର ୨ ଦିନ ମଧ୍ୟରେ କୈଫିୟତ୍ ଦାଖଲ କରିବାକୁ ସମୟ ଦିଆଯାଇଛି । ଏହି ସମୟ ଭିତରେ ସନ୍ତୋଷ ଜନକ କୈଫିୟତ୍ ହସ୍ତଗତ ନହେଲେ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୫ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ କୁହାଯାଇଛି । ନୋଟିସରେ କୁହାଯାଇଛି ଯେ ଦୀଘାଠାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଶ୍ରୀ ଦାସମହାପାତ୍ର ଯୋଗଦାନ କରି ସେବକ ଦଳର ନେତୃତ୍ୱ ନେଉଥିବା ଚିତ୍ର ତଥା ଭିଡିଓ ବିଭିନ୍ନ ଗଣମାଧ୍ୟମରେ ବହୁଳ ଭାବେ ପ୍ରସାରିତ ହୋଇଛି । ଦୀଘାଠାରେ ଶ୍ରୀଜଗନ୍ନାଥ ମନ୍ଦିରକୁ ନିର୍ଦ୍ଦିଷ୍ଟ ଭାବେ ଉଦ୍‌ଘାଟନ ସମୟରେ 'ଜଗନ୍ନାଥଧାମ- ଦୀଘା' ଲେଖାଯିବା ସହ ଏନେଇ ଫଳକ ଲଗାଯିବା ନଜରକୁ ଆସିଛି । ମହାପ୍ରଭୁଙ୍କ ଜଣେ ବରିଷ୍ଠ ଦଇତାପତି ସେବକ ଭାବେ ଏସମ୍ପର୍କରେ ଅବଗତ ଥାଇ ମଧ୍ୟ ଜଗନ୍ନାଥ ଧାମ ଦୀଘା ସ୍ୱ-ନାମିତ ମନ୍ଦିରର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗଦାନ ଦ୍ୱାରା ଶ୍ରୀମନ୍ଦିର ପରମ୍ପରା ନେଇ ଭକ୍ତଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି ଏବଂ ଅଗଣିତ ଶ୍ରୀଜଗନ୍ନାଥ ପ୍ରେମୀଙ୍କ ଧର୍ମୀୟ ଭାବନାକୁ ଆଘାତ ଲାଗିଛି । ତେଣୁ 'ଜଗନ୍ନାଥଧାମ- ଦୀଘା' ନାମିତ ଏକ ମନ୍ଦିରର କାର୍ଯ୍ୟକ୍ରମକୁ ଶ୍ରୀମନ୍ଦିର ସେବକ ଭାବେ କାହିଁକି ଯୋଗଦେଲେ ଏବଂ ସେତେବେଳେ ଦୀଘା ଶ୍ରୀଜଗନ୍ନାଥ ମନ୍ଦିରର ଉଦ୍ୟୋକ୍ତାମାନଙ୍କୁ ଏହାର ପ୍ରତିବାଦ କରିଥିଲେ ନା ନାହିଁ, ସେନେଇ କୈଫିୟତ୍ ରଖିବାକୁ ନୋଟିସରେ କୁହାଯାଇଛି ।



## ଟ୍ରକ୍ ପଛରେ ପିଟି ହେଲା ବାଇକ୍, ଦୁଇ ମୃତ

**କେନ୍ଦୁଝର,୯।୫/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲା ସଦର ଥାନା ଅନ୍ତର୍ଗତ ପଳାସପଙ୍ଗା ବିଟ ହାଉସ ଅଧିନ ୨୦ ନମ୍ବର ଜାତୀୟ ରାଜପଥର ପଳାଶପଙ୍ଗା ଗ୍ରୀନଫିଲ୍ଡ ସ୍କୁଲ ସମ୍ମୁଖରେ ଶୁକ୍ରବାର ଏକ ବାଇକ ଟ୍ରକ ପିଛରେ ପିଟି ହେବାରୁ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକ ଦ୍ୱୟ ହେଲେ ସଦର ବ୍ଲକ ଅନ୍ତର୍ଗତ ପର୍ଜନପୁର ପଞ୍ଚାୟତ କଳଣ୍ଡା ଗ୍ରାମର ସନ୍ତୋଷ କୁମାର ମହାକୁଡ଼(୩୮) ଓ ଦୀପକ କୁମାର ମହାକୁଡ଼(୩୨) ।ଉଭୟ ଝୁମ୍ପୁରା ବଜାରରୁ କାମ ସାରି ପଳାସପଙ୍ଗା ଅଭିମୁଖେ ବାଇକରେ ଫେରୁଥିବାବେଳେ ମଧ୍ୟାହ୍ନ ୧୨ଟାବେଳେ ନିୟନ୍ତ୍ରଣ ହରାଇ ଟ୍ରକ ପଛପଟେ ପିଟି ହୋଇଥିଲେ । ଫଳରେ ଦୁହିଁଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା । ପଳାଶପଙ୍ଗା ବିଟ ହାଉସ ଅଧିକାରୀ ସୂର୍ଯ୍ୟ ନାରାୟଣ ରାଉତରାୟ ଦୁର୍ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ପଠାଇଛନ୍ତି । ଏଥିସହ କେସ୍ ନଂ ୨୦୯/୨୫ ରେ ଏକ ମାମଲା ରୁଜୁ କରି ଅଧିକ ଅନୁସନ୍ଧାନ ଜାରି ରଖିଛନ୍ତି । ତେବେ ଟ୍ରକ ଘଟଣା ସ୍ଥଳରୁ ଚାଲିଯାଇଥିବା ଜଣାପଡିଛି । ଅନ୍ୟପକ୍ଷରେ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ନିମନ୍ତେ ମୃତକଙ୍କ ପରିବାର ଲୋକେ ଦାବି କରିଛନ୍ତି ।

DSPL-59

ବି.ଏଲ୍.ଡି.ସି ପଙ୍ଖା ବ୍ୟବହାର କରି ବିଦ୍ୟୁତ୍ ବିଲ୍ କମ୍ କରନ୍ତୁ ଏବଂ ପରିବେଶକୁ ସୁରକ୍ଷିତ ରଖନ୍ତୁ

- ବି.ଇ.ଇ. (BEE) ପଞ୍ଚ ତାରକା (5 star) ବିଶିଷ୍ଟ ବି.ଏଲ୍.ଡି.ସି ପଙ୍ଖା ବ୍ୟବହାର କରନ୍ତୁ
- ଏହା ପାରମ୍ପରିକ ପଙ୍ଖା ତୁଳନାରେ ୬୦ ପ୍ରତିଶତ କମ୍ ବିଦ୍ୟୁତ୍ ବ୍ୟବହାର କରିଥାଏ
- କମ୍ ଭୋଲ୍‌ଟେଜ୍ ସ୍ଥିତିରେ ମଧ୍ୟ ଦକ୍ଷତାର ସହିତ କାର୍ଯ୍ୟ କରିଥାଏ
- ଶକ୍ତି ସଂରକ୍ଷଣ ପାଇଁ ସରକାରୀ ଅନୁଷ୍ଠାନ ଗୁଡିକରେ ନୂଆ ପଙ୍ଖା ଲଗାଇବା ଏବଂ ପୁରୁଣା ପଙ୍ଖା ବଦଳାଇବା କ୍ଷେତ୍ରରେ ବି.ଏଲ୍.ଡି.ସି ପଙ୍ଖାର ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି



ଅଧିକ ତାରକା ଅଧିକ ସଞ୍ଚୟ

ଶକ୍ତି ବିଭାଗ, ଓଡିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ତଥା ପ୍ରମୁଖ ବିଦ୍ୟୁତ ନିରୀକ୍ଷକ

୧ ୟୁନିଟ୍ ଶକ୍ତି ସଞ୍ଚୟ ୨ ୟୁନିଟ୍ ଶକ୍ତି ଉତ୍ପାଦନ ସହ ସମାନ

OIPR-04068/13/0001/2526

DSPL-58

ଟୀକାକରଣ

ଠିକ୍ ସମୟରେ ସଠିକ୍ ଟୀକାଦେଇ ଆପଣଙ୍କ ଶିଶୁକୁ ସୁରକ୍ଷିତ ରଖନ୍ତୁ ।

୫ ବର୍ଷରେ ୭ ଥର
ଟୀକା ନେବାକୁ ଭୁଲନ୍ତୁ ନାହିଁ କୌଣସି ଥର




ଟୀକାକରଣ ସୂଚୀ

| ବୟସ | ଟୀକା |
|---|---|
| ଜନ୍ମ ସମୟରେ | ବିସିଜି, ଓପିଭି, ହେପାଟାଇଟିସ୍- ବି (ଜନ୍ମ ମାତ୍ରା) |
| ୬ ସପ୍ତାହ (ଦେଢ ମାସ) | ଓପିଭି-୧, ପେଣ୍ଟାଭାଲେଣ୍ଟ-୧, ଏଫ୍‌ଆଇପିଭି-୧, ଆର୍‌ଭିଭି-୧, ପିସିଭି-୧ |
| ୧୦ ସପ୍ତାହ (ଅଢେଇ ମାସ) | ଓପିଭି-୨, ପେଣ୍ଟାଭାଲେଣ୍ଟ-୨, ଆର୍‌ଭିଭି-୨ |
| ୧୪ ସପ୍ତାହ (ସାଢେ ତିନି ମାସ) | ଓପିଭି-୩, ପେଣ୍ଟାଭାଲେଣ୍ଟ-୩, ଏଫ୍‌ଆଇପିଭି-୨, ଆର୍‌ଭିଭି-୩, ପିସିଭି-୨ |
| ୯-୧୨ମାସ | ଏମ୍‌ଆର୍-୧, ଭିଟାମିନ୍-କ***,ପିସିଭି ବୁଷ୍ଟର, ଜେଇ-୧**ଏଫ୍‌ଆଇପିଭି-୩ |
| ୧୬-୨୪ମାସ | ଏମ୍‌ଆର୍-୨,ଭିଟାମିନ୍-କ***, ଡିପିଟି ବୁଷ୍ଟର-୧, ଓପିଭି ବୁଷ୍ଟର-୧,ଜେଇ-୨** |
| ୫-୬ ବର୍ଷ | ଡିପିଟି ବୁଷ୍ଟର-୨ |
| ୧୦ ବର୍ଷ | ଟି.ଡି |
| ୧୬ ବର୍ଷ | ଟି.ଡି |
| ଗର୍ଭବତୀ ମହିଳା | ଟି.ଡି-୧, ଟି.ଡି-୨, ଟି.ଡି ବୁଷ୍ଟର* |

* ଯଦି ୩ ବର୍ଷ ଭିତରେ ଟିଟି/ଟିଡି ଟୀକାର ଦୁଇଟି ମାତ୍ରା ନେଇଥିବେ ।
** କେବଳ ଜେଇ ପ୍ରବଣ ଜିଲ୍ଲା ମାନଙ୍କ ନିମନ୍ତେ
*** ଭିଟାମିନ୍-କ, ୯ ମାସରୁ ଆରମ୍ଭ ହୋଇ ୫ ବର୍ଷ ପର୍ଯ୍ୟନ୍ତ ପ୍ରତି ୬ ମାସ ବ୍ୟବଧାନରେ ଦିଆଯାଏ ।

ଆପଣଙ୍କ ଶିଶୁ ନେଉଥିବା ଟୀକା ଗୁଡିକ ୟୁ-ୱିନ୍ ପୋର୍ଟାଲରେ ଅପ୍‌ଡେଟ୍ କରନ୍ତୁ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

ଟୀକାକରଣ ନିଶ୍ଚୟ କରାନ୍ତୁ!

facebook.com/HFWOdisha http://www.health.odisha.gov.in/ @HFWOdisha

NATIONAL HEALTH MISSION

OIPR-10003/13/0173/2526

# ‘ଆତଙ୍କବାଦର ଏଇଟା ଶେଷ ଲଢ଼େଇ’

## ବଢ଼ାଯାଇଛି କେନ୍ଦ୍ରୀୟ ସଂସ୍ଥାପନର ସୁରକ୍ଷା



**ଭୁବନେଶ୍ୱର,୯।୫/ଏନ୍ଏନ୍ଏସ୍:** ପାକିସ୍ତାନ ଆତଙ୍କବାଦୀଙ୍କ ଜରିଆରେ ସାରା ଦେଶକୁ ବିଚଳିତ କରୁଥିଲା। ଏଥର ପାକିସ୍ତାନ ପାନେ ପାଇଛି । ଏଇଟା ଆରମ୍ଭ ମାତ୍ର। ଏଇଟା ଟ୍ରେଲର। ଆଗକୁ ଫିଲ୍ମ ବାକି ଅଛି। ଆତଙ୍କବାଦର ଏଇଟା ଶେଷ ଲଢ଼େଇ। ଆତଙ୍କବାଦକୁ ସମୂଳେ ନିପାତ କରିବା ଯାଏଁ ଭାରତ ଶେଷ ପର୍ଯ୍ୟନ୍ତ ଲଢ଼େଇ କରିବ ବୋଲି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ଏହାଛଡ଼ା ସେ କହିଛନ୍ତି ଭାରତ ସରକାର ସବୁ ପରିସ୍ଥିତି ପାଇଁ ପ୍ରସ୍ତୁତ। କେନ୍ଦ୍ରର ପ୍ରସ୍ତୁତି ଦେଖି ରାଜ୍ୟ ସରକାର ନିଜ ଆଡୁ ପ୍ରସ୍ତୁତି ବଢ଼େଇ ଦେଇଛନ୍ତି। ରାଜସ୍ୱ ଓ ବିପର୍ଯ୍ୟାୟ ପରିଚାଳନା ମନ୍ତ୍ରୀ ଭାବେ ମୁଁ ମୁଖ୍ୟଶାସନ ସଚିବ ମନୋଜ କୁମାର ଆହୁଜା ଓ ପୁଲିସ ଡିଜି ୱାଇ ବି ଖୁରାନିଆଙ୍କ ସହ ଆଲୋଚନା କରିଛି। ରାଜ୍ୟରେ ଯେଉଁଠି ଯେଉଁଠି କେନ୍ଦ୍ର ସରକାରଙ୍କ ସଂସ୍ଥାପନ ଅଛି ସେଠାରେ ସୁରକ୍ଷା ବଢ଼ିଛି । ବାଲେଶ୍ୱରରେ ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି, ସମ୍ବଲପୁରରେ ହୀରାକୁଦ ବନ୍ଧ, ବଲାଙ୍ଗୀର ସଇଁତଲାରେ ଗୋଳା ବାରୁଦ କାରଖାନା ଭଳି ସ୍ଥାନରେ ସୁରକ୍ଷା ବଢ଼ାଯାଇଛି। ଏଥିପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ପୂଜାରୀ ଆହୁରି ମଧ୍ୟ କହିଛନ୍ତି ରାଜ୍ୟରେ ଥିବା ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ ଯାଞ୍ଚ ଏବଂ ସୁରକ୍ଷା କଡ଼ାକଡ଼ି କରାଯାଉଛି। ଓଡ଼ିଶା ସରକାର ପ୍ରସ୍ତୁତ ଅଛନ୍ତି।

# ଟିପିସିଓଡିଏଲ୍ ବିଦ୍ୟୁତ୍ ବଣ୍ଟନ ପ୍ରଯୁକ୍ତି କେନ୍ଦ୍ରରେ ଷ୍ଟାଣ୍ଡିଂ କମିଟି ପ୍ରତିନିଧି

**ଭୁବନେଶ୍ୱର,୯।୫/ଏନ୍ଏନ୍ଏସ୍:** ଓଡ଼ିଶା ବିଧାନସଭାର ବିଭାଗୀୟ ସମ୍ପର୍କିତ ଷ୍ଟାଣ୍ଡିଂ କମିଟି-ଏକ୍ସ (ଶକ୍ତି)ର ଏକ ପ୍ରତିନିଧି ଦଳ ଭୁବନେଶ୍ୱରର ପାୱାର ହାଉସ ଛକ ନିକଟରେ ଥିବା ଟିପି ସେଂଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିସିଓଡିଏଲ)ର ବିଦ୍ୟୁତ ବଣ୍ଟନ ପ୍ରଯୁକ୍ତି କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନର ଲକ୍ଷ୍ୟ ହେଉଛି ଓଡ଼ିଶା ବିଦ୍ୟୁତ ବଣ୍ଟନ ବ୍ୟବସ୍ଥାରେ ଡିଜିଟାଲ ଭିତ୍ତିଭୂମି ଓ ପରିଚାଳନାରେ ଚାଲିଥିବା ଉନ୍ନତିର ସମୀକ୍ଷା କରିବା।

ଷ୍ଟାଣ୍ଡିଂ କମିଟି-ଏକ୍ସ (୨୦୨୫-୨୬)ର ଅଧ୍ୟକ୍ଷ ତଥା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନେତୃତ୍ୱାଧୀନ ପ୍ରତିନିଧି ଦଳରେ ବିଧାୟକ ସରୋଜ କୁମାର ପ୍ରଧାନ, ବିଧାୟକ ଦିବ୍ୟ ଶଙ୍କର ମିଶ୍ର ଓ ବିଧାୟକ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ପ୍ରଯୁକ୍ତି କେନ୍ଦ୍ର ପରିଦର୍ଶନ କରିଥିଲେ। ତାଙ୍କ ସହିତ ଗ୍ରୀଡକୋର ପରିଚାଳନା ନିର୍ଦ୍ଦେଶକ, ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ ଏବଂ ଟିପିସିଓଡିଏଲ୍ର ନେତୃତ୍ୱ ଦଳ ଉପସ୍ଥିତ ଥିଲେ।

ଟିପିସିଓଡିଏଲ୍ ଅଧିକାରୀମାନେ କମିଟି ସଦସ୍ୟଙ୍କୁ ସୁପରଭାଇଜରି କଣ୍ଟ୍ରୋଲ ଓ ଡାଟା ଆକ୍ୱିଜିସନ (ସ୍କାଡା) ପ୍ଲାଟଫର୍ମ କିଭଳି ବିଦ୍ୟୁତ ନେଟୱାର୍କର ବାସ୍ତବ ସମୟ ନିରୀକ୍ଷଣ କରିବା ସହିତ ବୁଦ୍ଧିମତାର ସହ ତ୍ରୁଟିକୁ ଅଲଗା କରୁଛି ଏବଂ ଗ୍ରୀଡ୍ ପରିଚାଳନାକୁ ସ୍ୱୟଂକ୍ରିୟ କରିପାରିଛି ତାହା ବୁଲି ଦେଖାଇଥିଲେ ।

କମିଟିର ସଦସ୍ୟମାନଙ୍କୁ ବିଦ୍ୟୁତ ବଣ୍ଟନ ପ୍ରଯୁକ୍ତି କେନ୍ଦ୍ରର ଦକ୍ଷତା ବିଷୟରେ ଅବଗତ କରାଯାଇଥିଲା ଯେଉଁଥିରେ ରହିଛି କେନ୍ଦ୍ରୀୟ ବିଦ୍ୟୁତ ବ୍ୟବସ୍ଥା ନିୟନ୍ତ୍ରଣ କେନ୍ଦ୍ର



(ସିପିଏସସିସି) ଓ ଗୁରୁତ୍ୱପୂର୍ଣ୍ଣ ଏରିଆ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର (ଏପିଏସସିସି)। ଏହି ଅତ୍ୟାଧୁନିକ ବ୍ୟବସ୍ଥାଗୁଡ଼ିକ ମିଳିତ ଭାବେ କାମ କରୁଛି ଯାହା ଦ୍ୱାରା ୨୪ ଘଣ୍ଟା ନିରୀକ୍ଷଣ, ନିରବଚ୍ଛିନ୍ନ ଯୋଗାଣ ପରିଚାଳନା ଏବଂ ଟିପିସିଓଡିଏଲର ସମଗ୍ର ନେଟୱାର୍କରେ ବିଦୁତ୍ ବିଭ୍ରାଟର ଦ୍ରୁତ ସମାଧାନ ସୁନିଶ୍ଚିତ କରାଯାଇପାରୁଛି।

ପ୍ରଯୁକ୍ତିରେ ହୋଇଥିବା ଏହି ଉଲ୍ଲେଖନୀୟ ପ୍ରଗତି ସମ୍ପର୍କରେ କମିଟିର ଅଧ୍ୟକ୍ଷ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ, ‘ବିଦ୍ୟୁତ ବଣ୍ଟନ ପ୍ରଯୁକ୍ତି କେନ୍ଦ୍ରରେ ମୁତୟନ କରାଯାଇଥିବା ଅତ୍ୟାଧୁନିକ ବ୍ୟବସ୍ଥା ବାସ୍ତବରେ ପ୍ରଶଂସାଯୋଗ୍ୟ। ବାତ୍ୟା ଓ ଉଗ୍ରବାଦ ଭଳି ଜରୁରୀକାଳୀନ ଓ ବିପର୍ଯ୍ୟୟ ପରିସ୍ଥିତିର ମୁକାବିଲା କରିବାକୁ ଏହି କେନ୍ଦ୍ରରେ ଉତ୍ତମ ବ୍ୟବସ୍ଥା ରହିଛି।’’

ଟିପିସିଓଡିଏଲର ସିଇଓ ଅରଭିନ୍ଦ୍ ସିଂହ କମିଟିର ପରିଦର୍ଶନ ଓ ସମର୍ଥନ ପାଇଁ କୃତଜ୍ଞତା ଜଣାଇ କହିଛନ୍ତି ଯେ, ‘ଷ୍ଟାଣ୍ଡିଂ କମିଟିର ସମସ୍ତ ମ ସଦସ୍ୟଙ୍କୁ ଆମନ୍ତ୍ରଣ କରି ଏବଂ ସେମାନଙ୍କ ସାମ୍ନାରେ ଓଡ଼ିଶା ବିଦ୍ୟୁତ ବଂଟନ କ୍ଷେତ୍ରରେ ଜାରି ରହିଥିବା ରୂପାନ୍ତରଣକୁ ପ୍ରଦର୍ଶନ କରି ଆମେ ଗର୍ବିତ। ନବସୃଜନ, ପ୍ରଯୁକ୍ତି ଓ ଗ୍ରାହକ କୈନ୍ଦ୍ରିକ ସେବା ଜରିଆରେ ଆମେ ପରିଚାଳନାକୁ ସୁଦୃଢ଼ କରିବା ଜାରି ରଖିଥିବା ବେଳେ ସେମାନଙ୍କ ମତାମତ ବେଶ ମୂଲ୍ୟବାନ ଅଟେ।’’

# ଯବାନଙ୍କ ମଙ୍ଗଳ କାମନା କରି ବିଜେଡି ତରଫରୁ ଦୀପଦାନ

**ଭୁବନେଶ୍ୱର,୯।୫/ଏନ୍ଏନ୍ଏସ୍:** ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେବା ସହିତ ସୀମାନ୍ତରେ ଗୁଳି ବିନିମୟ ଜାରି ରହିଛି। ତେବେ ଭାରତୀୟ ଯବାନମାନଙ୍କ ମଙ୍ଗଳ କାମନା କରି ବିଜୁ ଜନତା ଦଳର ଭୁବନେଶ୍ୱର ଶାଖା ତରଫରୁ ଆଜି ଲିଙ୍ଗରାଜ ମନ୍ଦିରରେ ଏକ ସାମୂହିକ ଦୀପଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଜେଡିର ଭୁବନେଶ୍ୱର ଜିଲ୍ଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରରେ ଦଳର ଅନେକ ବରିଷ୍ଠ ନେତାଙ୍କ ସହିତ ଯୁବ, ଛାତ୍ର ଓ ମହିଳା ବିଜେଡିର ସଦସ୍ୟମାନେ ଯୋଗ





ଦେଇଥିଲେ। ପ୍ରଥମେ ଭାରତୀୟ ଯବାନ ମାନଙ୍କ ମଙ୍ଗଳ କାମନା କରି ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ମନ୍ଦିର ସମ୍ମୁଖରେ ସାମୂହିକ ଦୀପଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମଧ୍ୟ ବିଧାୟକଅନନ୍ତ ନାରାୟଣ ଜେନା, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ରାଜ୍ୟସଭା ସାଂସଦସୁଭାଶିଷ ଖୁଣ୍ଟିଆ, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ମନ୍ମଥ ରାଉତରାୟ, ଦୁର୍ଗା ସାମନ୍ତରାୟ, ଅମୀୟ ଦାସ, ଶିବ ବେହେରା ଓ ଅନ୍ୟ କର୍ପୋରେଟରମାନେ ମଧ୍ୟ ଉପସ୍ଥିତ ଥିଲେ।



**ବରିଷ୍ଠ ଲେଖକ ତଥା ପର୍ଯ୍ୟଟକ ବିଶ୍ୱମୋହନ ପଟ୍ଟନାୟକ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନରେ ଭେଟି ତାଙ୍କ ଲିଖିତ ଦୁଇଟି ଭ୍ରମଣ ପୁସ୍ତକର ପ୍ରଥମ ଖଣ୍ଡ ପ୍ରଦାନ କରୁଛନ୍ତି।**

# ଭୁବନେଶ୍ୱର ଏମ୍ସରେ ଛୁଟି ବାତିଲ୍

**ଭୁବନେଶ୍ୱର,୯।୫/ଏନ୍ଏନ୍ଏସ୍:** ଭୁବନେଶ୍ୱର ଏମ୍ସରେ ଛୁଟି ବାତିଲ। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ନିର୍ଦ୍ଦେଶ ପରେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଚିକିତ୍ସା ଆଧାର ବ୍ୟତୀତ ଅନ୍ୟ କୌଣସି ଅଧିକାରୀଙ୍କୁ କୌଣସି ପ୍ରକାରର ଛୁଟି ମଞ୍ଜୁର କରାଯିବ ନାହିଁ। ଏହା ସହିତ ପୂର୍ବରୁ ମଞ୍ଜୁର ହୋଇଥିବା ଛୁଟି ଯଦି ଥାଏ ତାହା ବାତିଲ କରାଯାଇଛି। ଛୁଟିରେ ଥିବା ଅଧିକାରୀମାନଙ୍କୁ ତୁରନ୍ତ କାର୍ଯ୍ୟରେ ପୁନର୍ବାର ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଆୟୁର୍ବେଦିକ ଉପଚାରକୁ ଗୁରୁତ୍ୱ ଦିଆଯିବା ଉଚିତ୍

**ଭୁବନେଶ୍ୱର,୯।୫/ଏନ୍ଏନ୍ଏସ୍:** ବର୍ତ୍ତମାନ ପରିପ୍ରେକ୍ଷୀରେ ଆୟୁର୍ବେଦିକ ଉପଚାରକୁ ଗୁରୁତ୍ୱ ଦିଆଯିବା ଉଚିତ ବୋଲି ପ୍ରଫେସର ଡା.ସାନିଆ ଦତ୍ତା କହିଛନ୍ତି। ସେ କହିଛନ୍ତି ଯେ ବିଭିନ୍ନ ରୋଗ କିଛି ନିର୍ଦ୍ଦିଷ୍ଟପ୍ରକାର ଔଷଧ ସେବନକାରଣରୁ ହୋଇଥାଏ। ଏପରିକି ଦୁର୍ଗନ୍ଧ ନିଃଶ୍ୱାସ ସମସ୍ୟା ହୋଇଥାଏ। ଏହିଭଳି ଦୁର୍ଗନ୍ଧ ନିଃଶ୍ୱାସର ମୁକାବିଲା ଲାଗି ଆୟୁର୍ବେଦିକ ଉପାଦାନଗୁଡିକ ଆପଣାଇବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି। ଅନେକ ସମୟରେ ଚିକିତ୍ସା ଅଥବା ସ୍ୱାସ୍ଥ୍ୟଗତ ପରିସ୍ଥିତିରୁ ପାଟି ଶୁଷ୍କ ହୋଇଯାଏ ଏବଂ ଲାଳ ନିର୍ଗତ ହେବା ପରିମାଣ ହ୍ରାସପାଏ, ଯାହା ସ୍ୱାଭାବିକ ଭାବେ ପାଟିକୁ ସଫା କରିବାରେ ସହାୟତା କରିଥାଏ। ପିଆଜ ଓ ରସୁଣ ଭଳି କେତେକ ପ୍ରକାର ଖାଦ୍ୟରେ ଏଭଳି ଯୌଗିକ ରହିଛି ଯାହା ରକ୍ତପ୍ରବାହରେ ଅବଶୋଷିତ ହୋଇପାରିବ ଏବଂ ତାହା ଫୁସଫୁସ ଜରିଆରେ ନିଷ୍କାସିତ ହୁଏ, ଯଦ୍ୱାରା ଦୁର୍ଗନ୍ଧ ନିଃଶ୍ୱାସ ସୃଷ୍ଟି ହୋଇଥାଏ। ତେବେ ତାଜା ନିଃଶ୍ୱାସ ପାଇଁ ଆୟୁର୍ବେଦିକ ଭାବେ ଲବଙ୍ଗ, ନିମ ଏବଂ ପୁଦିନା ବ୍ୟବହାର କରିବାକୁ ସେ କହିଛନ୍ତି।

# ‘ପିଲାଙ୍କ ପସନ୍ଦ ଅନୁସାରେ ଭବିଷ୍ୟତ ଚୟନ କରିବାର ସୁଯୋଗ ଦିଅନ୍ତୁ’

**ଭୁବନେଶ୍ୱର,୯।୫/ଏନ୍ଏନ୍ଏସ୍:** ପିଲାମାନେ ସ୍ୱପ୍ନ ଦେଖନ୍ତୁ। ସ୍ୱପ୍ନକୁ ସାକାର କରିବା ପାଇଁ ନିରନ୍ତର ପ୍ରୟାସ କରନ୍ତୁ। ଆତ୍ମ ସମୀକ୍ଷା ଓ ବିଶ୍ଳେଷଣ କରି ଉଚିତ ନିଷ୍ପତ୍ତି ନିଅନ୍ତୁ। ଅଭିଭାବକମାନେ ନିଜର ଇଚ୍ଛାକୁ ପିଲାଙ୍କ ଉପରେ ଲଦି ନଦେଇ, ସେମାନଙ୍କ ସହ ଆଲୋଚନା କରି ପିଲାଙ୍କ ପସନ୍ଦ ଅନୁସାରେ ଭବିଷ୍ୟତ ଚୟନ କରିବାର ସୁଯୋଗ ଦିଅନ୍ତୁ। ଆଜି ରେଲୱେ ଅଡିଟୋରିୟମ୍ ପ୍ରେକ୍ଷାଳୟରେ ‘ସମ୍ବାଦ’ ମାଟ୍ରିକ୍ ଚାମ୍ପସ୍‌ରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏପରି ଆହ୍ୱାନ ଦେଇଛନ୍ତି ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ।

‘ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍’ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସୌମ୍ୟରଂଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ପିଲାମାନଙ୍କୁ ପରାମର୍ଶ ଦେଇ କହିଥିଲେ ଯେ ଦଶମ ପରୀକ୍ଷା ପରି ଆଗାମୀ ୨ ବର୍ଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କେବଳ ଭଲ ନମ୍ବର ରଖିଲେ ହେବ ନାହିଁ। ପିଲାମାନେ ବୌଦ୍ଧିକ ସଫଳତା ସହିତ ଏକ ସାମାଜିକ ପ୍ରାଣୀ ହିସାବରେ ନିଜକୁ ସଫଳ କରିବାକୁ ପଡ଼ିବ। ସେଥିପାଇଁ ସାମାଜିକ ଗଣମାଧ୍ୟମରେ ଯେଉଁ





ଆହ୍ୱାନ ଦେଖା ଦେଇଛି ତାକୁ ସାମନା କରିବାକୁ ପଡ଼ିବ। ସାମାଜିକ ଗଣମାଧ୍ୟମ ଆମକୁ ନିୟନ୍ତ୍ରଣ ନକରୁ, ଆମେ ସାମାଜିକ ଗଣମାଧ୍ୟମକୁ ନିୟନ୍ତ୍ରଣ କରିବାର କୌଶଳ ଶିଖିବା ଦରକାର। ନିଜକୁ ଖୁସି ରହିବା ପାଇଁ ସାମାଜିକ ଗଣମାଧ୍ୟମର ଆବଶ୍ୟକତା ନପଡ଼ିଲେ ଯାଇ ଜଣେ ପରିପକ୍ୱ ମଣିଷ ହୋଇପାରିବ। ଏଥିସହ ସାଇବର ଅପରାଧ ପ୍ରତି ସତର୍କ ରହିବା ପାଇଁ ଡିସିପି ସଚେତନ କରିଥିଲେ। ‘ସମ୍ବାଦ’ ଓ ‘କନକ ନିୟୁଜ୍’ର ସମ୍ପାଦକ ତନୟା ପଟ୍ଟନାୟକ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ପ୍ରଭାବର ମୁକାବିଲା କରିବାକୁ ଭବିଷ୍ୟତ ପିଢ଼ି ସଚେତନ ହେବାକୁ ନିବେଦନ କରିଥିଲେ। ‘ସମ୍ବାଦ’ର ନିର୍ଦ୍ଦେଶିକା ମୋନିକା ନେୟାର ପଟ୍ଟନାୟକ, ସାମ୍ବାଦିକ ଚୌଧୁରୀ ଅମିତାଭ ଦାସ ନିଜ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ସାମ୍ବାଦିକ କେଶବ ପାଣି ଧନ୍ୟବାଦ ଦେଇଥିଲେ। ଉତ୍ସବରେ ଭୁବନେଶ୍ୱର ସମେତ ଖୋର୍ଦ୍ଧା, ପୁରୀ ଓ ନୟାଗଡ଼ ଜିଲ୍ଲାର ଚଳିତ ମାଟ୍ରିକ୍ ପରୀକ୍ଷାରେ ୯୦ ପ୍ରତିଶତ(୫୪୦ ନମ୍ବର) କିମ୍ବା ତଦୂର୍ଦ୍ଧ୍ୱ ନମ୍ବର ରଖିଥିବା ‘ଏ-୧’ ଗ୍ରେଡ୍‌ଧାରୀ ୩୬୧ ମେଧାବୀ ଛାତ୍ରଛାତ୍ରୀ ଓ ସେମାନଙ୍କ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ।

# ଗ୍ରୀଷ୍ମକାଳୀନ ଶିବିର ‘ଫନ୍ ଇନ୍ ସନ୍’

**ଭୁବନେଶ୍ୱର,୯।୫/ଏନ୍ଏନ୍ଏସ୍:** ପୋଖରୀପୁଟ ଡିଏଭି ପବ୍ଲିକ ସ୍କୁଲରେ ଗ୍ରୀଷ୍ମକାଳୀନ ଶିବିର ‘ଫନ୍ ଇନ୍ ସନ୍’ ଆୟୋଜିତ ହୋଇଛି।

ଏଥିରେ ପ୍ରାୟ ୫୦୦ରୁ ଅଧିକ ଛାତ୍ରଛାତ୍ରୀ ଭାଗନେଇଥିଲେ। ‘ଆର୍ଟ ଆକ୍ଟିଭିଟିଜ୍’, ‘ମ୍ୟୁଜିକାଲ ସେନସେସନ୍’, ‘ଡ୍ୟାନ୍ସିଂ ଷ୍ଟାର୍ସ’, ‘ସ୍ପୋର୍ଟସ୍ ଆଣ୍ଡ ଯୋଗ’ କାର୍ଯ୍ୟକ୍ରମ ଶେଷ ହୋଇଥିବା ବେଳେ ‘କ୍ରାଫ୍ଟ ହେଭେନ୍’ ଅଧୀନରେ ଚାଲିଥିବା କାର୍ଯ୍ୟକ୍ରମ ମଙ୍ଗଳବାର ପର୍ଯ୍ୟନ୍ତ ଚାଲିବ। ‘କ୍ରାଫ୍ଟ ହେଭେନ୍’ କାର୍ଯ୍ୟକ୍ରମରେ ଥିବା ଛୋଟ ପିଲାମାନେ ପେଣ୍ଟିଂ, ପ୍ରିଣ୍ଟିଂ, କାଗଜ କ୍ରାଫ୍ଟ, ବ୍ରେସଲେଟ୍ ମେକିଂ, ହେୟାରବ୍ୟାଣ୍ଡ/ହେୟାର କ୍ଲିପ୍ ଡିଜାଇନିଂ, ମାଟି ପାତ୍ର ସଜ୍ଜା, ପଥର କଳା, ରୋଷେଇ, ଫଟୋ ଫ୍ରେମ୍ ତିଆରି ଏବଂ ଚିତ୍ରାଙ୍କନ କଳା ଶିଖିଥିଲେ। ସେହିପରି ଆର୍ଟ ଆକ୍ଟିଭିଟିଜ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ମାଟି ମଡେଲିଂ, କାଗଜ ମାସ୍କ ତିଆରି, ଟାଇ ଆଣ୍ଡ ଡାଇ ଓ କ୍ରାଫ୍ଟ ୱାର୍କ ଏବଂ ମ୍ୟୁଜିକାଲ ସେନସେସନ୍ ମ୍ୟୁଜିକ୍ ଥେରାପି କାର୍ଯ୍ୟକ୍ରମରେ ବିଭିନ୍ନ ଭାଷାରେ ସରଗମ, ପିଆନୋ ବାଦନ, ଶିଶୁ ସଙ୍ଗୀତ ଓ ଦେଶାତ୍ମବୋଧକ ଗୀତ ଶିଖିଥିବା ବେଳେ ‘ଡ୍ୟାନ୍ସିଂ ଷ୍ଟାର୍ସ’ କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କୁ ସମ୍ବଲପୁରୀ ନୃତ୍ୟରେ ପାରଦର୍ଶିତା ହାସଲ କରିବାରେ ମାର୍ଗଦର୍ଶନ ଦିଆଯାଇଥିଲା। ‘କ୍ରାଫ୍ଟ ହେଭେନ୍’ କାର୍ଯ୍ୟକ୍ରମରେ ଛୋଟ ଛୋଟ ପିଲାଙ୍କ କାର୍ଯ୍ୟକ୍ରମକୁ ସ୍ନେହପ୍ରଭା ଦାସ ସଂଯୋଜନା କରିଥିବା ବେଳେ ‘ମ୍ୟୁଜିକାଲ ସେଶନ’କୁ ସନ୍ତୋଷ କୁମାର କର ସଂଯୋଜନା ଓ ପରିଚାଳନା କରିଥିଲେ। ସେହିପରି ବିଜୟ କୁମାର ପଣ୍ଡା ଓ ରଶ୍ମି ରଞ୍ଜନ ଦାସ ‘କଳା କାର୍ଯ୍ୟକଳାପ’, ଜଗଜିତ୍ ଦାସ ‘ନୃତ୍ୟ ତାରକା’ ଏବଂ ଦୀପକ କୁମାର ବେହେରା, ନବକିଶୋର ମହାପାତ୍ର ଓ ରାଜଲକ୍ଷ୍ମୀ ତ୍ରିପାଠୀ ‘କ୍ରୀଡ଼ା ଓ ଯୋଗ’ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିପିନ କୁମାର ସାହୁ ଓ ପ୍ରାତଃ କାଳୀନ ପର୍ଯ୍ୟବେକ୍ଷିକା ସଂଘମିତ୍ରା ଶତପଥୀ ମଧ୍ୟ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ମଦର୍ସ ଡେ’ ପାଳନ ନକରିବାକୁ ନିଷ୍ପତ୍ତି

**ଭୁବନେଶ୍ୱର,୯।୫/ଏନ୍ଏନ୍ଏସ୍:** ଦେଶର ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ମେ ୧୧ ରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ମଦର୍ସ ଡେ’ ଦିବସକୁ ଉତ୍ସବ ଭାବରେ ପାଳନ ନକରିବାକୁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ବଛା ଯାଇଥିବା ଶ୍ରେଷ୍ଠ ଓ ହୃଦୟସ୍ପର୍ଶୀ ସେଲଫି ଓ ବାର୍ତ୍ତାକୁ ଆଗାମୀ ସୁଭଦ୍ରା ମଞ୍ଚରେ ପୁରସ୍କୃତ କରାଯିବ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ସିଭିଲ୍ ଡିଫେନ୍ସ ସ୍ୱେଚ୍ଛାସେବୀଙ୍କୁ ଉପହାସ ସଦୃଶ

# ୮ ଘଣ୍ଟା କାର୍ଯ୍ୟ କଲେ ସର୍ବାଧିକ ମିଳୁଛି ୩୧ ଟଙ୍କା

**ଭୁବନେଶ୍ୱର,୯।୫/ଏନ୍ଏନ୍ଏସ୍:** ରାଜ୍ୟରେ ଶ୍ରମିକଙ୍କ ଦୈନିକ ମଜୁରୀ ୫୦୦ରୁ ୬୦୦ଟଙ୍କା ରହିଥିବା ବେଳେ ସିଭିଲ୍ ଡିଫେନ୍ସର ସ୍ୱେଚ୍ଛାସେବୀଙ୍କୁ ମିଳୁଛି ସର୍ବାଧିକ ୩୧ଟଙ୍କା। ତେବେ ଅଢ଼େଇ ଘଣ୍ଟା କିମ୍ବା ତାହା ଠାରୁ ଅଧିକ ସମୟ ପାଇଁ ଦୈନିକ ପ୍ରତି ସ୍ୱେଚ୍ଛାସେବୀଙ୍କୁ ମାତ୍ର ୨୮ଟଙ୍କା ଏବଂ ୮ଘଣ୍ଟା କାର୍ଯ୍ୟ ଲାଗି ୩୧ଟଙ୍କା ପ୍ରଦାନ କରାଯାଉଛି। ଏହାଦ୍ୱାରା ସିଭିଲ ଡିଫେନ୍ସର ସ୍ୱେଚ୍ଛାସେବୀଙ୍କୁ ପରୋକ୍ଷରେ ଉପହାସ ସଦୃସ ମନେହେଉଛି।

ପହଲଗାମ ଆକ୍ରମଣ ପରେ ରାଜ୍ୟରେ ସିଭିଲ ଡିଫେନ୍ସ କଥା ସଭିଙ୍କର ମନେ ପଡ଼ିଛି। ଏହି ସଂଗଠନରେ କାର୍ଯ୍ୟକରୁଥିବା ସ୍ୱେଚ୍ଛାସେବୀଙ୍କୁ ଦୀର୍ଘ ଦିନ ହେବ ଅବହେଳା କରାଯାଉଛି। କଲେଜ ପଢୁଆ ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ବ୍ୟକ୍ତିବିଶେଷଙ୍କୁ ସିଭିଲ୍ ଡିଫେନ୍ସ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ବିଭିନ୍ନ ସମୟରେ ଯଥା ରଥଯାତ୍ରା, ଜାଗର, ବଡବଡ ମେଳା ସାଙ୍ଗକୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସିଭିଲ୍ ଡିଫେନ୍ସ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଉଛି। ତେବେ ସେମାନଙ୍କୁ ମିଳୁଥିବା ପାରିଶ୍ରମିକ କଥାକୁ ବିଚାର କଲେ ଘରୁ ଖାଇ ଘୋଡ଼ା ଆଗରେ ଦୌଡ଼ିବା ସଦୃଶ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି।

ସବୁଠୁ ବଡ଼ କଥା ହେଲା ଯେ ସ୍ୱେଚ୍ଛାସେବୀଙ୍କ ୟୁନିଫର୍ମ ମଧ୍ୟ ନିଜେ ହାତରୁ କରିବାକୁ ପଡିଥାଏ। ସେଥିଲାଗି ଟଙ୍କା ଟିଏ ବି ସହାୟତା ମିଳିନଥାଏ। ଯାହାକୁ ନେଇ ଅନେକ ଟ୍ରେଣ୍ଡ ସ୍ୱେଚ୍ଛାସେବୀ ଏହି ସଂଗଠନରୁ ଦୂରେଇ ଯାଇ ଅନ୍ୟ କାର୍ଯ୍ୟରେ ଯୋଗ ଦେଉଛନ୍ତି।

ରାଜ୍ୟରେ ମୁଖ୍ୟ ୫ଟି ସହର ଯଥା ଭୁବନେଶ୍ୱର, କଟକ, ରାଉରକେଲା, ତାଳଚେର, ପାରାଦୀପରେ ସିଭିଲ ଡିଫେନ୍ସ ରହିଛି। ଏହା ସହିତ ବାଲେଶ୍ୱର, ଭଦ୍ରକ, ଜଗତସିଂପୁର, ଢେଙ୍କାନାଳ, କେନ୍ଦ୍ରାପଡାରେ ମଧ୍ୟ ଏହି ସଂଗଠନ ରହିଛି। ଭୁବନେଶ୍ୱରରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ରହିଥିବା ବେଳେ ଏହି ୟୁନିଟର ଅନେକ

**ଅଢ଼େଇ ଘଣ୍ଟା ପାଇଁ ୨୮ ଟଙ୍କା**

**ୟୁନିଫର୍ମ ପାଇଁ ବି ମିଳେନାହିଁ ସହାୟତା**

ପ୍ରଶିକ୍ଷକ ଆଡଭାନ୍ସ ପ୍ରଶିକ୍ଷଣ ପାଇ ଏକ୍ସପୋର୍ଟ ହୋଇସାରିଛନ୍ତି। ରାଜ୍ୟର ଅନ୍ୟ ସିଭିଲ ଡିଫେନ୍ସ ୟୁନିଟ ମଧ୍ୟରୁ କିଛି ଜରାଜୀର୍ଣ୍ଣ ଅବସ୍ଥାରେ ପଡିଥିବା ବେଳେ ଆଉକିଛି ଏକପ୍ରକାର ବନ୍ଦ ହୋଇସାରିଲାଣି। ଏହି ଅନୁଷ୍ଠାନ କାର୍ଯ୍ୟାଳୟରେ ସିଡିଆଇ(ସିଭିଲ ଡିଫେନ୍ସ ଇନ୍ସ୍ପେକ୍ଟର) ନିଯୁକ୍ତି ପାଇଥିବା ବେଳେ ଜିଲ୍ଲାର ଜିଲ୍ଲାପାଳମାନେ ହେଉଛନ୍ତି ଏହାର କଣ୍ଟ୍ରୋଲର। ସେହିପରି ଡିଜି ହୋମଗାର୍ଡ ହେଉଛନ୍ତି ଏହାର ମୁଖ୍ୟ। ଏଥିରେ ସ୍ୱେଚ୍ଛାସେବୀଙ୍କୁ ଯୁଦ୍ଧ ସମୟରେ କିପରି ଲୋକଙ୍କୁ ସୁରକ୍ଷା ଦେବା ସେ ସମ୍ପର୍କରେ ଟ୍ରେଣ୍ଡ କରାଯାଇଥାଏ। ସେହିପରି ବିପର୍ଯ୍ୟୟ ପରିଚାଳନା,





ରେସ୍‌କ୍ୟୁ, ଫାୟାର ଫାଇଟିଂ, ଫାଷ୍ଟଏଡ୍, ମକଡ୍ରିଲ ପ୍ରଶିକ୍ଷଣ ପ୍ରଦାନ କରାଯାଇଥାଏ।

ସିଭିଲ୍ ଡିଫେନ୍ସ ୧୯୬୮ ମସିହାରେ ପ୍ରସ୍ତୁତ ହୋଇଥିଲା। ୨୪ ମେ ୧୯୬୮ରେ ଲାଗୁ ହେଲା। ପରେ ୨୦୦୯ରେ ସିଭିଲ୍ ଡିଫେନ୍ସରେ ସଂଶୋଧନ ଆସିଥିଲା। ସାରାଦେଶ ପାଇଁ ଗୋଟିଏ ନିୟମ ଲାଗୁ କରାଯାଇଛି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ଲାଗୁ ହେବ ଏବଂ ଅନ୍ୟ ସମସ୍ତ ନିୟମଠାରୁ ଊର୍ଦ୍ଧ୍ୱରେ ରହିବ। ଯୁଦ୍ଧ, ଜରୁରୀକାଳୀନ ସ୍ଥିତି ସହ ସନ୍ତ୍ରାସବାଦ, ଉଗ୍ରବାଦ ଆକ୍ରମଣ ବେଳେ କାର୍ଯ୍ୟକରିବେ। ଧନଜୀବନ ସୁରକ୍ଷିତ ରଖିବାକୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ, ଟ୍ରାଫିକ୍ ନିୟନ୍ତ୍ରଣ, ନୌ ପରିଚାଳନା, ଲାଇଟ୍ ଓ ସାଉଣ୍ଡ ନିଜ ନିୟନ୍ତ୍ରଣକୁ ନେବା ଆଦି ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଏହି ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଥାଏ। ତେବେ ୧୯୯୩ ପରେ ରାଜ୍ୟରେ ସିଭିଲ ଡିଫେନ୍ସ ଲାଗି କୌଣସି ସଂଶୋଧନ କରଯାଇ ନାହିଁ। ଫଳରେ ଦୀର୍ଘ ଦିନ ହେବ ଏହି ସ୍ୱେଚ୍ଛାସେବୀଙ୍କୁ ସର୍ବନିମ୍ନ ୨୮ଟଙ୍କା ପ୍ରଦାନ କରଯାଉଛି। ତେବେ ବର୍ତ୍ତମାନର ସରକାର ଏଥିରେ ସୁଧାର ଆଣିବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ଦୈନିକ ପାରିଶ୍ରମିକ ବୃଦ୍ଧି ହେବ ବୋଲି ଅନୁମାନ କରାଯାଉଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଗତ ୭ତାରିଖରେ ରାଜ୍ୟ ବ୍ୟାପୀ ହୋଇଥିବା ମକ୍‌ଡ୍ରିଲରେ ସ୍ୱେଚ୍ଛାସେବୀଙ୍କ କାର୍ଯ୍ୟକୁ ରାଜ୍ୟବାସୀ ବେଶ ପ୍ରଶଂଶା କରିଛନ୍ତି।

# ଆଇଏଏସ୍‌ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୯।୫/ଏନ୍ଏନ୍ଏସ୍:** ଆଇଏଏସ ସଞ୍ଜୟ ସିଂହଙ୍କୁ ଗ୍ରାମ୍ୟ ଉନ୍ନୟନ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ଏଥିସହ ଆଇ ଆଣ୍ଡ ପିଆର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଏଥିସହ ଖାଦ୍ୟ ଓ ଯୋଗାଣ ବିଭାଗ ସଚିବ ଦାୟିତ୍ୱରେ ମଧ୍ୟ ରହିବେ। ସେହିପରି ଯାମିନୀ ଷଡ଼ଙ୍ଗୀଙ୍କୁ ଗ୍ରାମ୍ୟ ଉନ୍ନୟନ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।



# ଚଳିତ ମାସରେ ଆସିବ ରାଜ୍ୟ ଅବକାରୀ ନୀତି

**ଭୁବନେଶ୍ୱର,୯।୫/ଏନ୍ଏନ୍ଏସ୍:** ରାଜ୍ୟ ସରକାର ଚଳିତ ମାସ ଶେଷ ସୁଦ୍ଧା ଆଣିବାକୁ ଯାଉଛନ୍ତି ରାଜ୍ୟ ଅବକାରୀ ନୀତି। ଏହି ନୀତି ତିନିବର୍ଷ ପାଇଁ କାର୍ଯ୍ୟକାରୀ ହେବ। ପୂର୍ବରୁ ଅବକାରୀ ନୀତି କେବଳ ଗୋଟିଏ ବର୍ଷ ପାଇଁ କାର୍ଯ୍ୟକାରୀ ହେଉଥିଲା। ଏହାପରେ ଅଧିକ ବିଚାରବିମର୍ଶ କରି ରାଜ୍ୟ ସରକାର ଅବକାରୀ ନୀତିରେ କିଛିଟା ପରିବର୍ତ୍ତନ କରିବାକୁ ଯାଉଛନ୍ତି। ବିଭିନ୍ନ ରାଜ୍ୟର ଅବକାରୀ ନୀତିକୁ ତର୍ଜମା କରାଯାଇ ପଲିସିରେ ପରିବର୍ତ୍ତନ ସହ ଏହାକୁ କାର୍ଯ୍ୟକାରୀ କରିବାକୁ ଚିନ୍ତା କରାଯାଉଥିବା କହିଛନ୍ତି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।



# ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତ ଗିରଫ

**ବୁଗୁଡା,୯।୫/ଏନ୍ଏନ୍ଏସ୍:** ବୁଗୁଡା ଥାନା ଅନ୍ତର୍ଗତ ଏକ ଗ୍ରାମର ଜନୈକା ବିବାହିତା ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତ ଯୁବକକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଗିରଫ ଯୁବକ ଜଣକ ବେଲପୁର ଗ୍ରାମର ସଚ୍ଚିଦାନନ୍ଦ ରାଉତ (୨୭) ବୋଲି ଜଣାପଡିଛି । ଏନେଇ କେସ୍ ନଂ ୨୧୮/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ । ପ୍ରକାଶ ଯେ, ତିନୋଟି ସନ୍ତାନର ଜନନୀ ହୋଇଥିବା ସମ୍ପୃକ୍ତା ମହିଳା ଜଣଙ୍କର ସ୍ୱାମୀ ଚେନ୍ନାଇରେ କାମ କରୁଥିବା ବେଳେ ଏହାର ସୁଯୋଗ ନେଇ ସଚ୍ଚିଦାନନ୍ଦ ତାଙ୍କୁ ପ୍ରଲୋଭନ ଦେଖାଇ ଗତ ମାସରେ କୁଆଡେ ନେଇଯାଇ ଦୁଷ୍କର୍ମ କରିଥିଲା । ଏନେଇ ମହିଳାଙ୍କ ଅଭିଯୋଗ କ୍ରମେ ପୁଲିସ ଅଭିଯୁକ୍ତ ଯୁବକ ସଚ୍ଚିଦାନନ୍ଦକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି ।

# ୫ ନମ୍ବର ୱାର୍ଡ୍‌ରେ ପାନୀୟଜଳ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ



**କନ୍ଧମାଳ, ୯।୫/ଏନ୍ଏନ୍ଏସ୍:** ଫୁଲବାଣୀର ୫ ନମ୍ବର ୱାର୍ଡରେ ଜଳ ସମସ୍ୟାକୁ ନେଇ ଶତାଧିକ ୱାର୍ଡ ବାସିନ୍ଦା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ପ୍ରଖର ହେବା ସହିତ ଅତ୍ୟାବଶ୍ୟକୀୟ ପାନୀୟ ଜଳ ଯୋଗାଣ ଠିକ୍ ଭାବରେ ହେଉନାହିଁ । ବର୍ଷାଧିକ ସମୟ ଧରି ଏହି ୱାର୍ଡରେ ପାନୀୟ ଜଳର ସମସ୍ୟା ଲାଗି ରହିଥିବାରୁ ଅନେକ ଥର ଜଳ ଯୋଗାଣ ଅଫିସରଙ୍କୁ ଅଭିଯୋଗ କରି କୌଣସି ଫଳ ମିଳୁ ନଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁସାରେ ୨୦ ବର୍ଷ ପୂର୍ବରୁ ଏହି ଅଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ଭୂମି ତଳେ ଯେଉଁ ସରୁ ପାଇପ୍ ବିଛା ଯାଇଥିଲା, ସେତେବେଳକୁ ଉପଭୋକ୍ତା ହୁଏ ତ ୧୦୦ ସଂଖ୍ୟା ଥିଲେ, କିନ୍ତୁ ବର୍ତ୍ତମାନ ଉପଭୋକ୍ତା ସଂଖ୍ୟା ୫୦୦୦ ରୁ ଅଧିକ ହୋଇଥିଲେ ମଧ ସେଇ ପୁରୁଣା ସରୁ ପାଇପ୍ ଆଜି ଯାଏଁ ପରିବର୍ତ୍ତନ ହୋଇ ନାହିଁ । ଫଳରେ ବର୍ଷ ବର୍ଷ ଧରି ଏହି ୱାର୍ଡରେ ପିଏଚଇଡି ପାନୀୟ ଜଳର ଘୋର ଅଭାବ ଦେଖା ଦେଉଛି । ଦିନର କେଉଁ ସମୟରେ ପାଣି ଆସିବ ତାର କୌଣସି ନିର୍ଦ୍ଦିଷ୍ଟ ସମୟ ରହୁନାହିଁ । କେଉଁ ୱାର୍ଡରେ ପାଣି ଭାସୁଥିବା ବେଳେ କେଉଁ ୱାର୍ଡରେ ପାନୀୟ ଜଳର ଘୋର ଅଭାବ । ରାସନ କାର୍ଡ ଧାରକ ମାନଙ୍କୁ ଦିଆ ଯାଇଥିବା ପାଇପ୍ ସଂଯୋଗରେ ପାଣି ଆସୁ ନଥିବାରୁ ପବ୍ଲିକ ଟ୍ୟାପରେ ପାଣି ପାଇବା ପାଇଁ ଗରା ବାଲଟି ଥୋଇ ଦିନ ତମାମ ପାଇପ୍ କୁ ଅନେଇ ରହି ପାନୀୟ ଜଳ କଷ୍ଟ ରେ ରହିବାକୁ ପଡୁଛି । ଅନେକ ଅଭିଯୋଗ ପରେ ଏହି ୱାର୍ଡରେ ଥିବା ନଳକୂପ ର ମରାମତି ହୋଇ ଥିଲେ ହେଁ ଏହି ନଳକୂପ ଜଳରେ ମାତ୍ରାଧିକ ଲୌହ ଅଂଶ ରହୁଥିବାରୁ ଏହା ପାନୀୟ ଜଳର ବିକଳ୍ପ ହୋଇ ପାରୁନାହିଁ । ପ୍ରକାଶ ଥାଉ କି ଗତ କିଛିଦିନ ତଳେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ କନ୍ଧମାଳ ଜିଲ୍ଲାର ଗସ୍ତ ଅବସରରେ ଫୁଲବାଣୀ ସହରର ପାନୀୟ ଜଳର ସମସ୍ୟା ନେଇ ଅଧିକାରୀମାନଙ୍କୁ ତାଗିଦ୍ କରି ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିବାରୁ ସହର ବାସିନ୍ଦା ପାନୀୟ ଜଳ ଭଳି ମୌଳିକ ସମସ୍ୟାର ସମାଧାନ ହେବ ବୋଲି ସହରବାସୀ ଆଶା ପୋଷଣ କରିବା ସହିତ ସ୍ଥାନୀୟ ବାସିନ୍ଦା ଯଥା ଶ୍ରୀବସ୍ତ ବିଷ୍ଣାଣୀ, ପ୍ରମୋଦ କୁମାର ମହାନ୍ତି, ରାଧାକାନ୍ତ ନାୟକ,ଅନୁପ ମିଶ୍ର, ନିରଞ୍ଜନ ପାଣ୍ଡେ,ଦୁର୍ଗା ମାଧବ ପଣ୍ଡା, ସୁଦର୍ଶନ ବିଷୋୟୀ, ପ୍ରମୁଖଙ୍କ ଦ୍ୱାରା ସହରବାସୀଙ୍କ ରହିଥିବା ଏହିପରି ବହୁବିଧ ମୌଳିକ ସମସ୍ୟାର ସମସ୍ତ ବିକଳ୍ପ ସମାଧାନ ପାଇଁ ୱାର୍ଡସ୍ତରୀୟ ସ୍ୱତନ୍ତ୍ର କମିଟି ଗଠନ କରି ତ୍ୱରିତ ସମାଧାନ କରିବାକୁ ଦାବି କରାଯାଇଛି ।

# ଭାରତୀୟ ସେନାର ସମ୍ମାନରେ କଂଗ୍ରେସର ତ୍ରିରଙ୍ଗା ଯାତ୍ରା



**ବ୍ରହ୍ମପୁର, ୯।୫/ଏନ୍ଏନ୍ଏସ୍:** ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଯୋଗାଉଥିବା ପାକିସ୍ତାନକୁ ମୁହଁତୋଡ ଜବାବ ଦେଉଛି ଭାରତୀୟ ସେନା । ଭାରତୀୟ ସେନାଙ୍କ ସମ୍ମାନ ଉଦ୍ଦେଶ୍ୟରେ ଆଜି ବ୍ରହ୍ମପୁର କଂଗ୍ରେସ ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଉତ୍କଳ ଆଶ୍ରମ କଂଗ୍ରେସ କାର୍ଯ୍ୟାଳୟ ପରିସରରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ଗାନ୍ଧୀନଗର ପର୍ଯ୍ୟନ୍ତ ଯାଇଥିଲା । ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ଦଳୀୟ ନେତା ଓ କର୍ମୀ ସାମିଲ ହୋଇଥିଲେ । ଜାତୀୟ ସଂଗୀତ ଗାନ କରାଯିବା ସହ ଦେଶ ମାତୃକାର ସୁରକ୍ଷା ଓ ଆତଙ୍କବାଦୀ ମୂଳପୋଛ ପାଇଁ ପାକିସ୍ତାନ ବିରୋଧରେ ଲଢେଇ କରୁଥିବା ଭାରତୀୟ ସେନାର ମନବୋଳ ବୃଦ୍ଧି ପାଇଁ ଏହି ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଦେଶର ସୁରକ୍ଷା ପାଇଁ ସରକାର ନେଉଥିବା ପଦକ୍ଷେପକୁ ବିରୋଧୀ କଂଗ୍ରେସ ପକ୍ଷରୁ ପୂର୍ଣ୍ଣ ସମର୍ଥନ ଜଣାଯିବା ସହ ପାକିସ୍ତାନକୁ ମୂଳପୋଛ କରିବାର ସମୟ ଆସିଯାଇଛି ବୋଲି କଂଗ୍ରେସ ନେତାମାନେ କହିଥିଲେ । ସୂଚନାଥାଉକି ଗତ କିଛିଦିନ ପୂର୍ବେ ଜାମ୍ମୁ କାଶ୍ମୀର ପହଲଗାମରେ ବଡ ଧରଣର ଆତଙ୍କବାଦୀ ହମ୍‌ଲା ହୋଇଥିଲା । ଆତଙ୍କାବାଦୀଙ୍କ ବହୁ ପର୍ଯ୍ୟଟକ ପ୍ରାଣ ହରାଇଥିଲେ । ଏହି ଘଟଣା ଭାରତବାସୀଙ୍କୁ ସ୍ତବ୍ଧ କରିଥିଲା । ପାକିସ୍ତାନ ପ୍ରୋତ୍ସାହନରେ ଆତଙ୍କବାଦୀଙ୍କ ଆକ୍ରମଣ ଘଟଣାକୁ ସାରା ଦେଶ ନିନ୍ଦା କରିଥିଲା ।

# ୮ରେ ବୌଦ୍ଧ-କନ୍ଧମାଳ ଜିଲ୍ଲା ମିଳିତ ପେନ୍‌ସନ୍ ଅଦାଲତ

**ଫୁଲବାଣୀ,୯।୫/ଏନ୍ଏନ୍ଏସ୍:** କନ୍ଧମାଳ ଓ ବୌଦ୍ଧ ଜିଲ୍ଲା ପାଇଁ ପେନସନ୍ ଅଦାଲତ ଚଳିତ ମାସ ୧୩ ତାରିଖ ଫୁଲବାଣୀ ଜିଲ୍ଲା ପରିଷଦ ସମ୍ମିଳନୀରେ କକ୍ଷରେ ଅନୁଷ୍ଠିତ ହେବ । ଏହି ଅଦାଲତରେ ଦୀର୍ଘ ଦିନ ଧରି ବିଚାରାଧୀନ ଥିବା ପେନସନ୍ ମାମଲା, ଭାଗ-୨ ଗ୍ରାଚ୍ୟୁଇଟି, ଜିପିଏଫ୍, ମିସିଙ୍ଗ୍ କ୍ରେଡିଟ୍ ମାମଲା ଏବଂ ଏହି ଦୁଇ ଜିଲ୍ଲା ସହିତ ଜଡିତ ବିଭିନ୍ନ ମାମଲାର ସମାଧାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗର ନିର୍ଦ୍ଦେଶକ ଏବଂ ଏକ୍ସ-ଅଫିସିଓ ସ୍ୱତନ୍ତ୍ର ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ପ୍ରିନ୍ସିପାଲ୍ ଆକାଉଣ୍ଟାଣ୍ଟ ଜେନେରାଲ (ଏ ଆଣ୍ଡ ଇ)ଙ୍କ ସମେତ ହିସାବ ନିୟନ୍ତ୍ରକଙ୍କ କାର୍ଯ୍ୟାଳୟର ଅଧିକାରୀ ଯୋଗଦେବେ । ଯେଉଁ ପେନସନ୍‌ଧାରୀମାନଙ୍କ ୩୧ ମାର୍ଚ୍ଚ ୨୦୨୫ ସୁଦ୍ଧା ଅବସର ପ୍ରାପ୍ୟ ସହ ବୃତାନ୍ତ ପେନସନ୍ ମଞ୍ଜୁର ହୋଇନାହିଁ, ସେମାନଙ୍କୁ ଏହି ପେନସନ୍ ଅଦାଲତରେ ଯୋଗଦେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

# ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମନ୍ୱୟ ସଭା



**ପୁରୀ,୯।୫/ଏନ୍ଏନ୍ଏସ୍:** ରଥଯାତ୍ରାରେ ସ୍ୱେଚ୍ଛାସେବୀମାନଙ୍କର ସେବା ଅନନ୍ୟ ଓ ପ୍ରଶଂସନୀୟ । ବର୍ଷ ପରେ ବର୍ଷ ସେମାନେ ମହାପ୍ରଭୁଙ୍କ ପ୍ରତି ସେବା ଓ ସମର୍ପଣ ରଖି ଶ୍ରଦ୍ଧାଳୁମାନଙ୍କୁ ସହାୟତା ଯୋଗାଇ ଆସୁଛନ୍ତି । ଚଳିତ ରଥଯାତ୍ରା ରେ ମଧ ଅନୁରୂପ ଉଲ୍ଲେଖନୀୟ ସେବା ଯୋଗାଇ ଦେବାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ ଅନୁରୋଧ କରିଛନ୍ତି ।

ଆଜି ପୂର୍ବାହ୍ନରେ ଟାଉନ୍ ହଲ୍‌ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗାମୀ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ପାଇଁ ସ୍ୱେଚ୍ଛାସେବୀମାନଙ୍କ ସହ ଏକ ସମନ୍ୱୟ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ରଥଯାତ୍ରା ସମୟରେ ବିବିଧ କାର୍ଯ୍ୟକୁ ସୁରୁଖୁରୁରେ ପରିଚାଳନା ପାଇଁ ସମସ୍ତ ଙ୍କ ସହଯୋଗ ଜରୁରୀ ହୋଇଥାଏ । ତେଣୁ ସମସ୍ତେ ମିଳିମିଶି ଚଳିତ ରଥଯାତ୍ରାକୁ ସଫଳ କରିବା ପାଇଁ ଅନୁରୋଧ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ସେମାନଙ୍କ ଅନୁଭବ ଓ ଅଭିଜ୍ଞତାରୁ ପ୍ରଭୁଙ୍କ କାର୍ଯ୍ୟରେ ବିଭିନ୍ନ ସେବା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର ରଥଯାତ୍ରା ସମୟରେ ଏକୁଟିଆ ପ୍ରଶାସନ ବା ପୁଲିସ ଲକ୍ଷ ଲକ୍ଷ ସଂଖ୍ୟାରେ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ସୁରକ୍ଷା ଓ ସୁବିଧା ଯୋଗାଇବା ସମ୍ଭବ ନୁହେଁ । ଏଥିପାଇଁ ସ୍ୱେଚ୍ଛାସେବୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ମହାପ୍ରଭୁଙ୍କ ସେବା ବୋଲି ଅନୁଭବ କରି ଆମେ ମିଳିମିଶି କାର୍ଯ୍ୟ କରିବାକୁ ସେ ଅନୁରୋଧ କରିଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଏସପି ସୁଶୀଲ କୁମାର ମିଶ୍ର, ଡିଆଇବି ଅତିରିକ୍ତ ଏସ୍‌ପି ଦେବୀ ପ୍ରସାଦ ପ୍ରତାପ, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଅତିରିକ୍ତ ଏସପି ସୌମ୍ୟ ରଞ୍ଜନ ମଲ୍ଲିକ, ସିଡିଏମ୍‌ଓ ଡା. ରୂପଭାନୁ ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ଜିଏମ୍ ୱାଟ୍‌କୋ ବିକ୍ରମ ରାଉତ, ସଚିନ ପଟେଲ ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାସେବୀମାନଙ୍କ ସହ ପ୍ରତ୍ୟେକ ବିଭାଗର ସୁସମନ୍ୱୟ ସେବା କାର୍ଯ୍ୟରେ ସହାୟକ ହେବ ବୋଲି କହିଥିଲେ । ପ୍ରାରମ୍ଭରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ବିଗତ ବର୍ଷ ଭଳି ସ୍ୱେଚ୍ଛାସେବୀମାନେ ଉନ୍ନତ ସେବା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ । ପରେ ବିସ୍ତୃତ ଆଲୋଚନା ପରେ ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, ଚିକିତ୍ସା ସହାୟତା, ଆମ୍ବୁଲାନ୍ସ ସେବା, ଷ୍ଟ୍ରେଚର ସେବା,ରକ୍ତ ଦାନ, ଶବ ସତ୍କାର, ଆଶୁ ଚିକିତ୍ସା କେନ୍ଦ୍ର ସ୍ଥାପନ, ପାନୀୟ ଜଳ ଯୋଗାଣ, ଟ୍ରାଫିକ ରକ୍ଷାରେ ସହାୟତା, ଶୃଙ୍ଖଳା ରକ୍ଷା, ଜଳ ସିଞ୍ଚନ, ରାସ୍ତା ଘାଟ ପରିଷ୍କାର, ଶ୍ରୀମନ୍ଦିର, ଶ୍ରୀ ଗୁଣ୍ଡିଚା ମନ୍ଦିର, ବଡ଼ଦାଣ୍ଡ, ସମୁଦ୍ର କୂଳ ପରିଷ୍କାର, ତୀର୍ଥ ପୁଷ୍କରିଣୀ ପରିଷ୍କାର, ବଡ଼ଦାଣ୍ଡରୁ ବୁଲା ଗାଈଗୋରୁ ଓ ଷଣ୍ଢକୁ ହଟାଇବା, ସୂଚନା ପ୍ରଦାନ ବ୍ୟବସ୍ଥା ଓ ଉଦ୍ଧାର କାର୍ଯ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ପରିଚାଳନା କରିବେ ବୋଲି ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟ ପାଇଁ ବିଭିନ୍ନ ସବ୍‌କମିଟି ଗଠନ କରାଯାଇ ବରିଷ୍ଠ ଅଧିକାରୀ ବା ନୋଡାଲ ଅଫିସରଙ୍କ ତତ୍ତ୍ୱାବଧାନରେ ଯୋଜନାବଦ୍ଧ ଭାବେ କାର୍ଯ୍ୟ ସମ୍ପାଦନ କରାଯିବ । ଯେଉଁ କ୍ଷେତ୍ରରେ ଯେଉଁ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ଅଭିଜ୍ଞତା ରହିଛି ସେମାନେ ସେହି କ୍ଷେତ୍ରରେ କାର୍ଯ୍ୟ କରିବେ । ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ କାର୍ଯ୍ୟ ପରିଚାଳନା କରିଥିଲେ । ଏଥିରେ ଅନ୍ୟାନ୍ୟ ବିଭାଗର ଅଧିକାରୀଙ୍କ ସହ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ବିବିଧ ପ୍ରସ୍ତାବମାନ ଦେଇଥିଲେ । ଶେଷରେ ଉପଜିଲ୍ଲାପାଳ ରାଜ କିଶୋର ଜେନା ଧନ୍ୟବାଦ୍ ଦେଇଥିଲେ ।

# ଜାତୀୟ ରାଜପଥରେ ଦୁର୍ଘଟଣା, ଯୁବକଙ୍କ ମୃତ୍ୟୁ





**ବ୍ରହ୍ମପୁର,୯।୫/ଏନ୍ଏନ୍ଏସ୍:** ଗୋପାଳପୁର ଥାନା ଅନ୍ତର୍ଗତ ଗୋପାଳପୁର ଜଙ୍କସନ୍ ପେଟ୍ରୋଲ ପମ୍ପ ନିକଟସ୍ଥ ୧୬ନଂ ଜାତୀୟ ରାଜପଥରେ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ଖୋଡାସିଙ୍ଗି ନିରଞ୍ଜନ ନଗର ପ୍ରଥମ ଲାଇନ୍‌ରେ ରହୁଥିବା ଭବାନୀ ଶଙ୍କର ଦାଶଙ୍କ ପୁଅ ଶୁଭାଶିଷ ଦାଶ(୨୩) ବୋଲି ଜଣାପଡିଛି । ସୂଚନାଯୋଗ୍ୟ ଯେ, ଶୁଭାଶିଷ ତାଙ୍କ ସାଙ୍ଗଙ୍କୁ ଆଣିବାକୁ ଗତକାଲି ରାତିରେ କାର୍ ଯୋଗେ ଛତ୍ରପୁର ଯାଇଥିଲେ । ସେ ଗାଡ଼ିରେ ୫ଜଣଙ୍କୁ ନେଇ ଫେରୁଥିଲେ । ଦ୍ରୁତ ଗତିରେ ଗାଡ଼ି ଚଳାଇବାରୁ ଭାରସାମ୍ୟ ହରାଇ ଗୋପାଳପୁର ଜଙ୍କସନ୍ ପେଟ୍ରୋଲ ପମ୍ପ ନିକଟ ରାସ୍ତାରେ ଡିଭାଇଡରକୁ ପିଟି ହେବା ସହ ଏକ ଖୁଣ୍ଟକୁ ଧକ୍କା ହୋଇଥିଲା । ଦୁର୍ଘଟଣା ଏତେ ଶକ୍ତ ଥିଲା ଯେ, ଗାଡିର ସମ୍ମୁଖ ଭାବ ଚାପି ହୋଇଯାଇଥିଲା । ଫଳରେ ଗାଡ଼ିରେ ବସିଥିବା ଅନ୍ୟ ସାଙ୍ଗମାନେ ସାମାନ୍ୟ ଆହତ ହୋଇଥିବା ବେଳେ ଶୁଭାଶିଷ ଗୁରୁତର ଆହତ ହୋଇଥିଲେ । ରାତିରେ ପେଟ୍ରୋଲିଂରେ ଥିବା ଗୋପାଳପୁର ପୁଲିସ ଖବର ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲା । ଗୁରୁତରଙ୍କୁ ଉଦ୍ଧାର କରି ବ୍ରହ୍ମପୁର ମେଡିକାଲ ପଠାଇଥିଲା । ସେଠାରେ ଶୁଭାଶିଷଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ଏକ ମେଡିକାଲ ନେଉଥିବା ବେଳେ ବାଟରେ ମୃତ୍ୟୁବରଣ କରିଥିବା ଜଣାପଡିଛି । ଏନେଇ ତାଙ୍କ ଦାଦା ଅଶୋକ କୁମାର ଦାଶ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପ୍ରକାରେ ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି ।

# ୧୩ରୁ ଶ୍ରୀମନ୍ଦିର ସେବକ ବାଳକବାଳିକାଙ୍କ ସନ୍ତରଣ ପ୍ରଶିକ୍ଷଣ

**ପୁରୀ,୯।୫/ଏନ୍ଏନ୍ଏସ୍:** ଶ୍ରୀମନ୍ଦିର ସେବକ ବାଳକ ବାଳିକାମାନଙ୍କ ପାଇଁ ଏକ ସନ୍ତରଣ ପ୍ରଶିକ୍ଷଣ ଶିବିର ଚଳିତ ମାସ ୧୩ ତାରିଖରୁ ଜୁନ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଶ୍ରୀଜଗନ୍ନାଥ ଷ୍ଟାଡିୟମ ସନ୍ତରଣାଗାରରେ ଏହି ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଆଜି ଅପରାହ୍ନରେ ଟାଉନ ହଲ୍‌ଠାରେ ଏ ସମ୍ପର୍କରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ଏଥିରେ ଯୋଗଦେଇ ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ ପ୍ରତ୍ୟେକଙ୍କ ମଧ୍ୟରେ ପ୍ରତିଭା ରହିଛି ଓ ଏହାର ଉନ୍ମେଷ ର ଆବଶ୍ୟକତା ରହିଛି ବୋଲି କହିଥିଲେ । ନିଜକୁ ସୁସ୍ଥ ଓ ନୀରୋଗ ରଖିବାକୁ ଯୋଗ, ବ୍ୟାୟାମ ପରି କ୍ରୀଡା ମଧ ଏକ ଶ୍ରେଷ୍ଠ ମାଧମ ବୋଲି କହିବା ସହ ସନ୍ତରଣ ପ୍ରତି ପିଲାମାନଙ୍କ ଆଗ୍ରହ ପାଇଁ ଶୁଭେଚ୍ଛା ଜଣାଇଥିଲେ । ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ ପିଲାମାନଙ୍କ ଶୃଙ୍ଖଳା ଓ ଚରିତ୍ର ଗଠନ ପାଇଁ ଏହା ବେଶ ଉପାଦେୟ ହୋଇ ପାରିବ ବୋଲି କହିଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଓ ସେବକ କଲ୍ୟାଣର ବରିଷ୍ଠ ସହାୟକ ସୂର୍ଯ୍ୟ ନାରାୟଣ ମହାପାତ୍ର ବିସ୍ତୃତ ସୂଚନା ଦେଇ ୩ଟି ସ୍ଲଟରେ ସନ୍ତରଣ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ ବୋଲି କହିଥିଲେ । ସୋମବାର ବ୍ୟତୀତ ସକାଳ ୭.୧୫ରୁ ୮ ଘଟିକା, ସକାଳ ୯ଟାରୁ ୯.୪୫ ଘଟିକା ପର୍ଯ୍ୟନ୍ତ ବାଳକମାନଙ୍କର ଓ ୯.୪୫ରୁ ସକାଳ ୧୦.୩୦ ପର୍ଯ୍ୟନ୍ତ ବାଳିକାମାନଙ୍କର ପ୍ରଶିକ୍ଷଣ ଅନୁଷ୍ଠିତ ହେବ । ପ୍ରତ୍ୟେକ ପ୍ରଶିକ୍ଷାର୍ଥୀ ସନ୍ତରଣ କଷ୍ଟ୍ୟୁମ ବା ପୋଷାକରେ ସନ୍ତରଣ କରିବେ ବୋଲି ସେମାନେ କହିଥିଲେ । କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ସହକାରୀ ପ୍ରଶାସକ ଶୁଭଶ୍ରୀ ସୁଚିସ୍ମିତା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ବରିଷ୍ଠ ସେବାୟତ ଓ ଅନ୍ୟାନ୍ୟ ସେବାୟତ ଏବଂ କୁନି ପ୍ରତିଯୋଗୀମାନେ ଯୋଗ ଦେଇଥିଲେ । ଶେଷରେ ପ୍ରତିଯୋଗୀଙ୍କୁ କିଟ୍‌ସ୍ ପ୍ରଦାନ କରାଯାଇଥିଲା ।



# ଯୋକବନ୍ଧ ପୋଖରୀ ସୌନ୍ଦର୍ଯ୍ୟକରଣ ଓ ପୁନରୁଦ୍ଧାର କାର୍ଯ୍ୟ ଅଧାରୁ ବନ୍ଦ

**ଆସିକା,୯।୫/ଏନ୍ଏନ୍ଏସ୍:** ପୁରାତନ ଜଳାଶ୍ରୟଗୁଡିକୁ ବ୍ୟବହାର ଉପଯୋଗୀ ସହ ସୌନ୍ଦର୍ଯ୍ୟକରଣ ଓ ପୁନରୁଦ୍ଧାର ପାଇଁ ଗତ କିଛି ମାସ ତଳେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆମ ପୋଖରୀ ଯୋଜନାରେ ଆରମ୍ଭ ହୋଇଥିବା ପ୍ରୟାସ ଆସିକା ଏନ୍ଏସି ଅଂଚଳରେ ବାଟବଣା ହୋଇଥିବା ଅଭିଯୋଗ ହେଉଛି । ପ୍ରଶାସନ ଆସିକା ଏନ୍ଏସି ଅଧୀନସ୍ଥ ୧୪ ନମ୍ବର ୱାର୍ଡ ଓ ୧୫ ନମ୍ବର ୱାର୍ଡର ଅଞ୍ଚଳବାସୀଙ୍କୁ ସ୍ୱପ୍ନ ଦେଖାଇ ଭୁଲିଗଲା କି ବୋଲି ସଚେତନ ନାଗରିକ ମହଲରେ ମତ ପ୍ରକାଶ ପାଉଛି । ଏ ସଂପର୍କରେ ମିଳିଥିବା ସୂଚନା ଅନୁଯାୟୀ ଦୀର୍ଘ ବର୍ଷ ଧରି ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାକୁ ଆସି ବ୍ୟବହାର ଅନୁପଯୋଗୀ ହୋଇପଡିଥିବା ଆସିକା ଏନ୍ଏସି ଅଧୀନସ୍ଥ ୧୫ ନମ୍ବର ୱାର୍ଡର ଯୋକବନ୍ଧ ପୋଖରୀକୁ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆମ ପୋଖରୀ ଯୋଜନାରେ ସାମିଲ୍ କରାଯାଇ ପ୍ରାୟ ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୁନଃ ନବୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଗତ ୨୦୨୪ ମସିହା ଅଗଷ୍ଟ ମାସ ୩୧ ତାରିଖରେ କରାଯାଇଥିଲା । ଆସିକା ସହରର ଅତି ପୁରାତନ ଯୋକବନ୍ଧ ପୋଖରୀରୁ ପଙ୍କ ସାଙ୍ଗକୁ ଅନାବନା ଗଛ ସଫା କରିବା ପାଇଁ ପ୍ରାୟ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ବି କରାଯାଇଥିଲା । ତେବେ କାମ ଆରମ୍ଭର ମାତ୍ର କିଛି ଦିନ ପରେ ପୋଖରୀ ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାମ ବନ୍ଦ ରହିଥିବା ଯୋଗୁଁ ବର୍ତ୍ତମାନ ପୁଣି ଯୋକବନ୍ଧଟି ଅନାବନା ଗଛରେ ପୋତି ହୋଇଯାଇଥିବା ଜଣାପଡିଛି । ଫଳରେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିଲା ବୋଲି ସଚେତନ ନାଗରିକ ମହଲରେ ଆଲୋଚିତ ହେଉଛି । ଯୋକବନ୍ଧ ପୋଖରୀର ପୁନଃ ନବୀକରଣ କାର୍ଯ୍ୟକ୍ରମରେ ବ୍ୟାପକ ଅନିୟମିତତା ହୋଇଥିବା କୁହାଯାଉଛି । ଅଟକିଥିବା ଯୋକବନ୍ଧ ପୋଖରୀର ପୁନରୁଦ୍ଧାର କାମ କେବେ ଆଗେଇବ ତାହା ସାଧାରଣରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ରାଜ୍ୟ ସରକାର ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ଆମ ପୋଖରୀ ଯୋଜନାରେ ବନ୍ଦ ହୋଇରହିଥିବା ଯୋକବନ୍ଧ ପୋଖରୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାମ ଶୀଘ୍ର ଆରମ୍ଭ କରିବା, ଅନିୟମିତତା ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବିଭିନ୍ନ ମହଲରେ ଦୃଢ ଦାବି ହେଉଛି ।




# ରାସ୍ତା ଉପରେ ଜଳିଗଲା କାର୍

**କିଶୋରନଗର,୯।୫/ଏନ୍ଏନ୍ଏସ୍:** ରଘୁନାଥପୁର ବ୍ଲକ ଅଧିନ ତାରପୁର ବାଇପାସ କଟକ ପାରାଦୀପ ରାସ୍ତାରେ ଶୁକ୍ରବାର ଅପରାହ୍ନ ରେ ଏକ ମାରୁତି ସେଲର କାର ନଂ ଓଡି ୦୧ଜେଡ୍ ୪୩୭୭ ହୁତୁହୁତୁ ହୋଇ ଜଳୁଥିବାର ଦେଖିବାକୁ ମିଳିଛି । ସ୍ଥାନୀୟ ହରିଷପୁର ଗ୍ରାମର ଜୈନିକ ବ୍ୟକ୍ତି ପରିବାର ସହିତ ୪ ଜଣ ନିଜ କାର ଯୋଗେ ନିଜ ଘରର ପୂଜା ସାମଗ୍ରୀ ନେଇ ମହାନଦୀରେ ବିସର୍ଜନ କରିବାକୁ ଯାଉଥିବାବେଳେ ରାସ୍ତାରେ କାର ଚକାରେ ନିଆଁ ଲାଗିଯାଇଥିଲା । କାରରେ ନିଆଁ ଲାଗିବା ଦେଖି ବାଇକ୍‌ରେ ଆସୁଥିବା ଜଣେ ବାଟୋଇ ଗାଡ଼ିଚାଳକକୁ ଅବଗତ କରିଥିଲେ । ଏହା ଦେଖି ସ୍ଥାନୀୟ ବଜାରର ବ୍ୟବସାୟୀ ଶାରଦା ରାଉତ, ତ୍ରିନାଥ ସାହୁ, ସୋମ ନାୟକ, ବାନା ବିଶ୍ୱାଳ ପ୍ରମୁଖ କାର ଭିତରୁ ସମସ୍ତଙ୍କୁ ବାହାର କରି ରଘୁନାଥପୁର ଅଗ୍ନିଶମ ଓ ପୁଲିସକୁ ଖବର ଦେଇଥିଲେ । ଖବରପାଇ ପୁଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ କରି ଅର୍ଦ୍ଧଦଗ୍ଧ କାରକୁ ସ୍ଥାନୀୟ ଗ୍ୟାରେଜ୍‌ରେ ରଖିଥିଲେ ।



# ଶ୍ରୀ ସତ୍ୟନାରାୟଣ ମନ୍ଦିରର ବାର୍ଷିକୋତ୍ସବ

**ଆସିକା,୯।୫/ଏନ୍ଏନ୍ଏସ୍:** ଆସିକା ଏନ୍ଏସି ଅଧିନସ୍ଥ ବିନୋବା ମାର୍ଗ ସ୍ଥିତ ଶ୍ରୀ ସତ୍ୟନାରାୟଣ ଦେବତାଙ୍କ ପବିତ୍ର ମନ୍ଦିରର ୩୦ତମ ବାର୍ଷିକୋତ୍ସବ ଶୁକ୍ରବାର ଭକ୍ତିମୟ ପରିବେଶ ମଧରେ ସଂପନ୍ନ ହୋଇଛି । ଶ୍ରୀ ସତ୍ୟନାରାୟଣ ଚରଣାଶ୍ରିତ କେ.ସନ୍ତୋଷ କୁମାର ସେନାପତି, କେ.ସୁନିତା ସେନାପତି ଓ କେ.ଦୀପକ କୁମାର ସେନାପତି, କେ.ରୋଜାରାଣୀ ସେନାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂର୍ବ ବର୍ଷମାନଙ୍କ ଭଳି ଚଳିତ ବର୍ଷ ମଧ ବିଧିବିଧାନ, ନୀତିକାନ୍ତି ଓ ବୈଦିକ ରୀତିରେ ଅନୁଷ୍ଠିତ ହୋଇଥିଲା ପୂଜା । ଶ୍ରୀ ସତ୍ୟନାରାୟଣ ଦେବତାଙ୍କ ମନ୍ଦିରର ୩୦ତମ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଶହ ଶହ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥିଲା । ସତ୍ୟ ନାରାୟଣ ମନ୍ଦିରର ପୂଜକ ଅଭିମନ୍ୟୁ ପଣ୍ଡାଙ୍କ ସହଯୋଗ ଓ ଆସିକା ଅଞ୍ଚଳର ଅନ୍ୟତମ ଅଭିଜ୍ଞ ବିଦ୍ୱାନ ପଣ୍ଡିତ ଆଦିତ୍ୟ ପ୍ରସାଦ ଷଡଙ୍ଗୀ ଓ ସହଯୋଗୀ ପଣ୍ଡିତ ଦୁର୍ଗାମାଧବ ରଥଙ୍କ ମନ୍ତ୍ରୋଚାରଣରେ ଆଧାତ୍ମିକ କାର୍ଯ୍ୟକ୍ରମ ସଂପନ୍ନ ହୋଇଥିଲା । ଆଧାତ୍ମିକ କାର୍ଯ୍ୟକ୍ରମରେ ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ ଜମିଥିଲା । ମନ୍ଦିରର ବାର୍ଷିକ ଉତ୍ସବ ଅବସରରେ ଆୟୋଜକଙ୍କ ପକ୍ଷରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ସନ୍ଧ୍ୟାରେ ବାଦ୍ୟବାଜଣାର ତାଳେତାଳେ ଠାକୁର ସତ୍ୟ ନାରାୟଣଙ୍କ ବିଜେ ପ୍ରତୀମାକୁ ନଗର ପରିକ୍ରମା କରାଯାଇଥିଲା ।

# ଶ୍ରମିକ ସହାୟତା କେନ୍ଦ୍ର ଉଦ୍‌ଘାଟନ




**ଫୁଲବାଣୀ, ୯।୫/ଏନ୍ଏନ୍ଏସ୍:** ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ମିଳିତ ସହଯୋଗରେ ସଂଗଠିତ ଓ ଅଣ ସଂଗଠିତ ଶ୍ରମିକଙ୍କ ପାଇଁ ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଫୁଲବାଣୀଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ମାଦିକୁଦା ଛକ, ଫୁଲବାଣୀଠାରେ ଏକ ଶ୍ରମିକ ସହାୟତା କେନ୍ଦ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଛି । କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ବିଶ୍ୱରଂଜନ କହଁର, ଗ୍ରାମୀଣ ଶ୍ରମ ନୀରିକ୍ଷକ ହେମନ୍ତ କୁମାର ପଙ୍କା, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧିକାରୀ ମିତ୍ର ଅଶୋକ କୁମାର ପ୍ରଧାନ, ପ୍ରଦୀପ କହଁର ସହଯୋଗ କରିଥିଲେ । ଜିଲ୍ଲା ଶ୍ରମ ଅଧିକାରୀ ଶ୍ରମିକଙ୍କୁ ବିଭିନ୍ନ ପ୍ରକାର ଯୋଜନା ଓ ସହାୟତା ବିଷୟରେ ଅବଗତ କରାଇଥିଲେ ।

**ନିତି ଭାରତୀ** | ବୀରଭୋଗ୍ୟା ବସୁନ୍ଧରା- ଏହା ହେଉଛି ଅକାଟ୍ୟ ସତ୍ୟ। ବୀର ହୁଅ। ସବୁବେଳେ କୁହ, 'ମୋର ଭୟ ନାହିଁ।' - ସ୍ୱାମୀ ବିବେକାନନ୍ଦ

ନିତିଦିନ NITIDIN
ଶନିବାର , ୧୦ ମେ , ୨୦୨୫

# ସେ କାଳର ଓ ଏ କାଳର ଯୁଦ୍ଧଖୋର ପୃଥିବୀ

ଭାରତରେ ଯୁଦ୍ଧର ସାଇରନ୍! ଯୁଦ୍ଧ-ସଚେତନତା ପାଇଁ ବିଭିନ୍ନ ଜିଲ୍ଲା ଓ ସହରରେ ମକ୍ ଡ୍ରିଲ୍ ଆରମ୍ଭ ହେଲାଣି। କିଛି ବୁଦ୍ଧିଜୀବୀ ଏହାକୁ ରାଜନୀତିକ ପୁଟ ଦେବା ବେଳେ କିଛି ରକ୍ତର ପ୍ରତିଶୋଧ ରକ୍ତରେ ନେବା କାହିଁକି ବିଳମ୍ୱ ହେଲା ବୋଲି ସରକାରଙ୍କୁ ପ୍ରଶ୍ନ କରୁଥିଲେ। ଏହା ଦୁର୍ବାର ସତ୍ୟ ଯେ ପ୍ରତ୍ୟେକ ଘଟଣାର କିଛି ଅନ୍ଧାରୀ ଓ କିଛି ଆଲୋକିତ ଦିଗ ରହିଥାଏ। କିଛି ଚରମ ସ୍ୱାର୍ଥପର ଜୟଚନ୍ଦ, ପ୍ରତିଶୋଧ ପରାୟଣ ରାଘବ ଚେତନ, କ୍ଷମତାଲୋଭୀ ମୀର ଜାଫର୍ ପରି ଲୋକ ଥାଆନ୍ତି ସବୁଠାରେ ଯେଉଁମାନେ ନିର୍ଣ୍ଣାୟକ ଭୂମିକା ବହନ କରି ଇତିହାସକୁ ପରିବର୍ତ୍ତିତ କରିଥାନ୍ତି। ଏଭଳି ଚକ୍ରାନ୍ତକାରୀମାନେ ନିଜ ସ୍ୱାର୍ଥ ପାଇଁ ଦେଶର ଅଖଣ୍ଡତା, ମାନବିକତା ଓ ବିଶ୍ୱାସକୁ ବଳି ପକେଇ ଦିଅନ୍ତି। ସେ ଦେଶ ହେଉ କି ପରିବାର, ସବୁଠି ବିଶ୍ୱାସଘାତକମାନଙ୍କର ଅବସ୍ଥିତି। ଆମ ଦେଶରେ ଗୃହଭେଦୀମାନଙ୍କ ଅଭାବ ନାହିଁ। ସେଥିପାଇଁ ତ ବିଦେଶୀମାନଙ୍କ ଜୁଲମ୍‌ର ଶିକାର



**ମୌସୁମୀ ପରିଡ଼ା**

ହୋଇ ଆସିଛେ। କିଛି ଲୋକଙ୍କ ସ୍ୱାର୍ଥପରତା, କ୍ଷମତା ଲାଳସା, ମୂର୍ଖତା ଓ ଏକତାର ଅଭାବକୁ ବିଦେଶୀମାନେ ବୁଝିପାରି ଡିଭାଇଡ୍ ଆଣ୍ଡ ରୁଲ୍ ଅନୁସାରେ ଶାସନ କରି ଚାଲିଲେ। ସେହି ଜୀ ହଜୁରର ରକ୍ତ ହୁଏତ ଆଜି କିଛି ଲୋକଙ୍କ ଆଖିରେ ପଟି ଭିଡ଼ି ଦେଇଛି! ସଂସ୍ରାନ୍ତୀୟ କବ୍‌ଜା ବିଛାଇ ଅନ୍ୟମାନଙ୍କୁ ଭୂଲୁଣ୍ଠିତ କରାଇବାର ପ୍ରୟାସ ଭିତରେ ଦେଶ ବାରମ୍ୱାର ବିଭାଜିତ ହେଉଛି।

ଭାରତୀୟ ସମ୍ବିଧାନ-ପ୍ରଣେତା ଡକ୍ଟର ବିଆର୍ ଆମ୍ବେଦକରଙ୍କ ଦ୍ୱାରା ଲିଖିତ ପୁସ୍ତକ ପାକିସ୍ତାନ ଅର୍ ଦ ପାର୍ଟିସନ୍ ଅଫ୍ ଇଣ୍ଡିଆର ୧୨୩, ୧୨୫, ୨୩୩, ୨୩୪, ୨୯୪, ୨୯୭, ୩୦୩, ୩୩୨ ପୃଷ୍ଠାଗୁଡ଼ିକରେ ଯାହା ଲେଖା ଯାଇଛି, ସେସବୁକୁ ବିଚାରକୁ ନିଆଗଲେ ପୁଣି ନୂଆ ବିଭାଜନ ଅବସ୍ଥା ସୃଷ୍ଟି ହେବ! ବାଂଲାଦେଶ ଓ ପଶ୍ଚିମବଙ୍ଗର ଭୟଙ୍କର ଦୁଃସ୍ଥିତିକୁ ଅଣଦେଖା କରିବାର ଅର୍ଥ ସତ୍ୟକୁ ପିଠି ଆଡ଼ କରି ଦୁର୍ଯ୍ୟୋଧନ ସହିତ ସମାନ ହେବା ପରି କଥା। ବିଶେଷ କରି ୨୯୭ ପୃଷ୍ଠାର ଭୟଙ୍କର ସତ୍ୟକୁ ଅନୁଭବ କଲେ ଭାରତକୁ ଅସ୍ଥିର କରି ଆସୁଥିବା କୁଶକ୍ତି ଓ ନ୍ୟସ୍ତସ୍ୱାର୍ଥ ଲୋଭୀମାନେ ସେସବୁକୁ ଭିନ୍ନ ରୂପ ରଙ୍ଗ ଦେଇ ବହୁ ପୂର୍ବରୁ ଚକ୍ରାନ୍ତକାରୀଙ୍କ ସହ ମସୁଧା ରଚି ନିଆଁକୁ ଅଣ୍ଟିରେ ଲୁଚାଇ ରଖି ଆସୁଥିବା ପରି ଏକାଧିକ ଚକ୍ରାନ୍ତର ପ୍ରମାଣ ମିଳିଯିବ। ଅବଶ୍ୟ ବିଭିନ୍ନ ବର୍ଗର ସମର୍ଥକ ସେମାନଙ୍କ ବ୍ୟକ୍ତିତ୍ୱ ଓ ମାନସିକତା ଅନୁଯାୟୀ ବିଭିନ୍ନ ଆଲୋଚନାରେ ମାତିବେ। ପାରସ୍ପରିକ କାଦୁଅ ଫିଙ୍ଗାଫିଙ୍ଗିରେ ପରସ୍ପରକୁ ଦୁର୍ବଳ କରି ଦେଶର ଅଖଣ୍ଡତା ଓ ଏକତାକୁ ପଣ୍ୟ କରିଦେବେ। ଏସବୁର ବହୁ ଉଦାହରଣ ଆଖପାଖରେ!

ରାଜନୀତିକ ଦୃଷ୍ଟିକୋଣରୁ ଦଳ ବିରୋଧୀ ମତ ଦେଇ ଅଶାନ୍ତ ମନର ଓରିମାନା ମେଣ୍ଟେଇବା ବା ଆକ୍ରୋଶମୂଳକ ତଥା ବିଭ୍ରାନ୍ତିକର ଟିପ୍ପଣୀ ଦେଇ ନିଜ ଭିତରର ଅସୂୟା ଭାବ ପ୍ରକାଶ କରିବା ବ୍ୟତୀତ ଏସବୁ ବାକ୍ ବିତଣ୍ଡା ଅନ୍ୟ କିଛି ମନେ ହୁଏନି। ଧର୍ମନିରପେକ୍ଷତାକୁ ଧର୍ମ ତଥା ବେଦ, ଉପନିଷଦ, ପୁରାଣ ଶାସ୍ତ୍ରକୁ ଅସ୍ୱୀକାର କରି ଆସୁଥିବା ଜ୍ଞାନୀ ଗୁଣୀମାନେ ଦେଶ ସୀମାରେ ପ୍ରତିକୂଳତାକୁ ସାମ୍ନା କରି ପ୍ରତିପକ୍ଷ ସହିତ ନ୍ୟାୟର ଯୁଦ୍ଧ ଲଢ଼ି ପାରିବେ? କିନ୍ତୁ ଉତ୍ତେଜନା ବୃଦ୍ଧି କରି ଟିପ୍ପଣୀ ଦେବାକୁ ସେମାନଙ୍କୁ କେଇ ମିନିଟ୍ ବି ଲାଗିବନି! କିଛି ଉଦ୍ଦେଶ୍ୟ ପ୍ରଣୋଦିତ, ଛଦ୍ମବେଶୀ ଦେଶପ୍ରେମୀ, ସ୍ୱାର୍ଥପର, କ୍ଷମତା ଲୋଭୀ, ଅଯଥା ତର୍କ ଦ୍ୱାରା କର୍ଦ୍ଦମାକ୍ତ ହେଉଥିବା ଜ୍ଞାନୀ ଗୁଣୀମାନେ ଭାଇଚାରାକୁ ସମ୍ପତ୍ତି ଭାବି ବିରୋଧାତ୍ମକ ମତ ଦେଇ ଶାନ୍ତି କାମନା କରୁଥିବାର କମ୍ ଦୃଷ୍ଟାନ୍ତ ମିଳେ ନାହିଁ!

ଏହି ଶାନ୍ତିକାମୀମାନଙ୍କ ଘରକୁ କେହି ବେଦଖଲ କରୁ କିମ୍ବା ସେମାନଙ୍କ ଘରୋଇ ଯାଗାକୁ କେହି ଅକ୍ତିଆର କରିବାର ଚେଷ୍ଟା କରୁ କୋର୍ଟ କଚେରୀ ଧାଇଁ ନିଜର ଇଞ୍ଚେ ଯାଗାକୁ ହାସଲ କରିବାକୁ ଏମାନେ ବିଳମ୍ବ କରିବେନି! କେହି ସେମାନଙ୍କ ବାଡ଼ିର ଫୁଲ କେଇଟା ଠାକୁର ପୂଜା ପାଇଁ ନେଇ ଦେଖନ୍ତୁ ତ! ଯେଉଁମାନେ ଶାନ୍ତିର ବାର୍ତ୍ତା ଦିଅନ୍ତି ସେମାନଙ୍କ ଆତ୍ମୀୟଙ୍କୁ କେହି ଆଘାତ କରନ୍ତୁ ତ! ନେତା ମନ୍ତ୍ରୀଙ୍କ ପାଖରେ ଅଧିଆ ପଡ଼ି ସମସ୍ୟାର ନିଦାନ ଖୋଜିବେ।

ଏ ଯୁଦ୍ଧ ଅହମିକାର। ଅସୂୟା ଓ ମାନବତାକୁ ବର୍ବର ଭାବେ ଖଣ୍ଡିତ କରୁଥିବା କେତେକ ମାନବ ଦ୍ରୋହୀଙ୍କ ଉଦ୍ଦେଶ୍ୟରେ। ଚଳିତ ସମୟର ଯୁଦ୍ଧଖୋର ପୃଥିବୀରେ ରୁଷ୍-ୟୁକ୍ରେନ୍, ଇସ୍ରାଏଲ୍-ହମାସ୍ ଯୁଦ୍ଧ ସହିତ ମଣିପୁର, ବାଂଲାଦେଶ ଓ ପଶ୍ଚିମବଙ୍ଗରେ ଛୋଟ ବଡ଼ ହିଂସା ଚାଲିଛି। ଏହି କିଛି ଦିନ ତଳେ ପହଲଗାଓଁର ଗଣସଂହାର ସହିତ ଲୋକମାନଙ୍କ ସ୍ଥିତି, ମତାମତ ଓ ମନୋଦଶା କ'ଣ, ବୁଝିବା ବାକି ନାହିଁ।

ନିରୀହ ଲୋକଙ୍କ ପ୍ରାଣହାନି ସହିତ ଆମେ ବାସ କରୁଥିବା ପୃଥିବୀ ବର୍ତ୍ତମାନ ଧ୍ୱଂସ ସ୍ତୂପ ସହିତ ବାରୁଦ ଗଦା ପାଲଟିଛି! ଲୋକମାନଙ୍କ ସୁଖ ସୁବିଧାର ସାଧନ ଅପେକ୍ଷା ଯୁଦ୍ଧ ସରଞ୍ଜାମ ଯୋଗାଡ଼ିବାରେ ଦେଶମାନେ ବ୍ୟସ୍ତ। ଫଳତଃ ପରିବେଶ ପ୍ରଦୂଷଣ, ଭୟ ଆକୁଳିତ ମଣିଷମାନଙ୍କ ପଳାୟନ ସହିତ ବିଭିନ୍ନ ସାମଗ୍ରୀର ଦରଦାମ୍ ବୃଦ୍ଧି ପରି ଅସରନ୍ତି ସମସ୍ୟା। ଆଗକୁ ପରିଣାମ ହୁଏତ ଭୟଙ୍କର ହୋଇପାରେ। କିଛି ଦେଶ ଚୁକ୍ତି ଉଲ୍ଲଙ୍ଘନ କରି ବାରମ୍ବାର ପଡ଼ୋଶୀ ଦେଶକୁ ଉସୁକାଇ ଅନିବାର୍ଯ୍ୟ ଯୁଦ୍ଧର ପରିଣାମ ଲଦିବା ଅବିବେକିତା, ପାଶବିକତା, ହିଂସ୍ର ମାନସିକତା ନା ଉଦ୍ଦେଶ୍ୟ ପ୍ରଣୋଦିତ- ଏସବୁକୁ ବିଚାର କରିବା ପରେ ପରସ୍ପର କାଦୁଅ ଫିଙ୍ଗାଫିଙ୍ଗି ହେବାରେ ଆପତ୍ତି ନାହିଁ। ପଡ଼ୋଶୀ ଦେଶର ଅସଲ ଲକ୍ଷ୍ୟ କ'ଣ ଧର୍ମବିଦ୍ୱେଷୀ ମନୋଭାବରୁ ଉଦ୍ଭୁତ ନୁହେଁ? ପହଲଗାଓଁର ଆକ୍ରମଣ ତ ଧର୍ମନିରପେକ୍ଷତାକୁ ସୂଚାଏନି, ତେବେ ସେହି ପୁରୁଣା କଥାକୁ ବାରବାର ଦୋହରାଇ ଯୁଦ୍ଧକୁ ସମାଲୋଚନା କରୁଥିବା ସହଜପନ୍ଥୀମାନେ କେଉଁ ଧର୍ମର? ମାନବିକ ନା ପାଶବିକ? ରାଜନୀତିକୁ ପୃଥକ୍ ରଖି ବିଚାର କରାଯାଉ।

ଯେଉଁମାନେ ବାରମ୍ବାର ହିନ୍ଦୁ ଧର୍ମଗ୍ରନ୍ଥର ଅବମାନନା କରି ନାନା କୁତ୍ସା ରଚନା କରୁଛନ୍ତି, ସେମାନେ ବର୍ତ୍ତମାନର ଯୁଦ୍ଧଂ ଦେହି ଡାକରାରେ ସାମିଲ୍ ହେବେ ତ? ସାମାଜିକ ଗଣମାଧ୍ୟମରେ ଶକ୍ତି ଅପଚୟ ନ କରି ସୈନିକମାନଙ୍କ ମନୋବଳ ବୃଦ୍ଧି ପାଇଁ ସୀମା ସ୍ଥଳରେ ଉପସ୍ଥିତ ରହି ସ୍ଥିତିକୁ ଅନୁଧ୍ୟାନ କରନ୍ତୁ। ଶତ୍ରୁ ଦେଶ ଓ ନିଜ ଦେଶରେ ଥିବା ସେମାନଙ୍କ ସମର୍ଥକମାନଙ୍କ ଉପରେ କିପରି ପ୍ରତିବନ୍ଧ ଲଗାଇ ହେବ, ବଖାଣନ୍ତୁ। କେବଳ ନିଜ ଘରର ଆବର୍ଜନା ଓ ଆପଣା ଲୋକଙ୍କୁ ଦୋଷ ଦେବାର ନିୟମିତ ଅଭ୍ୟାସ ଦ୍ୱାରା ସାମ୍ନା ଲୋକର ପାପକୁ ଅଣଦେଖା କରିବା ପକ୍ଷପାତିତା ହେବ। ରାଜନୀତି-ଦୁର୍ଗନ୍ଧହୀନ ନିରପେକ୍ଷ ବିଚାର କରି ଟିପ୍ପଣୀ କରାଯାଉ (ଅବଶ୍ୟ ଆଜିକାଲି ଅଧିକାଂଶ ରାଜନୀତି ଉଦ୍ଦେଶ୍ୟ ପ୍ରଣୋଦିତ)। ସପକ୍ଷବାଦୀ ବୋଲି ଯାହିତାହି କାମକୁ ଠିକ୍ ବୋଲି କହିବା ମୂର୍ଖତାର ପ୍ରମାଣ। କାରଣ କଥାରେ ଅଛି, ଲୁଚିଛି ନା



ଗୋଡ଼ ଦୁଇଟା ଦିଶୁଛି!

ଧୂଳି ମଳି ସଫା କରୁଥିବା ଆଧୁନିକ ଯନ୍ତ୍ର ଭ୍ୟାକୁମ୍ କ୍ଲିନର୍‌ରେ ବି ଧୂଳି ବସିଯାଏ। ନିଜ ଉପରର ଧୂଳି ନିଜେ ଯନ୍ତ୍ର ସଫା କରି ପାରେନା। ଲୁଗାପଟା ସଫା କରୁଥିବା ୱାଶିଂ ମେସିନ୍ ଭିତରେ ବି ଧୂଳି ଜମା ହୁଏ। ରୋଗ ଭଲ କରୁଥିବା ଡାକ୍ତର ଅସୁସ୍ଥ ହେବା ସହିତ ଅଶୁଭତାର ପ୍ରତିକାର ବ୍ୟବସ୍ଥା କରି ପାରୁଥିବା ଜ୍ୟୋତିଷମାନେ ବି ଦୁଃସ୍ଥିତିର ଶିକାର ହୁଅନ୍ତି। ପ୍ରତିଟି ଜିନିଷର ନିଜସ୍ୱ ଦୁର୍ବଳତା ରହିଛି। ସେସବୁର ନିରାକରଣ ପ୍ରତି ଧ୍ୟାନ ନ ଦେଇ ଅନ୍ୟମାନଙ୍କୁ ଜ୍ଞାନ ବାଣ୍ଟୁଥିବା ଲୋକେ କେବେ ଧର୍ମଗ୍ରନ୍ଥ ମହାଭାରତ ତ କେବେ ରାମାୟଣକୁ ସମାଲୋଚନା କରିବାକୁ ପଛାନ୍ତି ନାହିଁ। ଶ୍ରୀରାମ, ଶ୍ରୀକୃଷ୍ଣ, ପଞ୍ଚୁ ପାଣ୍ଡବ, ଦ୍ରୌପଦୀ, ଅହଲ୍ୟା, ପିତାମହ ଭୀଷ୍ମ, ଯୋଦ୍ଧା ଅର୍ଜୁନଙ୍କୁ ବି କଦର୍ଯ୍ୟ ଭାବେ ସମାଲୋଚନା କରି ନିଜର ଅଳ୍ପ ବୁଦ୍ଧି ଓ ଦୁର୍ବଳ ମନର ପରିଚୟ ଦିଅନ୍ତି।

କହିବା ଅନାବଶ୍ୟକ ଯେ ଆମ ଧର୍ମଶାସ୍ତ୍ର ଆମର ବହୁମୂଲ୍ୟ ପୁଞ୍ଜି। ଅବଶ୍ୟ ଅନ୍ୟ ଧର୍ମଶାସ୍ତ୍ର ଅପେକ୍ଷା ଆମ ଧର୍ମଶାସ୍ତ୍ରକୁ ନେଇ ବେଶି ତର୍କ ହୁଏ। ତର୍କ କରନ୍ତି ନିଜ ଧର୍ମର ଲୋକେ। ପୁରାଣରେ ହୋଇଥିବା ଭୁଲ୍‌ର ପୁନରାବୃତ୍ତି ହୁଏ। ସେଥିରେ ନିହିତ ଥିବା ସତ୍‌ଶିକ୍ଷାକୁ କେହି ହେଜି ପାରନ୍ତିନି। ଭୀଷ୍ମଙ୍କ ନିରବତା, କ୍ଷମତାନ୍ଧ ଧୃତରାଷ୍ଟ୍ରଙ୍କ ଅନ୍ୟାୟ ଅନୀତି, ଗାନ୍ଧାରୀଙ୍କ ଭୁଲ୍ ନିଷ୍ପତ୍ତି, ଦ୍ରୋଣଙ୍କ ଅସହାୟତା ଓ କର୍ଣ୍ଣଙ୍କ ଜିଦ୍ ମହାଭାରତ ଯୁଦ୍ଧର ଗୋଟେ ଲେଖାଏଁ କାରଣ, ଯାହା ମାଧ୍ୟମରେ ନିଜକୁ ସଂଯତ କରିହେବ। ଶ୍ରୀକୃଷ୍ଣ ଯୁଦ୍ଧକୁ ରୋକିବାର ସମସ୍ତ ଚେଷ୍ଟା କରି ବିଫଳ ହେବା ପରେ ଯୁଦ୍ଧ ହିଁ ସେତେବେଳର ଏକମାତ୍ର ଧର୍ମ ରୂପେ ପ୍ରମାଣିତ ହୋଇଗଲା! ପ୍ରତିପକ୍ଷକୁ ଦେଖି କାଳେ ପାରସ୍ପରିକ ଦୟାଭାବ ଜାଗ୍ରତ ହେବ, ଯାହା ଫଳରେ ଅନ୍ୟାୟ, ଅଧର୍ମ, ଷଡ଼ଯନ୍ତ୍ର, ଛଳନା, ଲାଞ୍ଛନା ଉପରେ ବିଜୟ ହାସଲ କରିହେବ ନାହିଁ, ସେଥିପାଇଁ କୁରୁକ୍ଷେତ୍ରକୁ ଯୁଦ୍ଧଭୂମି ଭାବେ ବଛାଗଲା। କଥିତ ଅଛି, ସେଠାରେ ବ୍ରହ୍ମାଙ୍କ ସମେତ ଆର୍ଯ୍ୟ ମୁନିଋଷିମାନେ ଯାଗଯଜ୍ଞ କରିଥିଲେ ବି ସେ ମାଟି ଖୁବ୍ ନୃଶଂସ, ଭାଇଚାରାକୁ ନଷ୍ଟ କରିଦିଏ।

ଏବେ ମଧ୍ୟ ସେସବୁକୁ ଦୃଷ୍ଟାନ୍ତ ଭାବେ ନିଆଯାଏ, କାରଣ ଏ ଯୁଗରେ ମହାଭାରତର ଚରିତ୍ରମାନେ ମଣିଷର ବ୍ୟକ୍ତିତ୍ୱକୁ ଭିନ୍ନ ଭାବେ ନିର୍ମାଣ କରି ପାରିବେ। ସେ ବେଳର ମହାଭାରତ ଯୁଦ୍ଧ ବର୍ତ୍ତମାନର ଯୁଦ୍ଧଠାରୁ ଅଧିକ ଭିନ୍ନ ନୁହେଁ। ହଁ, ସେତେବେଳର ସାମାଜିକ ଅବସ୍ଥା, ମାନବତା, ମନୋଦଶା, ପାରସ୍ପରିକ ସଂପର୍କ, ମୂଲ୍ୟବୋଧ, ପାପ ପୁଣ୍ୟର ବିଚାର ଆଜି ପରି ନଥିବାରୁ ଚରିତ୍ରମାନଙ୍କୁ ଆଜିକା ସ୍ଥିତି ଅନୁସାରେ ବିଚାର କରିବା ଅଧର୍ମ ହେବ। ଭ୍ୟାକୁମ୍ କ୍ଲିନର୍ କିମ୍ବା ୱାଶିଂ ମେସିନ୍ ପରି ଅନ୍ୟକୁ ସମାଲୋଚନା (ସଫା) କରିବା ଭିତରେ ଆପଣା ବ୍ୟକ୍ତିତ୍ୱ (ମଇଳା)କୁ ସଂପୂର୍ଣ୍ଣ ପାସୋରି ଦିଆ ନଯାଉ। ନିଜ ବିଚାରକୁ ଅନ୍ୟ ଉପରେ ଲଦି ଗଣମାଧ୍ୟମରେ ହୋ ହଲ୍ଲା କରି ଚର୍ଚ୍ଚିତ ହେବା ଆଜିକାଲି ସବୁଠାରୁ ସହଜତମ ଉପାୟ। କୌଣସି ଘଟଣାକୁ ଗଭୀର ତର୍ଜମା ନକରି ଖାମଖିଆଲି ଭାବେ ମତବ୍ୟକ୍ତ କରିବା ବିଜ୍ଞତାର ପରିଚାୟକ ନୁହେଁ। ସ୍ଥାନ କାଳ ପାତ୍ର ପରିପ୍ରେକ୍ଷୀରେ ପ୍ରତ୍ୟେକ ଘଟଣାର ଦୁଇଟି ଦିଗକୁ ଅନୁଧ୍ୟାନ କଲେ ହିଁ ଠିକ୍ ନିର୍ଣ୍ଣୟ ନିଆଯାଇ ପାରିବ। ଏହି ମାଟି ପାଣି ପବନରେ ବଢ଼ିଥିବା ଲୋକେ ଯଦି ଏ ମାଟିର ଶତ୍ରୁ, ସେ ଭାଇଚାରା ପାଇଁ ନିଜ ଅଙ୍ଗ-ଛେଦନ କେତେଦୂର ନ୍ୟାୟସଂଗତ ଓ ଗ୍ରହଣୀୟ, ନିରପେକ୍ଷ ତଦନ୍ତ ମାଧ୍ୟମରେ ବିଚାର କରାଯାଉ। ଆଉ ଅଧିକ ଘୃଣା ଓ ବିଦ୍ୱେଷ-ବୃଦ୍ଧିକୁ ପ୍ରଶ୍ରୟ ନ ଦିଆଯାଉ।■

ମୋ: ୯୪୩୭୩୧୭୦୨୬

# ଶ୍ରାବ୍ୟ ପୁସ୍ତକ

ଅଡିଓ ବୁକ୍ ବା ଶ୍ରାବ୍ୟ ପୁସ୍ତକ ହେଲା ବହିର କଥାକୁହା ରୂପ। ଏହାକୁ 'କଥାକୁହା ବହି' ବୋଲି ବି କହନ୍ତି। ଶ୍ରାବ୍ୟ ପୁସ୍ତକ ଜଣେ ଶୁଣେ। ପାଠ୍ୟ ପୁସ୍ତକ ଯେମିତି ଜଣେ ଲେଖେ, ସେମିତି ଶ୍ରାବ୍ୟ ପୁସ୍ତକ ଜଣେ ଲେଖେ ଆଉ ଜଣେ (ସେ ଜଣକ ଲେଖକ ବି ହୋଇ ପାରନ୍ତି) ତାକୁ ପଢ଼ନ୍ତି। ପାଠ୍ୟ ପୁସ୍ତକ ପଢ଼ାଯାଏ, ଶ୍ରାବ୍ୟ ପୁସ୍ତକ ଶୁଣାଯାଏ।

ବର୍ତ୍ତମାନ ସାରା ବିଶ୍ୱରେ ଶ୍ରାବ୍ୟ ପୁସ୍ତକ (ଅଡିଓ ବୁକ୍)ର ଜନପ୍ରିୟତା ବୃଦ୍ଧି ପାଇଛି। ମଣିଷର ସାହିତ୍ୟର ସ୍ୱାଦ ଉପଭୋଗ କରିବାର ଧରଣରେ ପରିବର୍ତ୍ତନ ଆସିଛି। ଶୁଣିକି ପଢ଼ିହେବ ଏ ମାଧ୍ୟମଟି ଲକ୍ଷ ଲକ୍ଷ ପାଠକଙ୍କ ପାଇଁ

ଶବ୍ଦ ଚିତ୍ର ଅକ୍ଷର



**ଡ. ମୃଣାଳ ଚାଟାର୍ଜୀ**

ଏକ ଅନନ୍ୟ ସୁବିଧା ଏବଂ ଆକର୍ଷଣ ସୃଷ୍ଟି କରିଛି।

ବର୍ତ୍ତମାନ ବିଶ୍ୱର ଅଧିକାଂଶ ଭାଷାରେ ଅଡିଓ ବହି ଆସିଲାଣି। ଅଡିଓ ବହି ବିଭିନ୍ନ ଧରଣର ଶ୍ରୋତାମାନଙ୍କ ପାଇଁ ସାହିତ୍ୟରେ ପ୍ରବେଶାଧିକାର ଉନ୍ମୁକ୍ତ କରି ଏ ମାଧ୍ୟମକୁ ଏକ ଅନ୍ତର୍ଭୁକ୍ତି ମାଧ୍ୟମ ଭାବରେ ପ୍ରତିଷ୍ଠିତ କରିଛି। ଧରନ୍ତୁ, ଯେଉଁମାନଙ୍କର ଦୃଷ୍ଟିଶକ୍ତି ଦୁର୍ବଳ- ପଢ଼ିପାରୁ ନାହାନ୍ତି, ସେମାନଙ୍କ ପାଇଁ ବହିକୁ ଶ୍ରବଣଯୋଗ୍ୟ କରିବା ଫଳରେ ସେମାନେ ମଧ୍ୟ ପଢ଼ାର ଜଗତରେ ସହଜରେ ବିଚରଣ କରି ପାରୁଛନ୍ତି। ପୁଣି ଧରନ୍ତୁ, ଭାରତ ପରି ଦେଶ ଯେଉଁଠି ଅନେକ ଅଛନ୍ତି, ଯେଉଁମାନେ ଲେଖାପଢ଼ା ଶିଖିପାରି ନାହାନ୍ତି, ସେମାନେ ମଧ୍ୟ ଏ ଅଡିଓ ବହି ଶୁଣି ବିଭିନ୍ନ ବିଷୟରେ ଜ୍ଞାନ ଅର୍ଜନ କରି ପାରିବେ।

ବର୍ତ୍ତମାନ ଜୀବନ ଭାରି ବ୍ୟସ୍ତ। ବହୁ ଲୋକ ବହୁ କାମରେ ବ୍ୟସ୍ତ। ତେଣୁ ପଢ଼ିବାର ଇଚ୍ଛା ଥିଲେ ବି ହାତରେ ବହି ଧରି ବସି ପଢ଼ିବାର ସମୟ ବାହାର କରିବା କଷ୍ଟକର ହୋଇ ଯାଉଛି। ଏ କ୍ଷେତ୍ରରେ ଗାଡ଼ିରେ, ବସ୍‌ରେ, ଟ୍ରେନ୍‌ରେ ଯାଉ ଯାଉ ବା ଘର କାମ କରୁ କରୁ ଅଡିଓ ବହି ଯଦି ପଢ଼ି ନେଇ ହୁଏ ସେଥିରେ ସମୟ ବଞ୍ଚିବ ଆଉ ପଢ଼ିବା ବି ହୋଇଗଲା।

ଅନେକ ଅବଶ୍ୟ ଶୁଣିବାକୁ ପଢ଼ିବା ବୋଲି ମାନିବାକୁ ଚାହାନ୍ତି ନାହିଁ। ତେବେ ମୋର ମନେହୁଏ ଆମେ ଯାହା କିଛି ମସ୍ତିଷ୍କରେ ଗ୍ରହଣ କରୁଛୁ, ତାହା ହିଁ ପଢ଼ିବା। ଆମର ଚିନ୍ତା ବି ଗୋଟେ ଧରଣର ପଢ଼ିବା।

ଯେଉଁମାନେ ଭାଷା ଶିଖିବା ପାଇଁ ଚାହାନ୍ତି, ସେମାନଙ୍କ ପାଇଁ ଅଡିଓ ବହି ଗୋଟେ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବରେ କାମ କରିପାରେ, ଯାହା ସଠିକ୍ ଉଚ୍ଚାରଣ, ସ୍ୱର ଓ ଛନ୍ଦ ସହିତ ପରିଚିତ କରେଇ ଦିଏ। ଅଡିଓ ବହି ମାନସିକ ସ୍ୱାସ୍ଥ୍ୟ ଭଲ ରଖିବା ଦିଗରେ ସାହାଯ୍ୟ କରିପାରେ। ଏହା ଅବସରର ମାଧ୍ୟମ। ମନର ଚାପ କମାଏ। ଉଦ୍‌ବେଗ, ହତାଶା କମେଇବାରେ ସାହାଯ୍ୟ କରେ। ବୟସ୍କ ବ୍ୟକ୍ତିମାନେ ଅଡିଓ ବହି ଶୁଣିଲେ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟର ଉନ୍ନତି ହୁଏ ବୋଲି ମୋର ଧାରଣା।

ଗତ ଗୋଟେ ଦଶକ ଭିତରେ ପ୍ରଯୁକ୍ତିର ଉନ୍ନତି ଏବଂ ଗ୍ରାହକମାନଙ୍କର ପସନ୍ଦ ଫଳରେ ବୈଷୟିକ ଅଡିଓ ବହିର ବଜାର ଉଲ୍ଲେଖଯୋଗ୍ୟ ଭାବରେ ବୃଦ୍ଧି ପାଇଛି। ୨୦୨୩ରେ ବୈଷୟିକ ଅଡିଓ ବହି ବଜାର ଥିଲା ପ୍ରାୟ ୧୪.୮୫ ବିଲିଅନ ମାର୍କିନ ଡଲାର। ତାହା ୨୦୨୪ ଶେଷ ବେଳକୁ ପାଖାପାଖି ୧୯ ବିଲିଅନ ଡଲାରରେ




ପହଞ୍ଚି ଯିବାର ଆଶା କରାଯାଉଛି। ଏ ବଜାର ଆହୁରି ବୃଦ୍ଧି ପାଇବ ଏବଂ ଆଶା କରାଯାଉଛି ଯେ ୨୦୩୨ ସୁଦ୍ଧା ଏହା ୧୧୯ ବିଲିଅନ ଡଲାରରେ ପହଞ୍ଚିବ।

ଉତ୍ତର ଆମେରିକା ଏବେ ଅଡିଓ ବହିର ଗୋଟେ ବଡ଼ ବଜାର। କର୍ମଜୀବୀ ଏବଂ ବୃତ୍ତିଜୀବୀଙ୍କ ଭିତରେ ଅଡିଓ ବହିର ବ୍ୟାପକ ଗ୍ରହଣଯୋଗ୍ୟତା କାରଣରୁ ଏ ବଜାର ଆହୁରି ବଡ଼ ହେଉଛି। ଇଣ୍ଟରନେଟ୍, ସ୍ମାର୍ଟ ଡିଭାଇସେସ୍ ଆଉ ଆପ୍ଲିକେସନର ପ୍ରସାର ଅଡିଓ ବହିକୁ ଆଗଠୁ ଆହୁରି ସହଜଲବ୍ଧ କରି ଦେଇଛି।

ବିଶ୍ୱବ୍ୟାପି ଅଡିଓ ବହିର ବଜାର ବଡ଼ ହେଲେ ମଧ୍ୟ ଭାରତରେ ଏହା ଧୀରେ ବଢ଼ୁଛି। ଏ ବାଣିଜ୍ୟିକ କାମରେ କିଛି ଲୋକ ଆଗେଇ ଆସିଛନ୍ତି, କିନ୍ତୁ ପ୍ରଚଳିତ ଯେଉଁ ପ୍ରକାଶକମାନେ ସେମାନେ ଏ ପର୍ଯ୍ୟନ୍ତ ବ୍ୟାପକ ଭାବରେ ଏ କ୍ଷେତ୍ରକୁ ଆସି ନାହାନ୍ତି। ତେବେ ଆନନ୍ଦର ବିଷୟ ହେଉଛି ଯେ ଓଡ଼ିଆ ସହିତ ଭାରତର ବିଭିନ୍ନ ଭାଷାରେ ଅନେକେ ୟୁ ଟ୍ୟୁବରେ ଅଡିଓ ବହି ପ୍ରକାଶ ଆରମ୍ଭ କରିଛନ୍ତି। ସମସ୍ତଙ୍କର ବହି ଯେ ଭଲ ଲାଗେ, ତାହା କହି ହେବନି, କାରଣ କେତେକଙ୍କର ଭୁଲ୍ ଉଚ୍ଚାରଣ ଥାଏ ବା ଯେଉଁ ଗଳ୍ପ ବା ଉପନ୍ୟାସ ଟା ପଢ଼ୁଛନ୍ତି, ତାହା ସେମାନେ ନିଜେ ବୁଝି ନଥିବାରୁ ଠିକ୍ ଭାବରେ ପଢ଼ିପାରୁ ନାହାନ୍ତି। କିନ୍ତୁ ବେଶ୍ କିଛି ଚ୍ୟାନେଲ ହୋଇଛି, ଯେଉଁଥିରେ ବହି ଶୁଣି ପଢ଼ିବା ପାଇଁ ଭଲ ଲାଗେ।

ଷ୍ଟୋରୀ ଟେଲ୍ ବୋଲି ଗୋଟେ ଆପ୍ ଅଛି, ଯେଉଁଥିରେ ବିଭିନ୍ନ ଭାଷାର ବହି ରହିଛି। ଓଡ଼ିଆ ଭାଷାର ମଧ୍ୟ ବହି ରହିଛି। ଅନ୍ୟାନ୍ୟ ଅନେକ ଲେଖକଙ୍କ ସହିତ ମୋ ବହି ମଧ୍ୟ ସେଥିରେ ଅଛି। ଜଣେ ଚାହିଁଲେ ଷ୍ଟୋରୀ ଟେଲ୍ ଆପ ଡାଉନ୍‌ଲୋଡ୍ କରି ତାକୁ ଶୁଣି ପାରିବେ।

ମୋର ମନେହୁଏ ଯେ ଅଡିଓ ବହିର ଗୋଟେ ବଡ଼ ବଜାର ଅଛି ଏବଂ ପ୍ରଯୁକ୍ତି ଯୁଗରେ ଅଡିଓ ବହି ମାଧ୍ୟମରେ କେବଳ ସାହିତ୍ୟ ନୁହେଁ, ବହୁ ବିଷୟରେ ଶିକ୍ଷାକୁ ପ୍ରାଣବନ୍ତ ଭାବରେ ଉପସ୍ଥାପନା କରିବାରେ ମଧ୍ୟ ଗୋଟେ ସମ୍ଭାବନା ସୃଷ୍ଟି ହୋଇଛି। ଶିକ୍ଷା କ୍ଷେତ୍ରରେ ମଧ୍ୟ ଅଡିଓ ବହି ଗୋଟେ ଉନ୍ନତ ମାଧ୍ୟମ ଭାବରେ ବ୍ୟବହାର କରାଯାଇପାରେ।

ସଂଚାର ମାର୍ଗ, ଢେଙ୍କାନାଳ

## ସମ୍ପାଦକଙ୍କୁ ପତ୍ର

### ଜୟନ୍ତୀ ଓ ଜନ୍ମବାର୍ଷିକୀ ଏକା କଥା କି?

ପ୍ରଚଳିତ ପରମ୍ପରା ଅନୁଯାୟୀ ଯେ କୌଣସି ଜନ୍ମୋତ୍ସବକୁ ସାଧାରଣତଃ 'ଜୟନ୍ତୀ ଉତ୍ସବ' ଅଥବା 'ଜନ୍ମବାର୍ଷିକୀ ଉତ୍ସବ' ବୋଲି ପାଳନ କରିବାର ବିଧି ରହିଛି। ତେବେ ପ୍ରଶ୍ନ ଉଠେ ଯେ 'ଜୟନ୍ତୀ' ଓ 'ଜନ୍ମ ବାର୍ଷିକୀ' ଭିତରେ କିଛି ପାର୍ଥକ୍ୟ ଅଛି କି? କେହି କେହି ବ୍ୟକ୍ତିବିଶେଷ ନିଜର କିମ୍ବା ପାରିବାରିକ ସମ୍ପର୍କୀୟଙ୍କର, ବନ୍ଧୁ ପରିଜନମାନଙ୍କର ଜନ୍ମଦିନକୁ ବେଶ୍ ଧୁମଧାମ୍‌ରେ ପାଳନ କରନ୍ତି। ବାସ୍ତବରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତି ବର୍ଷ ଏକ ନିର୍ଦ୍ଦିଷ୍ଟ ତିଥିରେ କିମ୍ବା ତାରିଖରେ ଏହି ଜନ୍ମଦିନ ପଡ଼େ ଏବଂ କେହି ତାହାକୁ ଜନ୍ମ ଜୟନ୍ତୀ ବୋଲି କହୁଥିଲା ବେଳେ କେହି ତାହାକୁ ଜନ୍ମବାର୍ଷିକ ଉତ୍ସବ ଭାବେ ପାଳନ କରନ୍ତି। ସାଧାରଣ ମଣିଷ କ୍ଷେତ୍ରରେ ଜୟନ୍ତୀ କିମ୍ବା ଜନ୍ମବାର୍ଷିକୀ ପାଳନ ମଧ୍ୟରେ ସେମିତି କିଛି ବିଶେଷ ଗୁରୁତ୍ୱ ବହନ କରିଥିବା ପ୍ରସଙ୍ଗ ଚର୍ଚ୍ଚାକୁ ଆସିପାରେ ନାହିଁ। କିନ୍ତୁ ସାର୍ବଜନୀନ ଭାବେ ପାଳିତ ହେଉଥିବା ମହାମନୀଷୀମାନଙ୍କ କ୍ଷେତ୍ରରେ ଜୟନ୍ତୀ / ଜନ୍ମବାର୍ଷିକୀ ପାଳନ ବିଶେଷ ଗୁରୁତ୍ୱ ବହନ କରେ। ଏହାକୁ ପାଳନ କରି ଆସୁଥିବା ଆୟୋଜକ ଅନୁଷ୍ଠାନ, ରାଜ୍ୟ ସରକାର ଅବା କେନ୍ଦ୍ର ସରକାର, ସଚେତନ ଜନସାଧାରଣ, ବୁଦ୍ଧିଜୀବୀମାନଙ୍କ ସହିତ ଗଣମାଧ୍ୟମ ଗୁଡ଼ିକଙ୍କ ଦୃଷ୍ଟିରେ 'ଜୟନ୍ତୀ' ଓ 'ଜନ୍ମବାର୍ଷିକୀ' ମଧ୍ୟରେ ପାର୍ଥକ୍ୟ ପରିଦୃଷ୍ଟ ନହେଲେ ଆଗାମୀ ପିଢ଼ି ପାଇଁ ସଠିକ୍ ତଥ୍ୟ ମିଳି ନପାରେ, ଏମିତିକି ଇତିହାସ ବି ବଦଳି ଯାଇପାରେ। ଏହି ପରିପ୍ରେକ୍ଷୀରେ ଆମେ ସଦ୍ୟ ପାଳିତ ହୋଇଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ସମ୍ପର୍କରେ ଅନୁଧ୍ୟାନ କରିବା। ନେତାଜୀଙ୍କ ଜନ୍ମ ୧୮୯୭ ମସିହା ଜାନୁଆରୀ ୨୩ ତାରିଖ ବୋଲି ଇତିହାସ କୁହେ। ଅର୍ଥାତ୍ ଗାଣିତିକ ହିସାବରେ ନେତାଜୀଙ୍କ ଚଳିତ ବର୍ଷ ୨୦୨୩ ମସିହା ଜନ୍ମ ତିଥିକୁ '୧୨୭ତମ ଜୟନ୍ତୀ' ଅଥବା '୧୨୬ତମ ଜନ୍ମବାର୍ଷିକୀ' ଭାବେ ପାଳନ କରାଯିବା କଥା। କିନ୍ତୁ ତାହା ନହୋଇ ଆମ ରାଜ୍ୟରେ ନେତାଜୀଙ୍କ ୧୨୬ତମ 'ଜୟନ୍ତୀ' ପାଳିତ ହେଲା। ଜୟନ୍ତୀ ଓ ଜନ୍ମବାର୍ଷିକୀ ଏକା କଥା କି? ବାସ୍ତବିକ୍, ସଂଖ୍ୟା କ୍ରମରେ ଜୟନ୍ତୀ ଓ ଜନ୍ମ ବାର୍ଷିକ ଉତ୍ସବକୁ ଅନୁଧ୍ୟାନ କଲେ ତନ୍ମଧ୍ୟରେ ଗୋଟିଏ ବର୍ଷର ଅନ୍ତର ନିଶ୍ଚୟ ପରିଲକ୍ଷିତ ହେବ, ଏଥିରେ ସନ୍ଦେହ ନାହିଁ। ଏହି ସାମାନ୍ୟତମ ତଥ୍ୟଗତ ତ୍ରୁଟି ଆଗାମୀ ଦିନରେ ପରିମାର୍ଜିତ ନହେଲେ ଇତିହାସ ଅଶୁଦ୍ଧ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ। ଏ ଦିଗରେ ଆମ ସରକାର, ଚିନ୍ତାଶୀଳ ବୁଦ୍ଧିଜୀବୀ, ମାର୍ଗଦ୍ରଷ୍ଟା ତଥା ସଚେତନ ନାଗରିକମାନେ ସକାରାତ୍ମକ ଦୃଷ୍ଟିଭଙ୍ଗୀରେ ଅନୁଶୀଳନ କରି ସିଦ୍ଧାନ୍ତ ନେବା ନିତାନ୍ତ ଆବଶ୍ୟକ।■

ଅବନୀ ଚନ୍ଦ୍ର ଦାସ,
ପ୍ରଶାନ୍ତି ବିହାର, ଭୁବନେଶ୍ୱର

## ପ୍ରତୀକ୍ଷାର ଫଳ

ଗତ ମଙ୍ଗଳବାର ଦିନ ଭାରତ ଓ ଯୁକ୍ତରାଜ୍ୟ (ୟୁନାଇଟେଡ୍ କିଙ୍ଗଡମ୍-ୟୁକେ) ସେମାନଙ୍କ ମଧ୍ୟରେ ମୁକ୍ତ ବାଣିଜ୍ୟ କାରବାର (ଏଫ୍‌ଟିଏ) ନେଇ ରାଜିନାମା ସ୍ୱାକ୍ଷର ହୋଇଥିବା ସମ୍ପର୍କରେ ଘୋଷଣା କରିଛନ୍ତି। ଜାନୁଆରୀ ୨୦୨୨ରେ ଏଥି ପାଇଁ ବୁଝାମଣା ଆରମ୍ଭ ହୋଇଥିଲା ଏବଂ ତା' ପରେ ଏହା କେଉଁ ମୋଡ଼ ନେଉଛି, ସେ ସମ୍ପର୍କରେ କିଛି ହେଲେ ଜଣା ପଡୁ ନଥିଲା। ବୁଝାମଣା ଚାଲିଥିବା ସମୟରେ ୟୁକେ ଯେହେତୁ ରାଜନୀତିକ ଦୋଦୁଲ୍ୟମାନତା ଦେଇ ଗତି କରୁଥିଲା ଏବଂ ଉଭୟ ଗତ ବର୍ଷ ଉଭୟ ଦେଶର ନିର୍ବାଚନ ଥିଲା, ତେଣୁ ଏ ବାବଦରେ ସେପରି କିଛି ନିଷ୍କର୍ଷ ବାହାରି ପାରି ନଥିଲା। ତେବେ ପରିଶେଷରେ ଏହା ସମ୍ପାଦନ ହୋଇ ପାରିଛି ଏବଂ ଏକ ଦୀର୍ଘ ସମୟ ଧରି ଚାଲି ଆସିଥିବା ପ୍ରକ୍ରିୟାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଏହି ବାଣିଜ୍ୟିକ କାରବାରଜନିତ ଚୁକ୍ତି ଖୋଦ୍ ନିଜ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ- ଏହା ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ କାରବାରର ସାମ୍ପ୍ରତିକ ମୂଲ୍ୟକୁ ଦୁଇ ଗୁଣ ବୃଦ୍ଧି କରି ହାରାହାରି ୬୦ ବିଲିଅନ୍ ଡଲାରର କାରବାର ସମ୍ପାଦନ କରିବା ଆଶା କରାଯାଉଛି- ହୋଇ ଥିବାରୁ, ଯାହା ଏହି ରାଜିନାମାକୁ ଅଧିକ ଉଲ୍ଲେଖନୀୟ କରି ଗଢ଼ି ତୋଳୁଛି, ତାହା ହେଉଛି- ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଭାବରେ ଡୋନାଲ୍ଡ ଟ୍ରମ୍ପ୍ ନିର୍ବାଚିତ ହେବା ପରେ ବୈଶ୍ୱିକ ଭୂଅର୍ଥନୀତିକ ଶୃଙ୍ଖଳାରେ ଘଟିଥିବା ସୂକ୍ଷ୍ମ ସ୍ଥାନିକ ପରିବର୍ତ୍ତନ ପରେ ଏଭଳି ଏକ କାରବାର ରଖୁଥିବା ମହତ୍ତ୍ୱ। ଶ୍ରୀଯୁକ୍ତ ଟ୍ରମ୍ପ୍‌ଙ୍କ ଟାରିଫ୍ ବ୍ୟବସ୍ଥା ପରେ ବିଶ୍ୱର ସବୁ ଦେଶ ବାଣିଜ୍ୟିକ କାରବାରକୁ ନେଇ ଗଭୀର ଭାବରେ ଚିନ୍ତିତ ରହିଥିବା ବେଳେ ଭାରତ ମଧ୍ୟ ସେଥିରୁ ବାଦ୍ ପଡ଼ି ନଥିଲା, ଯେଉଁଥିପାଇଁ ଏବେ ଏହି ଚୁକ୍ତି ଏକ ଆଶ୍ୱସ୍ତି ଆଣି ଦେଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ରାଜିନାମା ମଧ୍ୟ ବାଣିଜ୍ୟ ନୀତିକୁ ନେଇ ମତ ପାର୍ଥକ୍ୟ ରହିଥିବା ବେଳେ ନୂଆଦିଲ୍ଲୀର ବୁଝାମଣା କରିବାକୁ ଆଗ୍ରହ ପ୍ରଦର୍ଶନ କରିବାର ଏକ ପ୍ରତୀକ- ଏହା ଆମେରିକାର ଟ୍ରମ୍ପ୍ ପ୍ରଶାସନ ସହିତ ସମାନ ଧରଣର ରାଜିନାମା ସମ୍ପାଦନ କରିବା ନିମନ୍ତେ ଭାରତ ପାଇଁ ସହାୟକ ହୋଇପାରେ। ବସ୍ତୁତଃ, ଗୁରୁବାର ଦିନ ଓଭାଲ ଅଫିସରେ ଶ୍ରୀଯୁକ୍ତ ଟ୍ରମ୍ପ୍ ଘୋଷଣା କରିଛନ୍ତି ଯେ ତାଙ୍କ ରାଷ୍ଟ୍ର ୟୁକେ ସହିତ ଏକ ବାଣିଜ୍ୟିକ ରାଜିନାମା ସମ୍ପାଦନ କରି ସାରିଛି, ଯାହା ହେଉଛି ତାଙ୍କ ପ୍ରଶାସନ ପାଇଁ ଏକ ବଡ଼ ଧରଣର ସଫଳତା, ଯେହେତୁ ସେ ଅନେକ ଦେଶଙ୍କୁ ବଡ଼ ଧରଣର ଅନୁଦାନ ପ୍ରଦାନକୁ ବନ୍ଦ କରିବା ନିମନ୍ତେ ଦେଇଥିବା ଧମକ ଭିତରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇ ପାରିଛି।

ଏହି ଦୁଇ ଗୋଟିଯାକ ବଡ଼ ଧରଣର ବାଣିଜ୍ୟିକ କାରବାର ସମ୍ପର୍କିତ ରାଜିନାମା- ଭାରତ ଏବଂ ୟୁକେ ଓ ୟୁକେ ଏବଂ ଆମେରିକା- ଉଲ୍ଲେଖ କରୁଛି ଯେ ଜଗତୀକରଣ ଏବେ ସୁଦ୍ଧା ସମାଧି ଲଭିନାହିଁ ଏବଂ ପ୍ରତ୍ୟେକ ଦେଶ, ଏମିତିକି ଟ୍ରମ୍ପ୍‌ଙ୍କ ଅଧୀନସ୍ଥ ଆମେରିକା ମଧ୍ୟ ଅନ୍ୟମାନଙ୍କ ସହିତ ବାଣିଜ୍ୟିକ କାରବାର କରିବାକୁ ଆଗ୍ରହୀ ଅଛନ୍ତି। ଭାରତ-ୟୁକେ ରାଜିନାମା ଅନୁସାରେ ବ୍ରିଟେନ୍ ଭାରତୀୟ ପୋଷାକ, ଖାଦ୍ୟ ସାମଗ୍ରୀ ଏବଂ ଶୀତଳୀକୃତ ଚିଙ୍ଗୁଡ଼ି, ଗହଣା, ଏବଂ କେତେକ ପ୍ରକାରର କାର୍‌ର ଆମଦାନୀ ଉପରେ କମ୍ ପରିମାଣର ଶୁଳ୍କ ଲାଗୁ କରିବ। ଭାରତ ସ୍କଚ୍ ହ୍ୱିସ୍କି, ଜିନ୍ ଏବଂ ମୃଦୁ ପାନୀୟ; ଲ୍ୟାମ୍ବ, ସାଲମନ୍, ଚକୋଲେଟ୍ ଏବଂ ଅନ୍ୟାନ୍ୟ ମିଷ୍ଟାନ୍ନ ସାମଗ୍ରୀ, ତଥା ଅନ୍ୟାନ୍ୟ ଉତ୍ପାଦଗୁଡ଼ିକ ମଧ୍ୟରେ କେତେକ ବିଳାସପୂର୍ଣ୍ଣ କାର୍‌ଗୁଡ଼ିକ ଉପରେ ଶୁଳ୍କ ହ୍ରାସ କରିବାକୁ ସହମତି ପ୍ରକାଶ କରିଛି। ପରିଣତିରେ ୟୁକେରେ ଭାରତୀୟ ସାମଗ୍ରୀଗୁଡ଼ିକ ବ୍ରିଟିଶ୍ ଖାଉଟିମାନଙ୍କ ପାଇଁ ଶସ୍ତା ହେବ ଏବଂ ବ୍ରିଟିଶ୍ ହ୍ୱିସ୍କି, କାର୍ ତଥା ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକ ଭାରତୀୟ ଖାଉଟିମାନଙ୍କ ପକେଟ୍‌କୁ ସୁହାଇବା ଭଳି ହେବ। ଅନେକ ଦୃଷ୍ଟିରୁ ଦେଖିଲେ ଏହି କାରବାର ଆଧୁନିକ ଭାରତର ଦୃଢ଼ତାପୂର୍ଣ୍ଣ ଆଶ୍ୱସ୍ତି- ସେହି ବ୍ରିଟେନ୍ ଯାହା ଦେଶ ଜୟ କରିବାକୁ ବାଣିଜ୍ୟ ବ୍ୟବସାୟକୁ ଏକଦା ଆୟୁଧ କରୁଥିଲା, ତାହା ଅନେକ ଭାବରେ ଏହି ଅର୍ଥନୀତିକ ସମ୍ପର୍କରେ ଏକ କନିଷ୍ଠ ଭାଗିଦାର। ଏସବୁ ଭିତରେ ଯାହା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ, ତାହା ହେଉଛି, ଏସବୁ କାରବାରକୁ ଉଭୟ ଦେଶରେ ସାମାଜିକ ସୁରକ୍ଷା ଅବଦାନଗୁଡ଼ିକରୁ ଅବ୍ୟାହତି ପ୍ରଦାନ କରିବା ନିମନ୍ତେ ହୋଇଥିବା ରାଜିନାମା, ଯାହା କମ୍ପାନୀମାନଙ୍କ ପାଇଁ ମୂଲ୍ୟ ହ୍ରାସ କରାଇବାରେ ଭୂମିକା ନିର୍ବାହ କରିବ ଏବଂ ସେଥିପାଇଁ ଏହା ପ୍ରତିଯୋଗିତାମୂଳକ ମନୋଭାବକୁ ପ୍ରୋତ୍ସାହିତ କରିବ। ମୋଟାମୋଟି ଏହି ଚୁକ୍ତିରେ ଉଭୟ ଦେଶରେ ଲୋକମାନଙ୍କୁ ତଥା ବ୍ୟବସାୟକୁ ଆନନ୍ଦ ପ୍ରଦାନ କରିବା ଭଳି ଯଥେଷ୍ଟ ଉପାଦାନ ରହିଛି।

ଅଧିକ ଦୃଢ଼ ଭାବରେ କହିଲେ, ଏହି ଚୁକ୍ତି ସମ୍ପାଦନ ହେବା ପରେ ଆଗକୁ କେତେକ ଦ୍ରୁତିଗତି ରୋଧକ ରହିବ। ଭାରତୀୟ ମଦ୍ୟ ପ୍ରସ୍ତୁତକାରୀ କମ୍ପାନୀ ଏବଂ ଯାନବାହନ ନିର୍ମାତାମାନେ, ଯେଉଁମାନେ ସାମ୍ପ୍ରତିକ ସମୟରେ କେବଳ ଭାରତରେ ନୁହେଁ, ବରଂ ଦେଶ ବାହାରେ ଅନେକ ଦେଶରେ ସେମାନଙ୍କ ପ୍ରସ୍ତୁତ ସାମଗ୍ରୀଗୁଡ଼ିକ ପାଇଁ ଏକ ବଜାର ସୃଷ୍ଟି କରି ପାରିଛନ୍ତି, ସେମାନେ ଏଣିକି ଅଧିକ ପ୍ରତିଯୋଗିତାର ସମ୍ମୁଖୀନ ହେବେ। ତେଣୁ ଭାରତ ସେମାନଙ୍କୁ ବୈଶ୍ୱିକ ଖେଳାଳିମାନଙ୍କ ସହିତ ମୁକାବିଲା କରିବା ନିମନ୍ତେ ପ୍ରସ୍ତୁତ କରିବାକୁ ହେଲେ, ସେମାନଙ୍କର ସମସ୍ୟାଗୁଡ଼ିକର ସମାଧାନ କରିବା ଉଚିତ। ତେବେ ଏହି ବାଣିଜ୍ୟିକ କାରବାର ଚୁକ୍ତି ଯଦି ସଫଳ ହୁଏ, ତା'ହେଲେ ଏହା ନିଶ୍ଚିତ ଭାବରେ ଭାରତୀୟ ଉଦ୍ୟୋଗମାନଙ୍କର ବିଶ୍ୱର ସର୍ବୋତ୍କୃଷ୍ଟ ଉତ୍ପାଦକମାନଙ୍କ ସହିତ ପ୍ରତିଯୋଗିତା କରିବା ପାଇଁ ରହିଥିବା ନିଜର ସାମର୍ଥ୍ୟ ଉପରେ ବିଶ୍ୱାସକୁ ଦୃଢ଼ୀଭୂତ କରିବ ଏବଂ ଏହା ଭାରତକୁ ବିଶ୍ୱର ଅଗ୍ରଣୀ ଅର୍ଥନୀତି ହେବା ପଥରେ ପଥିକ କରାଇବ। ତେବେ ପ୍ରଶ୍ନ ଉଠେ, ଏହି କାରବାର ସମ୍ପର୍କିତ ଚୁକ୍ତି ଉଭୟ ଦେଶର ସ୍ଥୂଳ ଅର୍ଥନୀତି ଉପରେ ଉଲ୍ଲେଖନୀୟ ପ୍ରଭାବ ପକାଇ ପାରିବ କି? ଏହି ପ୍ରଶ୍ନର ଉତ୍ତର ଭାରତ ଅପେକ୍ଷା ବ୍ରିଟେନ୍ ପାଇଁ ସାମାନ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ, କାରଣ ୟୁକେର ସରକାରୀ ଅର୍ଥ ବ୍ୟବସ୍ଥା ସଂକଟାପନ୍ନ ରହିଥିବା ବେଳେ ସେହି ପରିପ୍ରେକ୍ଷୀରେ ନିଜ ଦେଶର ଅଭିବୃଦ୍ଧିକୁ କେଇର ଷ୍ଟାର୍ମର୍‌ଙ୍କ ସରକାର ଆଗେଇ ନେବା ନିମନ୍ତେ ତାଙ୍କ ଉପରେ ଯଥେଷ୍ଟ ଚାପ ରହିଛି ଏବଂ ସେଥିପାଇଁ ସେମାନେ କଲ୍ୟାଣକାରୀ ଯୋଜନା ବାବଦରେ ବ୍ୟୟଗୁଡ଼ିକୁ ସଂକୁଚିତ କରିଛନ୍ତି। ଏବେ ଦୁଇ ଦେଶର କାରବାର ସେମାନଙ୍କୁ ହୁଏତ ଅଧିକ ସହାୟତା ପ୍ରଦାନ କରିପାରେ।■

## ସ୍ୱାସ୍ଥ୍ୟ: ଦେହ ଓ ମନର

ଜଣେ ବ୍ୟକ୍ତିଙ୍କର ପେଟ ଯନ୍ତ୍ରଣା ଆରମ୍ଭ ହେଲା। ବିଭିନ୍ନ ଚିକିତ୍ସକଙ୍କ ସହିତ ପରାମର୍ଶ କରି ବହୁ ଔଷଧ ସେବନ କଲେ। ଦେହ ଭଲ ହେଲା ନାହିଁ। ଡାକ୍ତରୀ ପରୀକ୍ଷାରୁ ଜଣାଗଲା ଯେ ପେଟରେ କୌଣସି ରୋଗ ନାହିଁ। କିନ୍ତୁ ଯନ୍ତ୍ରଣା ଦିନକୁ ଦିନ ବଢୁଥିଲା। ସୁସ୍ଥ ସବଳ ଓ ଘରର ରୋଜଗାରିଆ ମଣିଷ ହଠାତ୍ ଅସୁସ୍ଥ ହୋଇ ଦିନକୁ ଦିନ ତାଙ୍କ ବଞ୍ଚିବାର ଆଶା କ୍ଷୀଣ ହୋଇ ଆସିଲେ। ଘରେ ପଡ଼ି ରହିଲେ। ପରିବାରର ସମସ୍ତ ଦାୟିତ୍ୱ ସେହି ଲୋକ ହିଁ ନେଉଥିଲେ। ସମସ୍ତେ ବ୍ୟସ୍ତ ହେବାକୁ ଲାଗିଲେ। ଦିନେ ଜଣେ ନାମକରା କବିରାଜଙ୍କୁ ଘରକୁ ଡକାଗଲା। ତାଙ୍କଠାରୁ କିଛି ଦିନ ଔଷଧ ସେବନ କଲା ପରେ ଯନ୍ତ୍ରଣା ଟିକିଏ ଉପଶମ ହେଲା। ମାତ୍ର ସମ୍ପୂର୍ଣ୍ଣ କମିଲା ନାହିଁ। କିଛି ଦିନ ଚାଲିଗଲା। କବିରାଜ ମଧ୍ୟ ରୋଗୀର ଚିକିତ୍ସା କରି ବ୍ୟତିବ୍ୟସ୍ତ ହୋଇ ପଡ଼ିଲେ। ପେଟରେ କୌଣସି ରୋଗ ନଥାଇ ଯନ୍ତ୍ରଣା ନ କମିବାର କାରଣ ସେ ମଧ୍ୟ ଖୋଜି ପାଉ ନଥିଲେ। ଆଉ ଦିନେ କବିରାଜ ସେହି ଲୋକ ଘରକୁ ଆସି ତା' ସହ କିଛି ସମୟ କଥା ହେଲେ। କଥା ଛଳରେ ଲୋକଟି କହିଲା- 'ଆମେ ଦୁଇ ଭାଇ। ମୁଁ ବଡ଼। ଜମିବାଡ଼ି ଭାଗ ବଣ୍ଟା ସରି ଯାଇଛି। କିନ୍ତୁ ସାନଭାଇ ସବୁବେଳେ ମୋ ବିରୋଧରେ ଲାଗିଛି। ମୋ ଜମିକୁ ଛଡ଼ାଇ ନେଇ ମୋତେ ମାରି ଦେବାକୁ ଯୋଜନା କରୁଛି। ତା'ର ସବୁ କାରନାମା ମୁଁ ଛପି ଛପି ଦେଖୁଛି। ମୁଁ ମଧ୍ୟ ତାକୁ ସାବାଡ଼ କରିବାକୁ କିଛି ଗୋଟାଏ କରିବା ଉଚିତ୍। ଏ ନେଇ ମୁଁ ବି ଅନେକ ସମୟରେ ଚିନ୍ତାରେ ଅଛି।'

ପଦ୍ମାରବିନ୍ଦ

କବିରାଜ ସମସ୍ତ କଥା ଶୁଣିଲେ। ସାନଭାଇ ବିଷୟରେ ତଥ୍ୟ ସଂଗ୍ରହ କରି ଜାଣିଲେ ସେ ଖୁବ୍ ଭଲ ମଣିଷ। କବିରାଜ କହିଲେ- 'ଏବେ ତୁମକୁ କୌଣସି ଔଷଧ କାମ କରିବ ନାହିଁ। ତୁମେ ସେ ଝରକାକୁ ପୂରା ବନ୍ଦ ରଖ। ଆଦୌ ଖୋଲିବ ନାହିଁ। ଏହାର ସାତ ଦିନ ପରେ ତୁମେ କୌଣସି ଦର୍ଶନୀୟ ସ୍ଥାନକୁ ବୁଲିବାକୁ ଯାଅ। ତା'ପରେ ଔଷଧ କାମ କରିବ।'

କବିରାଜଙ୍କ କଥା ଅନୁସାରେ କାମ କରାଗଲା। ସାନଭାଇର ଘର ଆଡ଼କୁ ଥିବା ଝରକାଟି ବନ୍ଦ କରି ଦିଆଗଲା। ଏହା ପରେ କିଛିଦିନ ପାଇଁ ତୀର୍ଥ ବୁଲି ଫେରିଲା ପରେ ରୋଗ ଛାଏଁ ଛାଏଁ ଭଲ ହୋଇ ଯାଇଥିଲା। କାରଣ ଝରକା ଦେଇ ସେ ସାନଭାଇର ସବୁ କ୍ରିୟାକର୍ମକୁ ଜଗୁଥିଲା। ତା' ମନ ବିଷାକ୍ତ ହେଉଥିଲା।

ଆମ ମନରେ ଏମିତି ଅନେକ ସମୟରେ ସନ୍ଦେହଟିଏ ବସା ବାନ୍ଧିଥାଏ। କାହାକୁ ନା କାହାକୁ ସନ୍ଦେହ କରିଥାଉ। କେବେ ସ୍ୱାମୀ- ସ୍ତ୍ରୀ, ଶାଶୂ- ବୋହୂ, ଭାଇ- ଭାଇ ପରସ୍ପରକୁ ସନ୍ଦେହ କରି ଥାଆନ୍ତି। ଏହି ସନ୍ଦେହର ଅଗ୍ନି ଯାହା ଭିତରେ ସୃଷ୍ଟି ହୁଏ, ପ୍ରଥମେ ତାକୁ ହିଁ ଜାଳିଥାଏ। ତା' ପରେ ଅନ୍ୟ ଆଡ଼କୁ ଏହାର ଶିଖା ବଢ଼ିଥାଏ। ଅନ୍ୟ କାହାର କ୍ଷତି କରିବା ପୂର୍ବରୁ ନିଜର ଅନେକ କ୍ଷତି କରିଥାଏ। ତେଣୁ ମନର ରୋଗ ଦେହ ଉପରେ ପ୍ରଭାବ ପକାଏ। ତେବେ ମନକୁ ସୁସ୍ଥ ରଖିବା ପାଇଁ ଈଶ୍ୱରଙ୍କ ଇଚ୍ଛାକୁ ସ୍ୱୀକାର କରି ନିଆଯାଉ। ଯାହା ହେଉଛି, ତାହା ସବୁ ପ୍ରଭୁଙ୍କ ଇଚ୍ଛାରେ ହେଉଛି ବୋଲି ଭାବିଲେ ଆଉ କିଛି ଚିନ୍ତା ରହିବ ନାହିଁ। ଏହି କଥାକୁ ବୁଝିଗଲେ କାହା ଉପରେ ଈର୍ଷା, କ୍ରୋଧ ଆଦି ଆସିବ ନାହିଁ।■

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ବିପୁଳ ପରିମାଣର ଗୁଳି ଓ ୩ ବନ୍ଧୁକ ଜବତ



**କେନ୍ଦ୍ରାପଡ଼ା,୯।୫/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଟାଉନଥାନା ଅଧିନ କ୍ୟୁରେସୀ ମହଲାରେ ଗୁରୁବାର ବିଳମ୍ବିତ ରାତିରେ ବିପୁଳ ପରିମାଣର ଗୁଳି ଓ ବନ୍ଧୁକ ଥିବା ସୂଚନା ମିଳିବା ପରେ ଟାଉନ ଥାନା ପୁଲିସର ପକ୍ଷରୁ ଚଢାଉ କରାଯାଇଥିଲା । ଶୁକ୍ରବାର ମଧ ଚଢାଉ ଜାରି ରହିଥିବା ପୁଲିସ କହିଛି । ଏହି ବନ୍ଧୁକ ଓ ଗୁଳି ରଖିଥିବା ଯୁବକଙ୍କ ପାକିସ୍ତାନ ଲିଙ୍କ୍ ରହିଥିବା ସନ୍ଦେହ କରାଯାଉଥିବା ବେଳେ ପୁଲିସ ଏ ଦିଗରେ କିଛି ସ୍ପଷ୍ଟ ସୂଚନା ଦେଉନାହିଁ । ସଂପୃକ୍ତ ଯୁବକ ଜଣକ ଫେରାର ଥିବାରୁ ବିଶେଷ କିଛି ତଥ୍ୟ ମିଳିପାରୁ ନାହିଁ ବୋଲି କେନ୍ଦ୍ରାପଡା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼ କହିଛନ୍ତି । ସେ କହିଛନ୍ତି ଯେ ବିଶେଷ ସୂତ୍ରରୁ ଖବର ମିଳିଲା ଯେ ଜଣେ ଯୁବକଙ୍କ ଘରେ ବହୁ ପରିମାଣର ଗୁଳି ଓ ବନ୍ଧୁକ ମହଜୁଦ ରହିଛି । ଏହି ଖବର ପାଇବା ପରେ କେନ୍ଦ୍ରାପଡ଼ା ଟାଉନ୍ ଥାନା ପୁଲିସର ଏକ ଟିମ୍ କ୍ୟୁରେସୀ ମହଲାରେ ଚଢଉ କରିଥିଲା । ଚଢଉ ବେଳେ ୩ଟି ବନ୍ଧୁକ ଓ ୭୦ ରାଉଣ୍ଡ ଗୁଳି ସମେତ ୫ଟି ମାଗାଜିନ୍ ଜବତ କରାଯାଇଥିଲା । ତେବେ ଯୁବକ ଜଣକ କେଉଁ ଉଦ୍ଦେଶ୍ୟରେ ବନ୍ଧୁକ ରଖିଥିଲେ ଓ ସେ ଏତେ ପରିମାଣର ଗୁଳି କେଉଁଠୁ ଆଣିଲେ ସେ ନେଇ କିଛି ସ୍ପଷ୍ଟ ତଥ୍ୟ ମିଳି ପାରିନାହିଁ । ଯୁବକ ଜଣକ ଗିରଫ ହେବା ପରେ ପ୍ରକୃତ ତଥ୍ୟ ମିଳିବ ବୋଲି ଏସ୍‌ଡିପିଓ ଶ୍ରୀ ଗୌଡ଼ କହିଛନ୍ତି । ଅପରପକ୍ଷରେ ପୁଲିସ ଯୁବକଙ୍କ ପତ୍ନୀଙ୍କୁ ଥାନାକୁ ଆଣି ଜେରା କରିଥିଲା । ହେଲେ ବିଳମ୍ବିତ ରାତିରେ ଜେରା ଚାଲିଥିବା ବେଳେ ଯୁବକଙ୍କ ସପକ୍ଷରେ ଶତାଧିକ ମହିଳା ଥାନାକୁ ଆସି ଥାନା ଘେରାଉ କରିଥିଲେ । ଫଳରେ ପୁଲିସ ବାଧହୋଇ ମହିଳାଙ୍କୁ ଥାନାରୁ ଛାଡି ଦେଇଥିଲା । ତେବେ ଏଠାରେ ପ୍ରଶ୍ନ ଉଠୁଛି ଭାରତ ପାକିସ୍ତାନ ଉପରେ ଆକ୍ରମଣ କରିବା ପରେ ଭାରତରେ ଥିବା ପାକିସ୍ତାନର ଖୁପିଆ ସଂଗଠନ ଗୁଡିକ ସକ୍ରିୟ ହୋଇ ଉଠିଛନ୍ତି । ଏହି ସଂଗଠନ ଗୁଡିକ ଭାରତରେ ଅଶାନ୍ତି ସୃଷ୍ଟି କରିବା ପାଇଁ ଯୋଜନା କରୁଥିବା ସନ୍ଦେହ କରାଯାଉଛି । ଅତୀତରେ ମଧ ଭାରତରେ ପାକିସ୍ତାନ ସହ ସମ୍ପର୍କ ଥିବା ଅନେକ ସଂଗଠନ ଭାରତରେ ହମଲା କରିଛନ୍ତି । ସେହି ଦୃଷ୍ଟିରୁ ଜଣେ ମୁସଲମାନ ଯୁବକଙ୍କ ଘରୁ ଏତେ ପରିମାଣର ଗୁଳି ଓ ବନ୍ଧୁକ ମିଳିବା ଘଟଣା ନେକ ସନ୍ଦେହ ସୃଷ୍ଟି ହୋଇଛି । ହେଲେ ପୁଲିସ ଏ ଦିଗରେ ସ୍ପଷ୍ଟ ସୂଚନା ଦେଇପାରୁନାହିଁ । ଥାନାଧିକାରୀ ଦିଲ୍ଲୀପ କୁମାର ସାହୁଙ୍କୁ ଏସମ୍ପର୍କରେ ପଚାରିବାରୁ ସେ କହିଲେ ଯେ ଆମେ ମଧ ଆଶ୍ଚର୍ଯ୍ୟ ଚକିତ ଯେ ଯୁବକ ଜଣକ ଏତେ ପରିମାଣର ଗୁଳି ଓ ବନ୍ଧୁକ ଆଣି ଘରେ କାହିଁକି ରଖିଥିଲେ । ତାଙ୍କ ଉଦ୍ଦେଶ୍ୟ କ'ଣ ଥିଲା । ଯେପର୍ଯ୍ୟନ୍ତ ଯୁବକ ଜଣକ ଗିରଫ ହୋଇନାହିଁ ସେ ପର୍ଯ୍ୟନ୍ତ ସଠିକ ତଥ୍ୟ ଜଣାପଡିବ ନାହିଁ । ଯୁବକଙ୍କୁ ଗିରଫ କରାଯିବା ପରେ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବ ବୋଲି ଥାନାଧିକାରୀ ଶ୍ରୀ ସାହୁ କହିଛନ୍ତି ।

# ଦବିଲା ଆରଡି ରାସ୍ତାର କୁଆବୋଉ ପୋଲ



**ଧର୍ମଶାଳା,୯।୫/ଏନ୍ଏନ୍ଏସ୍:** ଧର୍ମଶାଳା ବ୍ଲକ ଅଭୟପୁର ଠାରୁ ପାଟପୁରକୁ ସଂଯୋଗ କରୁଥିବା ଆରଡି ରାସ୍ତାର କୁଆବୋଉ ପୋଲ ଗତକାଲି ଦବିଯାଇଥିବା ଦେଖିବାକୁ ମିଳିଛି । ଗତ ୨୦୦୫ ମସିହାରେ ଜାରକା ଗ୍ରାମ୍ୟଉନ୍ନୟନ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟରେ ଏହି ପୋଲ ନିର୍ମାଣ କରାଯାଇଥିଲା । ହେଲେ ଏବେ ଏହି ପୋଲି ଦବିଯିବା ଫଳରେ ପର୍ଯ୍ୟଟନସ୍ଥଳୀ ଲାଙ୍ଗୁଡି ଓ ଗଲଗଲି ସଙ୍ଗ ଯିବା କଷ୍ଟକର ହୋଇପଡିଛି । ସେହିପରି ଏହି ରାସ୍ତା ଦେଇ ମିର୍ଜାପୁର, ପାଟପୁର ଓ ପଟୁଣିଆ ଆଦି ପଞ୍ଚାୟତ ଲୋକେ ଯାତାୟତ ଉପରେ ନିର୍ଭର କରିଥାନ୍ତି । ତେବେ ଏହି ରାସ୍ତା ଦେଇ ଭାରିଯାନ ତଥା କଳାପଥର ଓ ବାଲି ବୋଝେଇ ହାଇୱା ଓ ଟ୍ରାକ୍ଟର ଗାଡି ଗୁଡିକ ଦିନ ରାତି ଯାତାୟତ କରିବା ଫଳରେ ଏହି ପୋଲଟି ହଠାତ ଦବିଯାଇଥିବା ନେଇ ସ୍ଥାନୀୟ ଲୋକେ ଅବିଯୋଗ କରିଛନ୍ତି । ଗତ ୨୦୨୩/୨୪ ଆର୍ଥୀକ ବର୍ଷରେ ଏହି ରାସ୍ତାର ପୁନ୍ନ ନିର୍ମାଣ ସହିତ ଚଣ୍ଡିଖୋଲ ପର୍ଯ୍ୟନ୍ତ ସଂଯୋଗ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ପକ୍ଷରୁ ଟେଣ୍ଡର କରାଯାଇ ଠିକାଦାର ନିଯୁକ୍ତି କରାଯାଇଥିଲା । ଠିକାଦାର କୁଆବୋଉ ପୋଲ ଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ କଂକ୍ରିଟ କାମ ସାରି ଦେଇଥିବା ବେଳେ ପାଟପୁର ଠାରୁ ଅଭୟପୁର ପର୍ଯ୍ୟନ୍ତ ରାସ୍ତା ପୁନ୍ନ ନିର୍ମାଣ କାର୍ଯ୍ୟ ନହୋଇପାରି ପଡିରହିଛି । ତେବେ ସରକାର ପରିବର୍ତ୍ତନ ହେବା ପରେ ଏହି କାର୍ଯ୍ୟ ନହୋଇପାରି ପଡିରହିଥିବା ବେଳେ ବିଭାଗ ପକ୍ଷରୁ ଏହାର ନିର୍ମାଣ ପାଇଁ କୌଣସି ପଦକ୍ଷେପ ନିଆଯାଉ ନଥିବା ସ୍ଥାନୀୟ ଲୋକେ ଅବିଯୋଗ କରିଛନ୍ତି । ତେବେ ରାସ୍ତା ନିର୍ମାଣ ସହିତ ଦବିଯାଇଥିବା ପୋଲ ନୂତନ ଭାବେ ନିର୍ମାଣ କରାଯିବାର ବ୍ୟବସ୍ଥା ରହିଥିବା ବେଳେ କାମ ଅଧାରେ ଅଟକିଯିବା ଯୋଗୁଁ ଏଭଳି ଅବସ୍ଥା ଉପୁଜୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ପୋଲି ଦବିଯିବା ଫଳରେ ଏହି ରାସ୍ତାରେ ଗାଡ଼ି, ମୋଟର, ବାଇକ ଓ ଚାଲିକୁ ଯାଉଥିବା ଲୋକେ ଯାତାୟତରେ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ଦବିଯାଇଥିବା ପୋଲକୁ ମରାମତି କରିବା ସହିତ ବାକି ରହିଥିବା ରାସ୍ତା କାମକୁ ତୁରନ୍ତ ଶେଷ କରିବକୁ ସାଧାରଣରେ ଦାବି ହୋଇଛି ।

# ପିଏନ୍ବି ଶାଖା ପରିଚାଳକଙ୍କ ଯୋଗଦାନ

**ମୂଷାଟିକିରି,୯।୫/ଏନ୍ଏନ୍ଏସ୍:** ବଡଚଣା ବ୍ଲକ,ସୁଙ୍ଗୁଡା ପଞ୍ଚାୟତ ସ୍ଥିତି,ଚଣ୍ଡୀଖୋଲ ପିଏନ୍ବି ଶାଖାରେ, ନୂତନ ପରିଚାଳକ ଭାବରେ ସଞ୍ଜୀବ କୁମାର ମିଶ୍ର ଆଜି କାର୍ଯ୍ୟରେ ଯୋଗଦାନ କରିଥିବାରୁ , ଚଣ୍ଡୀଖୋଲ ଶାଖାର ସମସ୍ତ କର୍ମଚାରୀ ଶ୍ରୀ ମିଶ୍ରଙ୍କୁ ସ୍ୱାଗତ କରିଛନ୍ତି । ଶ୍ରୀ ମିଶ୍ର ବାଲେଶ୍ୱର ସର୍କଲ ପିଏନ୍ବି କାର୍ଯ୍ୟାଳୟରେ ସହକାରୀ ଶାଖା ପରିଚାଳକ ଭାବରେ କାର୍ଯ୍ୟକରି ,ଏଠାକୁ ଚଣ୍ଡୀଖୋଲ ଶାଖାକୁ ବଦଳିରେ ଆସି ,କାର୍ଯ୍ୟରେ ଯୋଗଦାନ କରିଛନ୍ତି । ପୂର୍ବ ଶାଖା ପରିଚାଳକ କୈବଲ୍ୟ ପଣ୍ଡାଙ୍କ ରାଉଲକେଲା ସିଟିକୁ ବଦଳି ହୋଇଯାଇଛି ।

# ସୁଭଦ୍ରା ପାଇଁ କ୍ୟାଣ୍ଡଲ୍ ଶୋଭାଯାତ୍ରା



**ତାଳଚେର,୯।୫/ଏନ୍ଏନ୍ଏସ୍:** ତାଳଚେର ଉପଖଣ୍ଡ କଣିହାଁ ଥାନା ଅନ୍ତର୍ଗତ ଲୋଧାଝରୀ ଗ୍ରାମର ସୁଭଦ୍ରା ନାମୀ ଯୁବତୀ ଭୁବନେଶ୍ୱରରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିବା ଝିଅ ଗତ ମାସ ୨୬ ତାରିଖରେ ଘରୁ ଆସି ତାଳଚେର ରୋଡ୍ ଷ୍ଟେସନରୁ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ । ଦୀର୍ଘ ଦଶଦିନ ପରେ ଉକ୍ତ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମରଶରୀର ବଅଁରପାଳ ଥାନା ଅନ୍ତର୍ଗତ ଭୋଗବେରଣୀ ପଞ୍ଚାୟତ କେନ୍ଦୁପଲ୍ଲୀ ଗ୍ରାମର ଏକ ପରିତ୍ୟକ୍ତ ସ୍ଥାନରୁ ଗଣଦୁଷ୍କର୍ମ ପରେ ପ୍ରମାଣ ନଷ୍ଟ କରିବାନେଇ ପୋଡ଼ାଜଳ ଅର୍ଦ୍ଧଦଗ୍ଧ ଅବସ୍ଥାରେ ତାଙ୍କର ମୃତଦେହକୁ ଉଦ୍ଧାର କରାଯାଇଥିଲା । ଏହି ଘଟଣାକୁ କେନ୍ଦ୍ରକରି ଆଜି ଅପରାହ୍ଣରେ ସମୟରେ ରେମ୍ପୋକ୍ଲବ ହାଟତୋଟା ତାଳଚେର ସଦସ୍ୟ ପକ୍ଷରୁ ଏକ କ୍ୟାଣ୍ଡଲ ଶୋଭାଯାତ୍ରା କରି ସହର ପରିକ୍ରମା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କ୍ଲବର ସଭାପତି ଶୈଳେନ୍ଦ୍ର ସିଂହ, ଉପସଭାପତି ଚିନ୍ନ ଲସ୍କର, କାର୍ଯ୍ୟକାରୀ ସଭାପତି, ସାଧାରଣ ସମ୍ପାଦକ ରଶ୍ମିତା ରଞ୍ଜନ ସ୍ୱାଇଁ, କୋଷାଧକ୍ଷ ପ୍ରଶାନ୍ତ ପରିଡ଼ା, ପରାମର୍ଶଦାତା ଡା. ଦେବେନ୍ଦ୍ର ସିଂହ, କାଳୀଚରଣ ଧଳ, ମନୋଜ ଦାସ, ରଞ୍ଜନ ନାଏକ, ସୁବ୍ରତ ପଣ୍ଡା, ସୁଶାନ୍ତ ମହାପାତ୍ର, ବିରେନ ସାହୁ ସମେତ ବହୁ ପରୁଷ ମହିଳା ଉପସ୍ଥିତ ଥିଲେ ।

# ନିଖୋଜ ଯୁବତୀ ଉଦ୍ଧାର

**ପରଜଙ୍ଗ,୯।୫/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ବାରିହାପୁର ଗ୍ରାମର ନିଖୋଜ ଅର୍ଚ୍ଚନା ସାହୁ (୧୯) ଙ୍କୁ ପରଜଙ୍ଗ ପୁଲିସ ପ୍ରାୟ ଏକ ବର୍ଷ ପରେ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ପ୍ରକାଶ ୨୦୨୪ ମାର୍ଚ୍ଚ ୨୧ରେ ଅର୍ଚ୍ଚନା ଘରୁ କେଉଁଆଡ଼େ ପଳାଇଥିବା ତାଙ୍କ ଦାଦା ଅମିୟ ସାହୁ ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ କେଶ୍ ନଂ. ୧୪୩/୨୪ରେ ଏକ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ସୁଦ୍ଧା କୌଣସି ସନ୍ଧାନ ପାଇନଥିଲେ । ତେବେ କୌଣସି ସୂତ୍ରରୁ ଖବର ପାଇ ପରଜଙ୍ଗ ଥାନା ଅଧିକାରୀ ଧୀରେନ କୁମାର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ପରଜଙ୍ଗ ପୁଲିସ ଭୁବନେଶ୍ୱର ଅଞ୍ଚଳରୁ ଯୁବତୀଙ୍କୁ ସୋମବାର ଉଦ୍ଧାର କରି ମଙ୍ଗଳବାର ୧୬୪ ଧାରାରେ ଯୁବତୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଯୁବତୀ ପାରିବାରିକ ସମସ୍ୟାକୁ ନେଇ ଘରୁ ଲୁଚି ପଳାଇଯାଇ ଭୁବନେଶ୍ୱର ଅଞ୍ଚଳରେ ରହି କାମଧନ୍ଦା କରୁଥିଲେ ବୋଲି କହିଛନ୍ତି । ପରେ କୋର୍ଟରେ ଯୁବତୀଙ୍କୁ ହାଜର କରାଯାଇଥିଲା ଏବଂ ଯୁବତୀଙ୍କ ବାପା ମା'ଙ୍କ ଉପସ୍ଥିତିରେ ହସ୍ତାନ୍ତର କରାଯାଇଥିବା ପରଜଙ୍ଗ ଥାନା ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ରମେଶ ଚନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି ।

# ହୁ ହୁ ହୋଇ ଜଳିଗଲା ୫ ବଖରା



**ଢେଙ୍କାନାଳ,୯।୫/ଏନ୍ଏନ୍ଏସ୍:** ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ସହରର ୭ନଂ ୱାର୍ଡ ସ୍ଥିତ ମୃଦଙ୍ଗୀ ସାହିରେ ଆଜି ପୂର୍ବାହ୍ନରେ ୪ଜଣଙ୍କ ୫ ବଖରା ଘର ନିଆଁଲାଗି ଜଳି ପାଉଁଶ ହୋଇଯାଇଛି । ଆଜି ଦିନ ପ୍ରାୟ ୧୧ଘଟିକାରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ସନା ନାଏକ, ଶାନ୍ତି ନାଏକ, ବିନୀତା ନାଏକ ଓ ନାଗା ନାଏକଙ୍କ ୫ବଖରା ଘର ପୋଡ଼ି ଯାଇଥିବା ସୂଚନାମିଳିଛି । ଘରଲୋକେ କହୁଛନ୍ତି ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଛି । ଖବରପାଇ ଅଗ୍ନିଶମବାହୀନି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ ମଧ ୫ ବଖରା ଘର ଜଳି ପାଉଁଶ ହୋଇଯାଇଥିଲା । ଏ ସଂପର୍କରେ ପୌରପାଳିକା ପକ୍ଷରୁ ଘଟଣାସ୍ଥଳ ପରିଦର୍ଶନ କରି ଆବଶ୍ୟକ ସହଯୋଗ ଯୋଗାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# କଥାଦେଇ କଥା ରଖିଲେ ସରକାର: ବଡ଼ଯୋର ପ୍ରକଳ୍ପକୁ ମିଳିଲା ମଞ୍ଜୁର




**ହିନ୍ଦୋଳ,୯।୫/ଏନ୍ଏନ୍ଏସ୍:** ହିନ୍ଦୋଳ ଉପଖଣ୍ଡ ସାତମାଇଲ ସ୍ଥିତ ଜଳସେଚନ ଡାକବଙ୍ଗଳା ଠାରେ ଶୁକ୍ରବାର ଅପରାହ୍ନରେ ହିନ୍ଦୋଳ ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଛି । ଉକ୍ତ ସମ୍ମିଳନୀରେ ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି , ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ,ବରିଷ୍ଠ ବିଜେପି ନେତା ରାଜ୍ୟ ପରିଷଦ ସଦସ୍ୟ ଅଜୟ ଦାଶ,ବରିଷ୍ଠ ନେତା ବିଜେପି ଜିଲ୍ଲା ସଂପାଦକ ସୁଶାନ୍ତ ପତି, ବ୍ଲକ ଉପାଧକ୍ଷ ବରୁଣ ସର, ସାପୁଆ ବଡଯୋର ପାଣିପଞ୍ଚାୟତ ସଭାପତି ପ୍ରେମାନନ୍ଦ ପଟନାୟକ, ବରିଷ୍ଠ ବିଜେପି ନେତା ଭାସ୍କର ଚନ୍ଦ୍ର ନାୟକଙ୍କ ସହ ଗୋବିନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ବିଧାୟିକା ସୀମାରାଣୀ ନାୟକ ହିନ୍ଦୋଳର ଜନସାଧାରଣଙ୍କର ଦୀର୍ଘଦିନର ସ୍ୱପ୍ନ ବଡଯୋର ପ୍ରକଳ୍ପକୁ ରାଜ୍ୟ ସରକାର ମଞ୍ଜୁର କରିବା ସହ ଏହାର କାର୍ଯ୍ୟ ନିମିତ୍ତ ୧୨୮ କୋଟି ୨୬ ଲକ୍ଷ ଟଙ୍କା ପ୍ରଦାନ କରିଥିବା ସୂଚନା ଦେବାସହ ଏହି ପ୍ରକଳ୍ପ ମଞ୍ଜୁର ନିମିତ୍ତ ସାଂସଦ ରୁଦ୍ରନାରାୟଣ ପାଣି , କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ସରକାରଙ୍କ ସହଯୋଗ ପାଇଁ ସମସ୍ତଙ୍କୁ ହିନ୍ଦୋଳ ଜନସାଧାରଣଙ୍କ ତରଫରୁ ଧନ୍ୟବାଦ ଅର୍ପଣ କରିଥିଲେ । କୃଷିର ଉନ୍ନତିରେ କୃଷକର ଉନ୍ନତ୍ତି ନିମିତ୍ତ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜନହିତକର କାର୍ଯ୍ୟ କରୁଛନ୍ତି ଏବଂ ସାଂସଦ ଲୋକସଭାରେ ଉକ୍ତ ପ୍ରସଙ୍ଗକୁ ଉଠାଇବା ସହ ହିନ୍ଦୋଳ ଜନସାଧାରଣଙ୍କ ଦିବା ସ୍ୱପ୍ନ ବଡଯୋର ପ୍ରକଳ୍ପ ଆରମ୍ଭ ନିମିତ୍ତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସହଯୋଗ ସହ ରାଜ୍ୟ ସରକାରଙ୍କୁ ଦୃଷ୍ଟି ଆକର୍ଷଣ କରିବାପରେ ମୋହନ ସରକାର କଥାଦେଇ କଥାରଖି ହିନ୍ଦୋଳ କୃଷି ଓ କୃଷକର ମନକୁ ବୁଝି ପ୍ରକଳ୍ପକୁ ମଞ୍ଜୁର କରିଥିବାରୁ ସେ ମଧ କେନ୍ଦ୍ରମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ହାତୁରା ବିଜେପି ମଣ୍ଡଳ ସଭାପତି ସୁଜିତ ଜେନା, ବାବନ୍ଧ ସଭାପତି ପ୍ରବୋଧ ପ୍ରଧାନ, ପାରିକୂଳ ସଭାପତି ରବିନ ବାରିକ, ରାସୋଳ ସଭାପତି ଲିଙ୍ଗରାଜ ସାହୁ , ଅଶୋକ ରାଉତ ମନୋଜ ପଟନାୟକ, ଜଗନ୍ନାଥ ପାଣିପଞ୍ଚାୟତ ସଭାପତି ଟଙ୍କଧର ପାଳ ଓ ରାଧାମୋହନ ପାଣିପଞ୍ଚାୟତ ସଂପାଦକ ସନ୍ତୋଷ କୁମାର ଖୁଣ୍ଟିଆ ସକ୍ରିୟ ସହଯୋଗ କରିଥିବା ସମୟରେ ହିନ୍ଦୋଳ ଉପଖଣ୍ଡର ବହୁ ସାମ୍ବାଦିକ ଏଥିରେ ଯୋଗ ଦେଇଥିଲେ ।

# ପରାକ୍ରମ ପାଇଁ ବିଜୁବାବୁଙ୍କୁ ସମ୍ମାନ ଜଣାଇଲା ବିଜେଡି



**କାମାକ୍ଷାନଗର,୯।୫/ଏନ୍ଏନ୍ଏସ୍:** ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଚମତ୍କାର ବିମାନ ଚଳାଇବା ସହ ଅଦମ୍ୟ ସାହସ ଓ ପରାକ୍ରମ ପାଇଁ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କୁ ନୂଆଦିଲ୍ଲୀ ଠାରେ ଥିବା ରୁଷିଆ ଦୂତାବାସ ତରଫରୁ ସମ୍ମାନ ଜ୍ଞାପନ କରାଯିବା ସହ ରୁଷିଆ ଦୂତାବାସରେ ବିଜୁ ବାବୁଙ୍କ ନାମରେ ଏକ ଫଳକ ଉନ୍ମୋଚନ କରାଯାଇଛି । ଏହି ଅବସରରେ ବିଜୁବାବୁଙ୍କ ପୁଅ ତଥା ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରୁଷିଆ ଦୂତବାସ ଠାରେ ଉପସ୍ଥିତ ରହି ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ । ବିଜୁ ବାବୁଙ୍କ ଭଳି ଜଣେ ଉଚ୍ଚକୋଟିର ରାଜନେତା, ଦେଶପ୍ରେମୀ ନେତାଙ୍କୁ ଏହି ସମ୍ବର୍ଦ୍ଧନା ଓଡିଶା ଇତିହାସରେ ସ୍ମରଣୀୟ ହୋଇ ରହିବ । ଏହି ପରିପ୍ରେକ୍ଷୀରେ ବିଜୁ ବାବୁଙ୍କୁ ସମ୍ମାନ ଓ ଓଡିଶା ପ୍ରତି ଥିବା ଅବଦାନକୁ ମନେପକାଇବା ପାଇଁ କାମାକ୍ଷାନଗର ବିଜେଡି ତରଫରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନେତୃତ୍ୱରେ କାମାକ୍ଷାନଗର ଠାରେ ଥିବା ଦଳୀୟ କାର୍ଯ୍ୟାଳୟ ଠାରେ ବିଜୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ସମ୍ମାନ ପ୍ରଦର୍ଶନ କରାଯାଇଛି । ସେହିପରି କାମାକ୍ଷାନଗର ବସଷ୍ଟାଣ୍ଡ ଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ବିଜୁବାବୁଙ୍କ କୃତିତ୍ୱକୁ ସ୍ମରଣ କରାଯାଇଛି । ଏହି ଅବସରରେ ବିଜୁ ବାବୁଙ୍କ ରାଜନୈତିକ ଜୀବନ ବ୍ୟତୀତ ତାଙ୍କର ସାମରିକ ଦକ୍ଷତା ଓ ଓଡିଶା ପ୍ରତି ଥିବା ଭଲପାଇବାକୁ ନେଇ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଉଦ୍‌ବୋଧନ ଦେଇଥିଲେ । ବିଜୁବାବୁଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜ୍ୟର ପ୍ରଗତିକୁ ମିଳିମିଶି ଆଗେଇନେବା ପାଇଁ ସମସ୍ତେ ଏକଜୁଟ ହୋଇ ଆଗେଇ ଆସିବାକୁ ମତ ବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସାହୁ, ବ୍ଲକ ବିଜେଡି ସଭାପତି ପ୍ରଭାସ ରଞ୍ଜନ ମିଶ୍ର ଓ କାମାକ୍ଷାନଗର ଅଞ୍ଚଳର ବହୁ ବିଜୁପ୍ରେମୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବିଜୁ ବାବୁଙ୍କୁ ସମ୍ମାନ ଜଣାଇଥିଲେ ।

# ଗାଡ଼ି ମରାମତିକୁ ନେଇ ଆକ୍ରମଣ ଅଭିଯୋଗ

**ତାଳଚେର,୯।୫/ଏନ୍ଏନ୍ଏସ୍:** ତାଳଚେର ଟାଉନଥାନା ଅନ୍ତର୍ଗତ ନବମିଶ୍ର କଲୋନୀର ରୋହିତକାନ୍ତ ସାହୁ (୩୭) ଓ ତାଙ୍କ ପୁଅ ସୁନିଲ ସାହୁ ଗତ ୫ତାରିଖ ସନ୍ଧ୍ୟା ୫ଘଟିକା ୩୦ମିନିଟ ସମୟରେ ସେହି ନିକଟସ୍ଥ ବାଘୁଆବୋଲରେ ରହିଥିବା ବିମଲ ଗ୍ୟାରେଜକୁ ଟ୍ରକ୍ ସଜାଡ଼ିବାକୁ ନେଇଥିଲେ । ଏହି ସମୟରେ ବିମଲ ଗ୍ୟାରେଜର ସାନଭାଇ ପିଣ୍ଟୁ ଏକ ଭୁଜାଲିରେ ତାଙ୍କ ବାପପୁଅଙ୍କୁ ମାରଣାତ୍ମକ ଆକ୍ରମଣ କରିବା ଫଳରେ ରୋହିତକାନ୍ତଙ୍କ ଡ଼ାହାଣ ହାତ ଭାଙ୍ଗି ଗୁରୁତର ହୋଇ ସେ ମଣ୍ଡାପାଳ ମେଡ଼ିକାଲକୁ ଚିକସା ନିମନ୍ତେ ଯାଇଥିଲେ । ମାତ୍ର ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା ବୋଲି ସେ ଏହା ପ୍ରକାଶ କରିଛନ୍ତି । ଏନେଇ ସେ ତାଳଚେର ଟାଉନଥାନାରେ ଗତ ୬ ତାରିଖରେ ତାଙ୍କ ଜୀବନପ୍ରତି ବିପଦ ଥିବା ଦର୍ଶାଇ ଲିଖିତ ଅଭିଯୋଗ କରିଥିଲେ ମଧ ପୁଲିସ୍ ପକ୍ଷରୁ କୌଣସି ପଦକ୍ଷେପ ନେଇଥିବାରୁ ସେ ଏବେ ଭୟଭିତ ଅବସ୍ଥାରେ ରହିଥିବା ଅଭିଯୋଗ କରିଛନ୍ତି ।

# ମା'ବୁଢୀଦେବୀଙ୍କ କଳସଯାତ୍ରା



**ଢେଙ୍କାନାଳ,୯।୫/ଏନ୍ଏନ୍ଏସ୍:** ଢେଙ୍କାନାଳ ସହର ଜୁବୁଲିଟାଉନସ୍ଥିତ ମା' ବୁଢୀ ଦେବୀଙ୍କର ବିଜୟସ୍ଥଳୀରେ ମା' ବୁଢୀଦେବୀଙ୍କ ଚଣ୍ଡୀଯଜ୍ଞ ସହିତ ଶନିଶ୍ଚର ମହାଗ୍ରହ ଯଜ୍ଞର କଳସଯାତ୍ରା ସ୍ଥାନୀୟ ଗୋଡି ପୋଖରୀ ଠାରୁ ପୂଜାର୍ଚ୍ଚନା କରାଯାଇ ୧୨୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷମାନେ ସହର ପରିକ୍ରମା କରି ପୀଠରେ ସ୍ଥାପନା କରିଥିଲେ। ଚାରିଦିନ ବ୍ୟାପୀ ମା'ଙ୍କର ଚଣ୍ଡୀଯଜ୍ଞ, ଗ୍ରହଯଜ୍ଞ ସହିତ ଶନିଶ୍ଚର ମହାଗ୍ରହ ଯଜ୍ଞ ଅନୁଷ୍ଠିତ ହେବ । ୧୦ତାରିଖ ଶନିବାର ସୂର୍ଯ୍ୟପୂଜା, ଗୋ-ପୂଜା, କୁଣ୍ଡମଣ୍ଡଳ ପୂଜା ଓ ଚଣ୍ଡୀପାଠ ସହିତ ଶାଳା ସଂସ୍କାର, ଅଗ୍ନିସ୍ଥାପନ, ରୁଦ୍ରାର୍ଚ୍ଚନ ଓ ଗ୍ରହଯଜ୍ଞ ଅନୁଷ୍ଠିତ ହେବ । ୧୧ତାରିଖ ରବିବାର ଶ୍ରୀନୃସିଂହାର୍ଚ୍ଚନ ଓ ଗୀତାଯଜ୍ଞ ଅନୁଷ୍ଠିତ ହେବ ।୧୨ତାରିଖ ସୋମବାର ଦିନ ମା'ଙ୍କର ଷୋଡଶୋପଚାର ପୂଜା, ଚଣ୍ଡୀଯଜ୍ଞ ଓ ପୂର୍ଣ୍ଣାହୁତୀ ପରେ ଭକ୍ତମାନଙ୍କ ପାଇଁ ସନ୍ଧ୍ୟାରେ ପ୍ରସାଦସେବନ ବ୍ୟବସ୍ଥା ରହିଛି । ମୁଖ୍ୟ ପୂଜକ ଶୁଭେନ୍ଦୁ କୁମାର ଦାଶ, କାମେଶ ନନ୍ଦ ଓ ବିରଞ୍ଚି ପ୍ରସାଦ ନନ୍ଦ, ମନ୍ଦିରର ମୁଖ୍ୟ ପୂଜକ ରାଜ କିଶୋର ମିଶ୍ର, ପର୍ଶୁରାମ କର ଏବଂ ମୁଖ୍ୟ ଦେହୁରୀ ଫକୀର ଦେହୁରୀ, କର୍ତା ଲିଙ୍ଗରାଜ ସାହୁ, କର୍ତୀ ରେବତୀ ସାହୁ, କର୍ତ୍ତା ଶିଶିର କୁମାର ବାରିକ, କର୍ତ୍ତୀ ସସ୍ମିତା ବାରିକ ଓ କର୍ତା ସରୋଜ କୁମାର ମହାନ୍ତି ଓ ବୁନୁ ବରାଳ ସମସ୍ତ ପୂଜାକାର୍ଯ୍ୟକୁ ସମ୍ପାଦନ କରିଥିଲେ । କର୍ମକର୍ତ୍ତା ଅକ୍ଷୟ କୁମାର ଆଚାର୍ଯ୍ୟ, ସାଗରବିନ୍ଦୁ ପଟ୍ଟନାୟକ, ସୁଶାନ୍ତ କୁମାର ବାରିକ, ବିଚିତ୍ରା ବରାଳ, ରାକେଶ ଷଡଙ୍ଗୀ, ଅମି ଦାସ, ଦେବୁ ପଟ୍ଟନାୟକ ପ୍ରମୁଖଙ୍କ ସହିତ ପୂଜା କମିଟିର ସଦସ୍ୟ ଓ ଭକ୍ତମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ବାଂଲାଦେଶୀ କବ୍‌ଜାରେ ତାଳଚେର

**ତାଳଚେର,୯।୫/ଏନ୍ଏନ୍ଏସ୍:** ଶିଳ୍ପନଗରୀ ତାଳଚେର ଅଞ୍ଚଳରେ ଖଣି ଓ କଳକାରଖାନାମାନ ଜମି ଅଧିଗ୍ରହଣ କରିସାରିବା ପରେ ସେମାନଙ୍କର କିଛି ବଳକା ଜମି, ସରକାରୀ ଜମି ସହରକୁ ଲାଗି ରହିଥିବା ଗାଁଗଣ୍ଡା ଗୁଡ଼ିକରେ ଏବେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଉଥିବାରୁ ଏହାକୁ ନେଇ ତାଳଚେରବାସୀ ଏବେ ଚିନ୍ତାପ୍ରକଟ କରୁଥିବା ବେଳେ ପୁଲିସ୍ ଓ ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନଥିବା ଦୁର୍ଭାଗ୍ୟଜନକ ବିଷୟ ହୋଇଛି । ତାଳଚେର ସାଉଥବଲଣ୍ଡା ଠାରୁ ଗୁରୁଦ୍ୱାର ଏମ୍‌ସିଏଲ କିଛି ଜମି ଅଧିଗ୍ରହଣ ପରେ ଅନ୍ୟ ବଳକା ଜମି ଗୁଡ଼ିକରେ ମାଳମାଳ ଘର ନିର୍ମାଣ କାରାଯାଇ ବାଙ୍ଗଲାଦେଶୀ ଓ ବାହାର ରାଜ୍ୟ ଲୋକ ରହୁଥିବା ଜଣାପଡ଼ିଛି । ସେହିଭଳି ତାଳଚେର ବ୍ଲକ ଲିଙ୍ଗରାଜ କୋଇଲା ଖଣି ପାର୍ଶ୍ୱବର୍ତ୍ତି ଏମ୍‌ସିଏଲ ପରିତ୍ୟକ୍ତ ଜମି ଗୁଡ଼ିକରେ, ଡ଼େରା, ଏପରିକି, ଦେଉଳବେଡ଼ା, ରେମୁଁଆ, ରେଳଷ୍ଟେସନ, ଏଫିସିଆଇ, ଥର୍ମାଲ ନିକଟସ୍ଥ ଅଞ୍ଚଳ ଗୁଡ଼ିକରେ ସରକାରୀ ଓ କଳକାରଖାନାର ବଳକା ପରିତ୍ୟକ୍ତ ଜମି ଗୁଡିକରେ ଅନୁପ୍ରବେଶକାରୀମାନେ ଯୋରଜବରଦସ୍ତ ଘର ନିର୍ମାଣ କରି ରହିଥିବା ଅଭିଯୋଗ ହେଉଛି । କିଛି ଅନୁପ୍ରବେଶକାରୀଙ୍କର ଏଠାରେ ସ୍ଥାୟୀ ଆଧାରକାର୍ଡ଼, ରାସନକାର୍ଡ଼ ହାତେଇଥିବା ବେଳେ ଆଉ କିଛି ଏଥିପାଇଁ ତତ୍ପରତା ପ୍ରକାଶ କରୁଥିବା ଜଣାପଡ଼ିଛି । ତେବେ ଏମାନେ କିପରି ରାସନ ଓ ଆଧାରକାର୍ଡ଼ ହାତଉଛନ୍ତି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ବିଗତ ୩୦-୪୦ ବର୍ଷ ପୂର୍ବରୁ ଏଠାରେ ଆଦୌ ଅନୁପ୍ରବେଶକାରୀ ରହୁନଥିବା ଦେଖିବାକୁ ମିଳୁଥିଲା । ମାତ୍ର ଏଠାରେ ଗଣ୍ଡା ଗଣ୍ଡା କଳକାରଖାନା ସମେତ କୋଇଲା ଖଣି ଗଢ଼ି ଉଠିଥିବା ବେଳେ ଏମାନଙ୍କର ସଂଖ୍ୟା ଏବେ ବଢ଼ିବାରେ ଲାଗିଛି । ଫଳତଃ ତାଳଚେର ଏମସିଏଲ ଗୁଡ଼ଇକରେ ଜମି ହରାଉଥିବା ପ୍ରଜାମାନେ କିମ୍ବା କୌଣସି ସରକାର କାର୍ଯ୍ୟାଳୟ ପାଇଁ ଜମି ଖଣ୍ଡିଏ ପାଇବା କଷ୍ଟକର ବ୍ୟାପାର ହେଉଛି । ଉଦାହରଣ ସ୍ୱରୂପ ତାଳଚେର ଅଞ୍ଚଳ ପାଇଁ ସରକାରଙ୍କ ପକ୍ଷରୁ ଏନେଇ ନିକଟରେ ଏକ ନର୍ସିଂ କଲେଜ ଖୋଲିବାନେଇ ଅର୍ଥ ଆସିଥିଲେ ମଧ ତାଳଚେର ପ୍ରଶାସନ ଅଞ୍ଚଳରେ ଜମି ନାହିଁ ଦର୍ଶାଇ ଏହାକୁ ଅନୁଗୋଳ ଜିଲ୍ଲା ବଳରାମ ପ୍ରସାଦକୁ ସ୍ଥାନାନ୍ତରିତ କରାଯାଇଛି । ସେହଭିଳି ଭାବେ ଜମି ଅଭାବରୁ ଏବେ ତାଳଚେର ଅଞ୍ଚଳରେ କୌଣସି ସରକାରୀ କାର୍ଯ୍ୟାଳୟ ନିର୍ମାଣ କରିବା ଅସମ୍ଭବ । ଏହି ଅନୁପ୍ରବେଶକାରୀମାନେ ଏଠାରେ ରହିବା ଦ୍ୱାରା ଏମାନେ ଏଥିମଧ୍ୟରୁ କେହି ଘର ନିର୍ମାଣ କାର୍ଯ୍ୟରେ ଲାଗୁଥିବା ବେଳେ ଆଉ କେହି କୁକୁଡ଼ାଚିଆଁ, ଖେଳନା, ଘରକରଣା ସାମଗ୍ରୀ ବିକ୍ରି କରିଥାନ୍ତି । ଏମାନଙ୍କ ମଧ୍ୟରୁ କିଛି ଦିନରେ ଫେରି କରିଥାନ୍ତି ଓ ରାତିରେ ଅପରାଧିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ଏମାନେ ଟେଲିଫୋନ ଯୋଗେ ଘଣ୍ଟଘଣ୍ଟା ଧରି କଥା ହେଉଥିଲେ ମଧ ଆମ ଲୋକ ଏହି କଥାକୁ ବୁଝିପାରୁନାହାନ୍ତି, ତାଙ୍କ କଥାବାର୍ତା ସନ୍ଦେହଜନକ ଅବସ୍ଥା ସୃଷ୍ଟି କରୁଛି । ପୂର୍ବରୁ ତାଳଚେରକୁ ବାହାର ରାଜ୍ୟରୁ ଯେଉଁ ଲୋକ ଆସୁଥିଲେ ସେମାନଙ୍କର ଥାନାରେ ସମସ୍ତ ତଥ୍ୟ ରହୁଥିଲା । ମାତ୍ର କ'ଣ ହେଲା କେଜାଣି ଏବେ ଥାନାରେ କୌଣସି ପ୍ରକାର ସୂଚନା ରହୁନଥିବାରୁ ଆଗାମୀ ଦିନରେ ତାଳଚେର ଲୋକ ଆହୁରି ବିପଦରେ ପଡ଼ିବେ ବୋଲି ଏବେ ଠାରୁ ଜଳଜଳ ହୋଇ ଦେଖାଗଲାଣି । ତେବେ ପୁଲିସ୍ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ତଟବନ୍ଧ ସୁଦୃଢ଼ୀକରଣ ନାଁରେ ଲକ୍ଷ ଲକ୍ଷ ହରିଲୁଟ୍ ଅଭିଯୋଗ



**ରାଜନଗର,୯।୫/ଏନ୍ଏନ୍ଏସ୍:** ରାଜନଗର ବ୍ଲକର ତଟବନ୍ଧ ସୁଦୃଢୀକରଣ ନାମରେ ଲକ୍ଷଲକ୍ଷ ଟଙ୍କା ହରିଲୁଟ ହେଉଥିବା ଅଭିଯୋଗ ହେଉଛି । ହଂସୁଆ ଓ ବ୍ରାହ୍ମଣୀ ନଦୀର ଜୁଆରରୁ ବାଲିସାହିପଟଣା ପଚାଂୟତର ନୂଆଗାଁଠାରୁ ଚମ୍ପଦିଆ ପର୍ଯ୍ୟନ୍ତ ଏହି ଘେରୀବନ୍ଧ ରହିଛି । ପଦ୍ମିନୀ-ପଦ୍ମନାଭପୁର ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ଏହି ଲୁଣା ଘେରୀବନ୍ଧର ଦୁଇ କିଲୋମିଟର ୫୫୦ମିଟର ଘେରୀବନ୍ଧ ରାସ୍ତାରୁ ୮୫୦ମିଟର ରାସ୍ତା ପୂର୍ବରୁ କଂକ୍ରିଟ୍ ହୋଇସାରିଛି । ଅବଶିଷ୍ଟ ୧୭ଶହ ମିଟର ରାସ୍ତା ମଧ୍ୟରୁ ୧୨ଶହ ମିଟର ରାସ୍ତା ମୋରମ ପଡିଥିବା ବେଳେ ୫ଶହ ମିଟର ମାଟିରାସ୍ତା ରହିଛି । ଏହି ଘେରୀବନ୍ଧର ସୁଦୃଢୀକରଣ ପାଇଁ ପ୍ରାୟ ୨୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାମ କରାଯାଉଥିଲେ ମଧ ସୂଚନା ଫଳକଟିଏ ଲାଗିନାହିଁ । ସବୁଠାରୁ ବଡକଥା ହେଲା, ରାସ୍ତା ନିର୍ମାଣ ନସରୁଣୁ ସେଥିରେ ଘାସ ଉଠିବା ସହ ବର୍ଷାରେ ସ୍ଥାନେ ସ୍ଥାନେ ମୋରମ ଧୋଇ ହୋଇଯାଇଥିବା ଅଭିଯୋଗ ହୋଇଛି । ନିମ୍ନମାନର ମୋରମ ବ୍ୟବହାର ହେତୁ ସାମାନ୍ୟ ବର୍ଷାରେ ଧୋଇ ହୋଇଯାଉଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବର୍ଷାଦିନ ନଆସୁଣୁ କାଳବୈଶାଖୀ ରାସ୍ତା ଏପରି ଧୋଇ ହୋଇଯାଉଛି । ବର୍ଷାଦିନ ସରିବା ବେଳକୁ ମୋରମ ଥିବ ତ । ୮୦ଭାଗ ମୋରମ ଓ ୨୦ଭାଗ ବାଲି ପଡିବା ପରେ ପାଣିପଡି ରୋଲର ଚାଲିବା କଥା । ଏହି ରାସ୍ତାରେ ୨୦ଭାଗ ମୋରମ ସାଙ୍ଗକୁ ୮୦ଭାଗ ବାଲି ପକାଯାଇ କାମ ସାରି ଦିଆଯାଉଛି । ଯନ୍ତ୍ରୀ କିମ୍ବା ସହକାରୀ ଯନ୍ତ୍ରୀଙ୍କ ପାଦ ପଡିନଥିବା ବେଳେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ତତ୍ତ୍ୱାବଧାନରେ କାମ ତଦାରଖ ଦାୟିତ୍ୱ ଦିଆଯାଇଥିବା ଅଭିଯୋଗ ହୋଇଛି । ମୋରମ ବଦଳରେ ମୋରମ ଗୁଣ୍ଡ ପକାଇ କାମ କରାଯାଉଛି । ଠିକାସଂସ୍ଥା ନିମ୍ନମାନର କାମ କରି ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ ଚଳାଇଥିବା ବେଳେ ଯନ୍ତ୍ରୀ ନୀରବଦ୍ରଷ୍ଟା ସାଜିବା ଘଟଣା ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ରାସ୍ତା କାମ ସମ୍ପର୍କରେ ଉଚ୍ଚସ୍ତୀୟ ତଦନ୍ତ କରାଯିବାକୁ ସାଧାରଣରେ ଦାବୀ ହେଉଛି । ଏସଂପର୍କରେ ରାଜନଗର ତଟବନ୍ଧ ବିଭାଗ ସବଡିଭିଜନ ଦାୟିତ୍ୱରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶିଷକୁମାର ସ୍ୱାଇଁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇନଥିଲେ ।

# ମହାବୀରଙ୍କ ମନ୍ଦିର ପ୍ରତିଷ୍ଠା



**ଧର୍ମଶାଳା,୯।୫/ଏନ୍ଏନ୍ଏସ୍:** ଧର୍ମଶାଳା ବ୍ଲକ ଅରାବଳ ପଞ୍ଚାୟତ ନିକଟସ୍ଥ ଜନକ ଗ୍ରାମରେ ଶୁକ୍ରବାର ପୂର୍ବାହ୍ନରେ ମହାବୀର ହନୁମାନ ଦେବଙ୍କ ମନ୍ଦିର ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ବିଜେପି ଯୁବନେତା ଅରବିନ୍ଦ ଜେନା ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାବୀର ହନୁମାନ ମନ୍ଦିରରେ ପୁଷ୍ପାଞ୍ଜଳି ଅର୍ପଣ କରି ବିଭୁକୃପା ଲାଭ କରିଥିଲେ । ଆଜି ସକାଳେ କଳସ ଶୋଭାଯାତ୍ରା ସହ ସୂର୍ଯ୍ୟପୂଜା କରାଯାଇଥିଲା । ରିତିନୀତି ଅନୁଯାୟୀ ମହାବୀର ହନୁମାନ ଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ସହ ବିଗ୍ରହ ସ୍ଥାପନ କରାଯାଇଥିଲା । ଏହି ଉତ୍ସବରେ ବହୁ ସାଧୁସନ୍ଥ ଯୋଗ ଦେଇଥିଲେ । ସମାଜସେବୀ ସତ୍ୟବ୍ରତ ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଉତ୍ସବର ବିଭିନ୍ନ ବିଭିନ୍ନ ପଞ୍ଚାୟତରୁ ହଜାର ହଜାର ଶ୍ରଦ୍ଧାଳୁମାନେ ଆସି ହନୁମାନ ଦେବଙ୍କ ଦର୍ଶନ କରିବା ସହ କୃପାଲାଭ କରିଥିଲେ । ସନ୍ଧ୍ୟାରେ ମନ୍ଦିର ପରିଶରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା ।

# ରାମଚରିତ ମାନସ ସମୂହ ପାଠ କାର୍ଯ୍ୟକ୍ରମ ଉଦ୍‌ଯାପିତ

**କଟକ,୯।୫/ଏନ୍‌ଏନ୍‌ଏସ୍‌:** ପବିତ୍ର ଅକ୍ଷୟ ତୃତୀୟାଠାରୁ ଚାଦିନୀଚୌକ ଜଗନ୍ନାଥଙ୍କପୀଠରେ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଶ୍ରୀରାମଚରିତ ମାନସ ସମୂହପାଠ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଶିବଶଙ୍କର ଦାସ (ହରିଓଁ) ରାମଚରିତ ମାନସ ପାଠ କରିଥିଲେ। ସୁକାନ୍ତ ଦାସ ଓ ତାଙ୍କ ଧର୍ମପତ୍ନୀ ଅନିତା ଦାସ କର୍ତ୍ତାକର୍ତ୍ତୀ ଭାବେ ପୂଜାରେ ଅଂଶଗ୍ରହଣ କରିଥିଲେ। ୯ ଦିନ ବ୍ୟାପୀ ଅନୁଷ୍ଠିତ ରାମଚରିତ ମାନସ ଉପଭୋଗ କରିବା ପାଇଁ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଜନଗହଳି ପରିଲକ୍ଷିତ ହୋଇଥିଲା। ଜଗନ୍ନାଥ ମନ୍ଦିର ପରିଚାଳନା ସମିତି ଓ ଦଇତାପତି ସେବାୟତ ନିଯୋଗର ସଦସ୍ୟମାନେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଏକ ନଗର ସଂକୀର୍ତ୍ତନ ମନ୍ଦିରରୁ ଶୋଭାଯାତ୍ରାରେ ବାହାରି ସମଗ୍ର ଅଞ୍ଚଳ ପରିକ୍ରମା କରିଥିଲା। ଏଥିରେ ଶତାଧିକ ମହିଳାଙ୍କ ସମେତ ବହୁ ସଂଖ୍ୟାରେ ଭକ୍ତ ଜନସାଧାରଣ ଅଂଶ ଗ୍ରହଣ କରିଥିଲେ। ଦଇତାପତି ସେବାୟତ ନିଯୋଗର ସଦସ୍ୟମାନଙ୍କ ପକ୍ଷରୁ ମନ୍ଦିର ପରିଚାଳନା ସମିତିର ସମସ୍ତ କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପ୍ରଥମ ପୃଷ୍ଠାରୁ

## ବିନାଶକୁ ଡାକୁଛି ...

ସନ୍ଧ୍ୟାରେ ପୁଣିଥରେ ଭାରତୀୟ ସୀମାରେଖାରେ ଅସ୍ତ୍ରବିରତି ଉଲ୍ଲଂଘନ କରିଛି। ଭାରତୀୟ ସୀମାରେଖା ଅଞ୍ଚଳଗୁଡ଼ିକରେ ଗୁଳିବର୍ଷା ସାଙ୍ଗକୁ ଡ୍ରୋନ୍ ଆକ୍ରମଣ କରିଛି ପାକିସ୍ତାନ। ରିପୋର୍ଟ ଅନୁସାରେ ଉରି ଓ ପୁଞ୍ଚ୍ ସେକ୍ଟରରେ ଆକ୍ରମଣ କରୁଛି ପାକିସ୍ତାନ, ସୀମା ଆରପଟୁ ଜୋରଦାର ଗୁଳିଗୋଳା ମାଡ଼ କରିଛନ୍ତି ପାକିସ୍ତାନୀ ସେନା। ଉଭୟ ସେକ୍ଟରରେ ଗୁଳିଗୋଳା ମାଡର ଶବ୍ଦ ଅସହ୍ୟ ହୋଇପଡ଼ିଛି। ଅବଶ୍ୟ ଭାରତୀୟ ସେନା ପାକିସ୍ତାନର ସବୁ ଉଦ୍ୟମକୁ ବିଫଳ କରିବା ସହ ପ୍ରଚଣ୍ଡ ପ୍ରହାର ମଧ୍ୟ କରୁଛି, କିନ୍ତୁ ପାକିସ୍ତାନର ଏପ୍ରକାର ଆକ୍ରମଣକୁ ନେଇ ଏବେ ଦୁଇ ଦେଶ ମଧ୍ୟରେ ଆରମ୍ଭ ହୋଇଥିବା ଲଢ଼େଇ ଭୀଷଣ ରୂପ ଧାରଣ କରିବା ନେଇ ଇଙ୍ଗିତ କରିଛି। ଏସବୁ ମଧ୍ୟ ପାକିସ୍ତାନର ପଞ୍ଜାବ ପ୍ରଦେଶ ଅନ୍ତର୍ଗତ ଓକାରା ସେନା କ୍ୟାଣ୍ଟ୍ ଉପରେ ଭାରତୀୟ ସେନା ପକ୍ଷରୁ ଡ୍ରୋନ୍ ଆକ୍ରମଣ ହୋଇଥିବା ଏବଂ ଏଥିରେ ପାକ୍ ସେନାର ବିପୁଳ କ୍ଷତି ହୋଇଥିବା ସୂଚନା ମିଳିଛି।

## ଶତ୍ରୁପକ୍ଷର ସବୁ ପ୍ରୟାସ ...

ତେବେ ଭାରତୀୟ ସେନା ଏହାର ଉଚିତ୍ ଜବାବ ଦେବା ଜାରି ରଖିଛି। ଏସବୁ ମଧ୍ୟରେ ଜୈସଲମେର, ଜମ୍ମୁ, ଶ୍ରୀନଗର, ପଠାନ୍‌କୋଟ୍‌ରେ ବ୍ଲାକ୍‌ଆଉଟ୍ କରାଯାଇଥିବା ସୂଚନା ମିଳିଛି। ସାଇରନ ବଜାଯିବା ପୂର୍ବକ ସ୍ଥାନୀୟ ଲୋକଙ୍କୁ ସୂଚୀତ କରାଯାଇଥିଲା ଏବଂ ପରେ ବ୍ଲାକ୍‌ଆଉଟ୍ କରାଯାଇଥିଲା। ସେହିପରି ରାଜସ୍ଥାନର ପୋଖରନ୍ ଠାରେ ପାକିସ୍ତାନୀ ଡ୍ରୋନ୍ ଆକ୍ରମଣ ଉଦ୍ୟମ ହୋଇଥିବାରୁ ଏହାକୁ ଦୃଷ୍ଟିରେ ରଖି ଏହି ଅଞ୍ଚଳରେ ରେଡ୍ ଆଲର୍ଟ ଜାରି କରାଯାଇଛି।

## ସେନାକୁ ସହଯୋଗ କରିବାକୁ ...

ମନ୍ତ୍ରୀ ରାଜନାଥ ସିଂହ ଶୁକ୍ରବାର ସିଡିଏସ୍ ଅନୀଲ ଚୌହାନ୍ ଏବଂ ୩ ସେନାବାହିନୀ ମୁଖ୍ୟଙ୍କ ସହ ଆଲୋଚନା କରିବା ପରେ ସେନା ପକ୍ଷରୁ ଜରୁରିକାଳୀନ ପରିସ୍ଥିତି ପରିପ୍ରେକ୍ଷୀରେ ଅନେକ ନିଷ୍ପତ୍ତି ନିଆଯାଇଛି। ଏସବୁ ନିଷ୍ପତ୍ତି ମଧ୍ୟରେ ସବୁ ସେନାଧିକାରୀଙ୍କ ଛୁଟିକୁ ବାତିଲ କରିଦିଆଯିବା ସହ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

## ବଡ଼ ଆକ୍ରମଣ କରିପାରେ ...

ଏବଂ ବିଦେଶ ମନ୍ତ୍ରୀଙ୍କ ବୈଠକ ଆଜି ବିଳମ୍ବିତ ରାତିରେ ପାକିସ୍ତାନ ଉପରେ ବଡ଼ ଆକ୍ରମଣ ଆଡକୁ ସୂଚୀତ କରୁଛି। ଏହି ବୈଠକ ଭାରତ-ପାକିସ୍ତାନ ସୀମାରେ ବୃଦ୍ଧି ପାଉଥିବା ଉତ୍ତେଜନା ଏବଂ ପାକିସ୍ତାନର ଆକ୍ରମଣାତ୍ମକ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଅନୁଷ୍ଠିତ ହୋଇଛି।

## ଆଇପିଏଲ୍ ଏକ ସପ୍ତାହ ...

ଚିନ୍ତାବ୍ୟକ୍ତ କରିଛନ୍ତି। ଆଇପିଏଲ୍‌ର ଚଳିତ ସିଜନ୍‌ରେ ଲିଗ୍ ମ୍ୟାଚ୍ ସମେତ ମୋଟ ୭୪ ମ୍ୟାଚ୍ ଖେଳାଯିବାକୁ ଥିବାବେଳେ ୫୮ତମ ମ୍ୟାଚ୍ ପରେ ଟୁର୍ଣ୍ଣାମେଣ୍ଟ ସ୍ଥଗିତ ହୋଇଥିଲା। ଫଳରେ ଟୁର୍ଣ୍ଣାମେଣ୍ଟର ୧୨ଟି ଲିଗ୍ ମ୍ୟାଚ୍ ଓ ଚାରିଟି ପ୍ଲେଅଫ୍ ମ୍ୟାଚ୍ ବାକି ରହିଛି। ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ମେ ୨୫ ତାରିଖରେ କୋଲ୍‌କାତାର ଇଡେନ୍ ଗାର୍ଡେନ୍ସରେ ଖେଳାଯିବାର ଥିଲା। କୁହାଯାଉଛି ଅଗଷ୍ଟରେ ହେବାକୁ ଥିବା ଟିମ୍ ଇଣ୍ଡିଆର ବାଂଲାଦେଶ ଗସ୍ତକୁ ରଦ୍ଦ କରାଯିବ। ସେହିପରି ସେପ୍ଟେମ୍ବରରେ ହେବାକୁ ଥିବା ଏସିଆ କପ୍ ମଧ୍ୟ ସ୍ଥଗିତ ହୋଇପାରେ। ଏହି ସମୟରେ ଭାରତରେ ଆଇପିଏଲ୍‌ର ବାକି ମ୍ୟାଚ୍‌ର ଆୟୋଜନ କରାଯିବ। ବିସିସିଆଇର ଏହି ନିଷ୍ପତ୍ତିକୁ ବିଭିନ୍ନ ଦେଶର କ୍ରିକେଟ୍ ବୋର୍ଡଙ୍କ ସମର୍ଥନ ମଧ୍ୟ ରହିଛି।

ଆଇପିଏଲ୍ ସ୍ଥଗିତ ରଖିବା ନିଷ୍ପତ୍ତିକୁ ପୂର୍ବତନ କ୍ରିକେଟର୍ ମଦନ ଲାଲ୍ ସମର୍ଥନ କରିଛନ୍ତି। ସେ କହିଛନ୍ତି, ଭାରତ-ପାକିସ୍ତାନ ମଧ୍ୟରେ ଦେଖାଦେଇଥିବା ଉତ୍ତେଜନା ମଧ୍ୟରେ ଏହା ଏକ ଉତ୍ତମ ନିଷ୍ପତ୍ତି। ଆମେ ଅପେକ୍ଷା କରିପାରିବୁ। ସରକାରଙ୍କ ସହ ଆଲୋଚନା କରି ବିସିସିଆଇ ପରବର୍ତ୍ତୀ ନିଷ୍ପତ୍ତି ନେବା ଉଚିତ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ପାକିସ୍ତାନ ଗୁରୁବାର ରାତି ପ୍ରାୟ ସାଢ଼େ ୮ଟା ସମୟରେ ଭାରତର ଜମ୍ମୁ, ପଞ୍ଜାବ ଏବଂ ରାଜସ୍ଥାନ ସୀମାନ୍ତରେ ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣ କରିଥିଲା। ଏହି ଅବସରରେ ଧର୍ମଶାଳାର ହିମାଚଳ ପ୍ରଦେଶ କ୍ରିକେଟ୍ ଆସୋସିଏସନ୍ (ଏଚ୍‌ପିସିଏ) ଷ୍ଟାଡିୟମ୍‌ରେ ପଞ୍ଜାବ କିଙ୍ଗସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଆଇପିଏଲ୍‌ର ୫୮ତମ ଲିଗ୍ ମ୍ୟାଚ୍ ଖେଳାଯାଉଥିଲା। ଏହି ମ୍ୟାଚ୍‌କୁ ତୁରନ୍ତ ଅଧାରୁ ରୋକିବାକୁ ପଡ଼ିଥିଲା ଏବଂ ଖେଳାଳି, ସପୋର୍ଟ ଷ୍ଟାଫ୍ ଏବଂ ବ୍ରଡ୍‌କାଷ୍ଟରଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ସ୍ୱତନ୍ତ୍ର ଟ୍ରେନ୍‌ର ବ୍ୟବସ୍ଥା କରାଯାଇଥିଲା।

ସୂଚନାଯୋଗ୍ୟ, ୨୦୦୮ରୁ ଆରମ୍ଭ ହୋଇଥିବା ଆଇପିଏଲ୍ ଇତିମଧ୍ୟରେ ଚାରିଥର ଦେଶ ବାହାରେ ଆୟୋଜିତ ହୋଇଛି। ସର୍ବପ୍ରଥମେ ୨୦୦୯ରେ ଲୋକସଭା ନିର୍ବାଚନ କାରଣରୁ ଆଇପିଏଲ୍‌ର ସମସ୍ତ ମ୍ୟାଚ୍ ସାଉଥ୍ ଆଫ୍ରିକାରେ ଖେଳାଯାଇଥିଲା। ନିର୍ବାଚନ କାରଣରୁ ସରକାରଙ୍କ ମ୍ୟାଚ୍ ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇ ଦେବାକୁ ମନା କରିଥିଲେ। ସେହିପରି ୨୦୧୪ରେ ଲୋକସଭା ନିର୍ବାଚନ କାରଣରୁ ଆଇପିଏଲ୍‌ରେ ପ୍ରଥମ ପର୍ଯ୍ୟାୟ ଏପ୍ରିଲ୍ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ୟୁଏଇରେ ଆୟୋଜିତ ହୋଇଥିଲା। ଏହାପରେ ବାକି ମ୍ୟାଚ୍ ମେ ୨ରୁ ଭାରତରେ ଖେଳାଯାଇଥିଲା। ୨୦୨୦ରେ କରୋନା ମହାମାରୀ କାରଣରୁ ଆଇପିଏଲ୍‌ର ଆୟୋଜନ ମାର୍ଚ୍ଚରେ ହୋଇପାରି ନଥିଲା ଏବଂ ସେପ୍ଟେମ୍ବରରେ ଏହା ୟୁଏଇରେ ଖେଳାଯାଇଥିଲା। ମୁମ୍ବାଇ ଇଣ୍ଡିଆନ୍ସ ଫାଇନାଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ହରାଇ ଟାଇଟଲ୍ ଜିତିଥିଲା। ସେହିପରି ୨୦୨୧ରେ କରୋନା କାରଣରୁ ଟୁର୍ଣ୍ଣାମେଣ୍ଟ୍ ଦେଶର ଚାରିଟି ସ୍ଥାନ ଦିଲ୍ଲୀ, ଅହମ୍ମଦାବାଦ, ମୁମ୍ବାଇ ଓ ଚେନ୍ନାଇରେ ଆୟୋଜିତ କରାଇବାକୁ ନିଷ୍ପତ୍ତି ହୋଇଥିଲା। ଏପ୍ରିଲ୍ ୯ରୁ ଟୁର୍ଣ୍ଣାମେଣ୍ଟ୍ ଆରମ୍ଭ ମଧ୍ୟ ହୋଇଥିଲା। ମାତ୍ର ଖେଳାଳିଙ୍କ ମଧ୍ୟରେ କରୋନା ସଂକ୍ରମଣ କାରଣରୁ ମେ ୨ ତାରିଖର ମ୍ୟାଚ୍ ପରେ ଟୁର୍ଣ୍ଣାମେଣ୍ଟକୁ ଅଧାରୁ ରୋକିବାକୁ ପଡ଼ିଥିଲା ଏବଂ ବାକି ମ୍ୟାଚ୍ ସେପ୍ଟେମ୍ବର-ଅକ୍ଟୋବରରେ ୟୁଏଇରେ ଖେଳାଯାଇଥିଲା।

## ୨୦୩୬ ସୁଦ୍ଧା ସମୃଦ୍ଧ ...

ସଂସ୍କୃତି ଓ ଐତିହ୍ୟ କ୍ଷେତ୍ରର ପ୍ରତିଷ୍ଠିତ ବ୍ୟକ୍ତିତ୍ୱମାନେ ଯୋଗଦେଇ ନିଜର ଚିନ୍ତାଧାରା ପ୍ରକାଶ କରିବା ସହିତ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଲେ, ଆମର ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତର ଲକ୍ଷ୍ୟ, ଏ ଦୁଇଟି ବିଷୟକୁ ନେଇ ଆମର କାର୍ଯ୍ୟପନ୍ଥା ପ୍ରସ୍ତୁତ କରିବାକୁ ପଡ଼ିବ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ଦେଶ ଏବେ ଆତ୍ମନିର୍ଭର ଭାରତ ହେବା ଦିଗରେ ଅଗ୍ରସର ହୋଇଚାଲିଛି। ୨୦୩୬ରେ ଓଡ଼ିଶାରେ ମହିଳା ସଶକ୍ତିକରଣ କିପରି ହେବ ସେ ବିଷୟରେ ମଧ୍ୟ ସ୍ପଷ୍ଟ ଦିଗ ନିର୍ଦ୍ଧାରଣ କରାଯାଇଛି। ମହିଳାମାନଙ୍କୁ ସବୁ କ୍ଷେତ୍ରରେ ସମାନ ଅଧିକାର ମିଳିବା ଆବଶ୍ୟକ। ଓଡ଼ିଶାରେ ଲକ୍ଷପତି ଦିଦି ସୃଷ୍ଟି କରିବାରେ ଓଡ଼ିଶା ନିର୍ଦ୍ଧାରିତ ଲକ୍ଷ୍ୟଠାରୁ ଅଧିକ ସଫଳତା ହାସଲ କରିଛି ବୋଲି ପ୍ରକାଶ କରି ସେ କହିଲେ ଯେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରାଯାଇଛି।

କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଆଇନ, ଅବକାରୀ ଏବଂ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଏକାମ୍ର ବିଧାୟକ ବାବୁ ସିଂହ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

## ବିକାଶ ସମନ୍ୱୟ ଏବଂ ତଦାରଖ କମିଟି ବୈଠକ

# କୃଷି, ଶିକ୍ଷା ଓ ଶିଶୁ ବିକାଶ ଯୋଜନା ଉପରେ ଗୁରୁତ୍ୱ



**କଟକ,୯।୫/ଏନ୍‌ଏନ୍‌ଏସ୍‌:** ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ତୃତୀୟ ବିକାଶ ସମନ୍ୱୟ ଏବଂ ତଦାରଖ କମିଟି (ଦିଶା) ବୈଠକ ଶୁକ୍ରବାର ପୂର୍ବାହ୍ଣରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ତଥା ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ନିଆଳୀ ବିଧାୟକ ଛବି ମଲ୍ଲିକ, ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ସିଏମ୍‌ସି ମେୟର୍ ସୁବାସ ଚନ୍ଦ୍ର ସିଂହ, ଜିଲ୍ଲାପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ଜିଲ୍ଲା ବିଜେପି ସଭାପତିରାମ ନାରାୟଣ ଦାସ, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାରେ ଜଳ ଜୀବନ ମିଶନର କାର୍ଯ୍ୟକାରିତା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ସମଗ୍ର ଶିକ୍ଷା ଅଭିଯାନ, ସମନ୍ୱିତ ଶିଶୁ ବିକାଶ ଯୋଜନା, ମଧ୍ୟାହ୍ନ ଭୋଜନ ଯୋଜନା ଆଜି ବୈଠକର ମୁଖ୍ୟ ଆଲୋଚ୍ୟ ବିଷୟ ଥିଲା। ଏଥିସହ ଦ୍ୱିତୀୟ ଦିଶା ବୈଠକରେ ଆଲୋଚନା ଉପରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଜନ ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା। ଜିଲ୍ଲାରେ ନୂତନ ଚାଷୀ ଚିହ୍ନଟ କରାଯାଇ ସେମାନଙ୍କୁ ବିହନ ପ୍ରଦାନ ଓ ଚାଷ କ୍ଷେତ୍ରରେ ପ୍ରୋତ୍ସାହନ ଦେବାସହ ସ୍ଥାନୀୟ ଜନ ପ୍ରତିନିଧିଙ୍କ ସହଯୋଗରେ କାର୍ଯ୍ୟ କରିବାକୁ ଜିଲ୍ଲା ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଭିନ୍ନ ସ୍ଥାନରେ ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପନ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଜଳ ଓ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ଏବଂ ଶିକ୍ଷାର ମାନ ବୃଦ୍ଧି ଦିଗରେ ଯତ୍ନଶୀଳ ହେବାକୁ ମତପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦର ସଭ୍ୟ, ସଭ୍ୟା, ଜିଲ୍ଲାର ବିଭିନ୍ନ ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ, ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ, ଗଣମାଧ୍ୟମର ପ୍ରତିନିଧିଙ୍କ ସମେତ ବହୁ ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦ, ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ କଟକ ପ୍ରଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# 'ବ୍ଲକ୍ ଗ୍ରାଣ୍ଟ୍ କର୍ମଚାରୀଙ୍କୁ ବଦଳି କରାଯାଇ ପାରିବ ନାହିଁ'

**କଟକ,୯।୫/ଏନ୍‌ଏନ୍‌ଏସ୍‌:** ବ୍ଲକ୍ ଗ୍ରାଣ୍ଟ ପାଉଥିବା ଅଣଶିକ୍ଷକ କର୍ମଚାରୀଙ୍କୁ ଗୋଟିଏ ଶିକ୍ଷାନୁଷ୍ଠାନରୁ ଅନ୍ୟ ଏକ ଅନୁଷ୍ଠାନକୁ ବଦଳି କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ୍ ଓ ଜଷ୍ଟିସ୍ ଏମ୍.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସୁରେନ୍ଦ୍ର କୁମାର ଜେନାଙ୍କ ଆବେଦନର ଶୁଣାଣି କରି ଏହି ରାୟ ପ୍ରଦାନ କରିଛନ୍ତି। ଆବେଦନକାରୀ ଧାମନଗର କଲେଜରେ ବରିଷ୍ଠ କିରାଣୀ ଭାବେ କାର୍ଯ୍ୟରତ ଥିବାବେଳେ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକଙ୍କ ମାର୍ଚ୍ଚ ୧୦ରେ ନିର୍ଦ୍ଦେଶନାମା ତାଙ୍କ ନିକଟରେ ପହଞ୍ଚିଥିଲା। ଏପରି ନିର୍ଦ୍ଦେଶ ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟର ଜଣିକିଆ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ମାର୍ଚ୍ଚ ୨୦ରେ ମାମଲାର ଶୁଣାଣି କରି ମାର୍ଚ୍ଚ ୧୦ର ନିର୍ଦ୍ଦେଶରେ ହସ୍ତକ୍ଷେପ କରିବାକୁ ମନା କରିଥିଲେ। ଜଣିକିଆ ବିଚାରପତିଙ୍କ ମାର୍ଚ୍ଚ ୨୦ର ରାୟକୁ ଚାଲେଞ୍ଜ କରି ଆବେଦନକାରୀ ୨ ଜଣିଆ ଖଣ୍ଡପୀଠରେ ରିଟ୍ ଅପିଲ ଦାୟର କରିଥିଲେ। ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ, ବ୍ଲକ୍ ଗ୍ରାଣ୍ଟ୍ କର୍ମଚାରୀଙ୍କ କ୍ୟାଡର୍ ଗଠନ କରାଯାଇନାହିଁ। ତେଣୁ ନିୟମ ଅନୁସାରେ ବ୍ଲକ୍ ଗ୍ରାଣ୍ଟ୍ କର୍ମଚାରୀଙ୍କ ବଦଳି ହୋଇପାରିବ ନାହିଁ। ଅନ୍ୟ ଏକ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରିବାକୁ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ପ୍ରଦାନ କରିଥିବା ଆଦେଶ ବେଆଇନ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସମୀର କୁମାର ଦାସ ମାମଲା ପରିଚାଳନା କରୁଥିଲେ।



# ଫଟୋ ସାମ୍ବାଦିକ ହୃଦୟନାଥ ଦାସଙ୍କ ଜୟନ୍ତୀ



**କଟକ,୯।୫/ଏନ୍‌ଏନ୍‌ଏସ୍‌:** ଫଟୋ ସାମ୍ବାଦିକ ହୃଦୟନାଥ ଦାସଙ୍କ ଜୟନ୍ତୀ ସ୍ଥାନୀୟ ବଙ୍ଗଳି ସାହି ମା'ଶାରଳା ସଦନଠାରେ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଆଇନଜୀବୀ ଦେବସ୍ମାନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଶିଶୁ ସାହିତ୍ୟିକ ପ୍ରଫେସର ଡକ୍ଟର ମହେଶ୍ୱର ମହାନ୍ତି ଉଦ୍‌ଘାଟନ କରିଥିଲା ବେଳେ ସମ୍ମାନିତ ଅତିଥି ଭାବରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ସହଯୋଗୀ ପ୍ରଫେସର୍ ଡକ୍ଟର୍ ବିଜୟଲକ୍ଷ୍ମୀ ଦାସ ଯୋଗ ଦେଇ ହୃଦୟ ନାଥଙ୍କ ରଚିତ 'ଉଠା ପକ୍କା ଜୀବନ'ଉପରେ ଆଲୋଚନା କରିଥିଲେ। ଉତ୍ସବରେ ଭୁବନା ନନ୍ଦ ମହାନ୍ତି, ଅରୁଣ କୁମାର ଅଗ୍ରୱାଲ, ନମିତା ମହାନ୍ତି, ସୁବ୍ରତ ପ୍ରିୟବ୍ରତ ମହାନ୍ତି, ଆଇନଜୀବୀ ବ୍ରଜଭୂଷଣ ସାହୁ, ସୁବାସ ମହାନ୍ତି, ଚଳଚ୍ଚିତ୍ର ପ୍ରଯୋଜକ ସମରେନ୍ଦ୍ର ମହାନ୍ତି, ଶ୍ରୀମାଳିନୀ ଦାସ, ଆୟୁଷ୍ମାନ ସିଂହ ପ୍ରମୁଖ ଉପସ୍ଥିତି ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଜୁପଟ୍ଟନାୟକ ଫିଲ୍ମ ଆଣ୍ଡ୍ ଟେଲିଭିଜନ୍ ଇନଷ୍ଟିଚ୍ୟୁଟ୍‌ର ସିନେମା ଫଟୋଗ୍ରାଫି ବିଭାଗର ବରିଷ୍ଠ ପ୍ରଶିକ୍ଷକ ବିଷ୍ଣୁ ମହାରଣାଙ୍କୁ ହୃଦୟନାଥଙ୍କ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରଧାପକ ଡକ୍ଟର ଜୟନ୍ତ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# କଟକ ଜିଲ୍ଲାକୁ ରାଜ୍ୟସ୍ତରୀୟ ଶ୍ରେଷ୍ଠ ସ୍କାଉଟ୍ ଗାଇଡ୍ ପୁରସ୍କାର



**କଟକ,୯।୫/ଏନ୍‌ଏନ୍‌ଏସ୍‌:** ଓଡ଼ିଶା ସ୍କାଉଟ୍ ଗାଇଡ୍ କମିଶନରଙ୍କ ଦ୍ୱାରା ମନୋନୀତ ହୋଇଥିବା କଟକ ଜିଲ୍ଲାର ଭାରତ ସ୍କାଉଟ ଓ ଗାଇଡ୍ ଚଳିତବର୍ଷ ରାଜ୍ୟସ୍ତରୀୟ ପୁରସ୍କାର ହାସଲ କରିଛି। ଭୁବନେଶ୍ୱରସ୍ଥିତ ରାଜ୍ୟପାଳଙ୍କ ବାସଭବନ ଅଭିଷେକ ହଲଠାରେ ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଚଳିତବର୍ଷ ଭାରତ ସ୍କାଉଟ୍ ଓ ଗାଇଡ୍‌ର ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ରାଜ୍ୟ ସ୍କାଉଟ୍ କମିଶନର କଟକ ଜିଲ୍ଲା ସ୍କାଉଟ୍ ଗାଇଡ୍ ସର୍ବାଧିକ ପଏଣ୍ଟ ହାସଲ କରି ଚଳିତବର୍ଷ ଶ୍ରେଷ୍ଠ ଜିଲ୍ଲା ଭାବେ ବିବେଚିତ ହୋଇ ରାଜ୍ୟସ୍ତରୀୟ ପୁରସ୍କାର ରାଜ୍ୟପାଳଙ୍କ ଠାରୁ ଗ୍ରହଣ କରିଥିଲେ। ସ୍କାଉଟ୍ ଗାଇଡ୍‌ର ବିଭିନ୍ନ କାର୍ଯ୍ୟକୁ ରାଜ୍ୟପାଳ ଉଚ୍ଚ ପ୍ରଶଂସା କରି ଛାତ୍ରଛାତ୍ରୀମାନଙ୍କୁ ସେବା କ୍ଷେତ୍ରରେ ଉତ୍ସର୍ଗ କରିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ବିଦ୍ୟାଳୟସ୍ତରରେ ସ୍କାଉଟ୍ ଗାଇଡ୍‌କୁ ସକ୍ରିୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ସ୍କାଉଟ୍ ଗାଇଡ୍ କମିଶନର କାଳୀ ପ୍ରସନ୍ନ ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଶିକ୍ଷାବିତ୍‌ଙ୍କ ବିୟୋଗରେ ଶୋକ

**କଟକ,୯।୫/ଏନ୍‌ଏନ୍‌ଏସ୍‌:** କଟକ ମହାନଗର ଶାନ୍ତି କମିଟିର ପୂର୍ବତନ ଉପଦେଷ୍ଟା ତଥା ଅଲିଶାବଜାର ପୂଜା କମିଟିର ତତ୍କାଳୀନ ସଭାପତି ଶିକ୍ଷାବିତ୍ ପ୍ରଭାତ କୁମାର କରଙ୍କ ବିୟୋଗରେ ଶାନ୍ତି କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁ ଓ ସାଧାରଣ ସମ୍ପାଦକ ଭିକାରୀ ଦାସ ଶୋକ ବ୍ୟକ୍ତ କରିଛନ୍ତି। ସ୍ୱର୍ଗତ କର ଖ୍ରୀଷ୍ଟ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଥିଲେ। ସେ ଜଣେ ସୁବକ୍ତା, ସ୍ପଷ୍ଟବାଦୀ ଓ ମେଳାପୀ ମଣିଷ ଥିଲେ। ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶ୍ରୀ ଦାସ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମୋବେଦନା ଜ୍ଞାପନ କରିଛନ୍ତି।

# ମିଳିତ ଟ୍ରେଡ୍ ୟୁନିୟନ୍‌ର କନ୍‌ଭେନ୍‌ସନ୍



**କଟକ,୯।୫/ଏନ୍‌ଏନ୍‌ଏସ୍‌:** ସ୍ଥାନୀୟ ଏସ୍‌ଏନ୍ ସରକାର ମେମୋରିଆଲ୍ ହଲ୍‌ରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସ୍ୱାଧୀନ କର୍ମଚାରୀ ଫେଡେରେସନ୍‌ଗୁଡ଼ିକର ଏକ ଜିଲ୍ଲାସ୍ତରୀୟ କନ୍‌ଭେନ୍‌ସନ୍ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କିଶୋର ଜେନା, ରବି ନାରାୟଣ ମଲ୍ଲିକ, ଖଗେଶ୍ୱର ସେଠୀ, ମନୋରଞ୍ଜନ ମହାରଣା, ଗୋକୁଳାନନ୍ଦ ବେହେରା ଓ ବିପିନ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ଜନାର୍ଦ୍ଦନ ପତି, ଅମରେନ୍ଦୁ ମହାନ୍ତି, ରାଜକିଶୋର ମଲିକ, ସୌଭାଗ୍ୟ କେତନ ସମାଲ, ଅଭୟ ଦାସ ଓ ବିଜୟ ପଢିହାରୀ ପ୍ରମୁଖ କନ୍‌ଭେନ୍‌ସନ୍‌ରେ ବକ୍ତବ୍ୟ ରଖି ମୋଦୀ ସରକାରଙ୍କ କର୍ପୋରେଟ୍ ସପକ୍ଷବାଦୀ ଏବଂ ଶ୍ରମିକ ବିରୋଧୀ ଓ ସାଂପ୍ରଦାୟିକ ବିଭାଜନକାରୀ ନୀତି ବିରୁଦ୍ଧରେ ପ୍ରଚାର ଅଭିଯାନ ଚଳାଇବାକୁ ଅନୁରୋଧ କରିଥିଲେ।

# ମହାକାଶ ବିଜ୍ଞାନୀ ବିଜୟ କୁମାର ଦାସଙ୍କୁ ନାଗରିକ ସମ୍ବର୍ଦ୍ଧନା



**କଟକ,୯।୫/ଏନ୍‌ଏନ୍‌ଏସ୍‌:** ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳ ସେବକ ସମାଜ, ମହାନଦୀ ବିହାର ଯୁବକ ସଂଘ ଓ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ମିଳିତ ଆନୁକୂଲ୍ୟରେ ମହାନଦୀବିହାରସ୍ଥିତ ମହାନଦୀ ଭବନରେ ଏକ ନାଗରିକ ସମ୍ବର୍ଦ୍ଧନା ସଭା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଆନ୍ତର୍ଜାତିକ ମହାକାଶ ବିଜ୍ଞାନୀ ପ୍ରଫେସର ବିଜୟ କୁମାର ଦାସଙ୍କୁ ବିଭିନ୍ନ ସଂଗଠନ ତରଫରୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଫେସର ଦାସ ଏକାଧାରରେ ଜଣେ ମହାକାଶ ବିଜ୍ଞାନୀ, ଉଦ୍ଭାବକ, ସଫଳ ଉଦ୍ୟୋଗପତି ଓ ସଂସ୍କୃତି ଗବେଷକ ଅଟନ୍ତି। ପୁରୀ ଜିଲ୍ଲାର ଏକ ଛୋଟିଆ ଗ୍ରାମରେ ଜନ୍ମଲାଭ କରି ନିଜର ପ୍ରଚେଷ୍ଟା, ଦୃଢ଼ ଇଚ୍ଛାଶକ୍ତି ଓ ଅଧ୍ୟବସାୟ ବଳରେ ସେ ଆଜି ବିଜ୍ଞାନ, ବୈଷୟିକ ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ, ଅଟୋମେସନ୍ ଓ ମହାକାଶ ବିଜ୍ଞାନରେ ସ୍ନାତକୋତ୍ତର ହାସଲ କରିବା ସହିତ ଇସ୍ରୋରେ ଜଣେ ବୈଜ୍ଞାନିକ ଭାବରେ ଡ.ବିକ୍ରମ ସରାଭାଇ, ଡ.ସତ୍ୟପ୍ରକାଶ, ଡ ଏ.ପି.ଜେ.ଅବ୍‌ଦୁଲ କାଲାମଙ୍କ ସହ କାର୍ଯ୍ୟ କରିଛନ୍ତି। ଶ୍ରୀମଦ୍ ଭଗବତ ଗୀତା ଉପରେ ପ୍ରଗାଢ଼ ଜ୍ଞାନ ରଖୁଥିବା ପଫେସର୍ ଦାସ ବିଜ୍ଞାନର ସବୁ ମୂଳତତ୍ତ୍ୱ ଭଗବତ୍ ଗୀତାରେ ସନ୍ନିହିତ ଅଛି ବୋଲି ଦାବି କରନ୍ତି। ସେ ବର୍ତ୍ତମାନ ଆମେରିକାର ନାଗରିକତ୍ୱ ଗ୍ରହଣ କରିବା ସହିତ ପରିବାର ସହ ସେଠାରେ ରହୁଛନ୍ତି ଓ ବିଭିନ୍ନ ଗବେଷଣାମୂଳକ କାର୍ଯ୍ୟରେ ନିୟୋଜିତ ଅଛନ୍ତି।ଏହି କାର୍ଯ୍ୟକ୍ରମକୁ ଉତ୍କଳ ସେବକ ସମାଜର ସମ୍ପାଦକ ଆଇନଜୀବୀ ଅମୀୟ ଭୂଷଣ ବିଶ୍ୱାଳ ସଂଯୋଜନା କରିଥିଲେ। ମହାନଦୀବିହାର ବିକାଶ ପରିଷଦର ସଭାପତି ସଂଜୟ କୁମାର ଜେନା, ସଂପାଦକ ହିମାଂଶୁ ତ୍ରିପାଠୀ, କର୍ପୋରେଟର୍ ଇଂ ସୁବ୍ରତ ଘଡେଇ, ମହାନଦୀବିହାର ଯୁବକ ସଂଘର ସଭାପତି ମନୋଜ ଦାସ, ଉତ୍କଳ ସେବକ ସମାଜର ନିର୍ଦ୍ଦେଶକ ଇଂ.ଅନ୍ୱୟ ଅଭିନବ କାର୍ଯ୍ୟକ୍ରମକୁ ସଂଚାଳନା କରିଥିବା ବେଳେ ମଳୟ କୁମାର ଷଡଙ୍ଗୀ ସହାୟତା କରିଥିଲେ। ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଉପସଭାପତି ସୁଶ୍ରୀ ମନ୍ଦାକିନୀ ଜେମା ଧନ୍ୟବାଦ ପ୍ରଦାନ କରିଥିଲେ।

## ଛାଡ଼ପତ୍ର ଓ ଭରଣପୋଷଣ ମାମଲା

# ଟେଲି ଅଭିନେତାଙ୍କୁ ମିଳିଲା ଜାମିନ

**କଟକ,୯।୫/ଏନ୍‌ଏନ୍‌ଏସ୍‌:** ଛାଡ଼ପତ୍ର ଓ ଭରଣ ପୋଷଣ ମାମଲାରେ କୋର୍ଟଙ୍କ ଆଦେଶ ବଳରେ ଟେଲି ଅଭିନେତା ହରିଶ ଖଣ୍ଡେଲୱାଲଙ୍କୁ ବାଦାମବାଡ଼ି ଥାନା ପୁଲିସ ଗିରଫ କରିଛି। ହରିଶଙ୍କ ପ୍ରଥମ ସ୍ତ୍ରୀ ଛାଡ଼ପତ୍ର ଓ ଭରଷ ପୋଷଣ ନେଇ ୮ ବର୍ଷ ତଳେ କୋର୍ଟରେ ମାମଲା ଦାୟର କରିଥିଲେ। କୋର୍ଟ ହରିଶଙ୍କ ବିରୋଧରେ ଏନବିଡବ୍ଲୁ ଜାରି କରିଥିଲେ। କୋର୍ଟଙ୍କ ଏନବିଡବ୍ଲୁ ଆଦେଶ ପାଇବା ପରେ ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହରିଶ କୋର୍ଟରେ ଭରଣ ପୋଷଣ ପାଇଁ ବାକି ଥିବା ୧୭ଲକ୍ଷ ଟଙ୍କା ଓ ପ୍ରତିମାସରେ ୩୧ହଜାର ଟଙ୍କା ଦେବା ପାଇଁ ଚୁକ୍ତି କରିବା ପରେ କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ହରିଶ ଟେଲି ଅଭିନେତ୍ରୀ ଜ୍ୟୋର୍ତିମୟୀଙ୍କୁ ବିବାହ କରି ୩ ବର୍ଷ ହେଲା ଏକାଠି ରହୁଥିଲା ବେଳେ ପ୍ରଥମ ପତ୍ନୀ ଶୁଭଶ୍ରୀ ଏହାକୁ କୋର୍ଟରେ ଅବଗତ କରିବା ପରେ ଏନବିଡବ୍ଲୁ ଜାରି କରିଥିଲେ।

ନିଜକୁ ଅନ୍ୱେଷଣ କରିବାର ଅର୍ଥ ଅନ୍ୟର ସେବାରେ ନିଜକୁ ହଜାଇ ଦିଅ।
- ଗାନ୍ଧୀ ବାଣୀ
ନିତିଦିନ NITIDIN

# ଦିନେ ଲିଭିଯିବ ଗାଆଁର ନାଆଁ



ଜଗଦୀଶ ସାହୁ

ଶୀତଳ ପବନ କୁଆଡ଼େ ଗଲା
କହ କିଏ ତାକୁ ଚୋରେଇ ନେଲା
ମନ ଦୁଃଖ କରି ରାମ କହିଲା
ଜଙ୍ଗଲ କାଟିବା ଫଳ ଫଳିଲା।
ନିରିମଳ ଜଳ ପେଟରେ ଧରି
ହସୁଥିଲା ଦିନେ ଗାଆଁ ପୋଖରୀ
ମନ ଦୁଃଖ କରି କହେ ବାଉରୀ
କାରଖାନା ଗୁଣ୍ଡ ସାଜେ ବଇରୀ।
ପୋଖରୀ ଜଳକୁ ବିଷାକ୍ତ କଲା
ବ୍ୟବହାର ଉପଯୋଗୀ ନୋହିଲା
ମନ ଦୁଃଖ କରି ରଘୁ କହିଲା
ଜଳଚର ଜୀବ ବଂଶ ନାଶିଲା।
ଟାଙ୍ଗରା ଦିଶିଲା ସବୁଜ କ୍ଷେତ
ନୂଆ ନୂଆ ରୋଗ ହୋଇଲେ ଜାତ
ମନ ଦୁଃଖ କରି କହେ ଶରତ
କଳ କାରଖାନା ଯମର ଦୂତ।
ସୁଖ ଶାନ୍ତି ପ୍ରୀତି ମମତାଡୋରି
ଗାଆଁ ଲାଗୁଥିଲା ସରଗ ପରି
ମନ ଦୁଃଖ କରି କହେ ଗଉରୀ
ଗାଆଁରେ ଅଶାନ୍ତି ଯାଇଛି ଭରି।
କାରଖାନା ବସି ଭାଙ୍ଗିଲା ଗାଆଁ
ଭାଗ ଭାଗ ହେଲା ଛାଆଁକୁ ଛାଆଁ
ମନ ଦୁଃଖ କରି କହିଲା ଟୁଆଁ
ଦିନେ ଲିଭିଯିବ ଗାଆଁର ନାଆଁ।

ସଂଜପଡ଼ା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬

# ଗଛ ମୂଳେ କିଏ ସାଲୁରୁ ସାଲୁ



ଡ. ବିଜୟା ପାତ୍ର

ଆଲୁରୁବାଲୁ
ଗଛ ମୂଳେ କିଏ ସାଲୁରୁ ସାଲୁ
ଦେହସାରା ତାର ବାଳ
ଆଉଟିକେ ପରେ ଘର ବନାଇବ
ପାଟିରୁ ଗଡ଼ାଇ ଲାଳ।
କହିଲ କ'ଣ ତା' ନାଁଆ
ଲାଗିଗଲେ ଦେହେ ଭୀଷଣ କୁଣ୍ଡାଏ
ନାଁଆ ତାର ସଂବାଳୁଆ।
ଘର ଯେ ଘର
ଦେହ ଚାରିପଟେ ବେଢ଼ି ଛି ତା'ର
ତା' ଭିତରେ ସିଏ ରହି
ସାଧୁଟିଏ ପରି ଧ୍ୟାନେରତ ଥାଏ
ପ୍ୟୁପା ବୋଲି ତାକୁ କହି।
ଇତିରି ମିତି
ନାଲି ନେଳି କେତେ ପରଜା ପତି
ପ୍ୟୁପାରୁ ବାହାରି ଉଡ଼େ
କି ସୁନ୍ଦର ତା'ର ସେ ଚେହେରା ଦେଖି
ଧରିବାକୁ ହାତ ବଢ଼େ।
ଧାନର କେଣ୍ଡା
ପରଜାପତିର ବହୁତ ଅଣ୍ଡା
ଅଣ୍ଡା ଦେଇସାରି ମଲା
ଅଣ୍ଡାରୁ ବାହାରି ଲାର୍ଭା ବଡ଼ ହୋଇ
ପୁଣି ସଂବାଳୁଆ ହେଲା।
ସଂବାଳୁଆରୁ ହେଲା ଯେ ପ୍ୟୁପା
ପ୍ୟୁପାରୁ ପରଜାପତି
ପରଜାପତିର ଜୀବନ ଚକ୍ର
ଜାଣିଥା ହୁଏ ଏମିତି।

କୋଟିତୀର୍ଥ ଲେନ୍, ଭୁବନେଶ୍ୱର-୨
ମୋ: ୯୪୩୭୦୧୪୩୨୨

# ଆମ ଗର୍ବ, ଆମ ଗୌରବ



## ଶୈଳବାଳା ମହାପାତ୍ର

**ଜନ୍ମ ତାରିଖ: ୦୪, ସେପ୍ଟେମ୍ବର ୧୯୬୦**
**ଜନ୍ମସ୍ଥାନ: ମାର୍କଣ୍ଡେଶ୍ୱର ସାହି, ପୁରୀ**
**ବର୍ତ୍ତମାନ ଠିକଣା: ଶୀଳାଚିହ୍ନୟ, ମଧୁବନ, ଟିକର ପଡ଼ା ରୋଡ, ପୁରୀ-୨**
**ମୋ : ୯୯୩୭୨୪୭୪୪୨**

ଓଡ଼ିଆ ଶିଶୁସାହିତ୍ୟର ଏକ ସୁପରିଚିତ ନାମ। ଆଧୁନିକ ସାହିତ୍ୟରେ ମଧ୍ୟ ବିଶେଷ କୃତିତ୍ୱର ଅଧିକାରୀ। ଶିଶୁ ଗଳ୍ପ ସଂକଳନ 'ରୁନ୍ ମୁନି ଜିଣିଲା', ହିନ୍ଦୀ ପୁସ୍ତକ 'ଭଗବାନ ଚଲେ ସାକ୍ଷୀ ବନ୍ନେ', ଇଂରାଜୀ ପୁସ୍ତକ 'ଦ ଷ୍ଟୋରୀ ଅଫ୍ ଏ ରିଭର' ଆଦି ରଚନା କରିବା ସହ ସ୍କଲାଷ୍ଟିକ ଇଣ୍ଡିଆ, ଓରିଏଣ୍ଟ ଲଙ୍ଗମାନ, ନ୍ୟାସନାଲ ବୁକ୍ ଟ୍ରଷ୍ଟ ଇଣ୍ଡିଆ, ପ୍ରବୀଣ୍ ପ୍ରକାଶନ (ଦିଲ୍ଲୀ) ଆଦି ସଂସ୍ଥା ଦ୍ୱାରା ପ୍ରକାଶିତ ୫୦ରୁ ଅଧିକ ପୁସ୍ତକର ଅନୁବାଦ କରିଛନ୍ତି। ଦେଶର ବିଭିନ୍ନ ସଂସ୍ଥା ଓ ବିଦ୍ୟାଳୟ ଲାଗି ଏଜୁକେଶନାଲ ଆକ୍ଟିଭିଷ୍ଟ ରୂପେ କାର୍ଯ୍ୟକରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଶ୍ରୀକ୍ଷେତ୍ର ଶ୍ରୀ, ରାଜ କିଶୋର ରାୟ ସ୍ମୃତି ପୁରସ୍କାର, ବ୍ରହ୍ମପୁର ସାହିତ୍ୟ ଉତ୍ସବ ପୁରସ୍କାର, ଉତ୍ତରପୂର୍ବାଞ୍ଚଳ ହିନ୍ଦୀ ଏକାଡ଼େମୀ ପୁରସ୍କାର ସମେତ ଅନେକ ପୁରସ୍କାର ଓ ସମ୍ମାନରେ ସମ୍ମାନିତ। ପ୍ରଧାନ ଶିକ୍ଷକ ପଦରୁ ଅବସର ଗ୍ରହଣ ପରେ ସାହିତ୍ୟ ସାଧନାରେ ଏବେ ବ୍ୟସ୍ତ।

**ଆମ ପ୍ରଶ୍ନ:** ଓଡ଼ିଆ ଶିଶୁସାହିତ୍ୟର ବିକାଶ ଦିଗରେ ଅଧିକ କ'ଣ କରାଯାଇପାରିବ ?

**ଆପଣଙ୍କ ଉତ୍ତର:** ମୋ ଜାଣିବାରେ ଓଡ଼ିଆ ଶିଶୁସାହିତ୍ୟର ବିକାଶ ଦିଗରେ ବିଶେଷ କିଛି କରାଯାଇନାହିଁ। ପ୍ରଥମ କଥା ହେଲା ଆମ ଓଡ଼ିଆ ଶିଶୁସାହିତ୍ୟରେ ଅନେକ ଭଲ ଲେଖକ ଥିଲେ ହେଁ ଶିଶୁ ଉପଯୋଗୀ ରୋଚକ ଲେଖାର ଅଭାବ ଏବେ ବି ଅନୁଭୂତ ହୁଏ। ତେଣୁ ସେ ଦିଗରେ ଆମେ ପ୍ରଥମେ ଯତ୍ନବାନ ହେବା। ସୁବିଧା ଓ ସୁଲଭ ଦରରେ ଶିଶୁ ପୁସ୍ତକମାନ ବଜାରକୁ ଆସିବା ଦରକାର। ପୁସ୍ତକଗୁଡ଼ିକ ମଧ୍ୟ ବେଶୀ ବଡ଼ ଅର୍ଥାତ୍ ଅଧିକ ପୃଷ୍ଠାର ହେବା ଉଚିତ୍ ନୁହେଁ। ପୁସ୍ତକ ଗୁଡ଼ିକରେ ଯଥାଯୋଗ୍ୟ ରଙ୍ଗିନ ଛବି ରହିବା ଆବଶ୍ୟକ। ସରକାରଙ୍କ ତରଫରୁ ଉଚ୍ଚମାନର ଶିଶୁସାହିତ୍ୟ ପତ୍ରିକା ନିୟମିତ ପ୍ରକାଶ କରାଯିବା ସହ ତାହାର ପ୍ରଚାର ପ୍ରସାର ଦିଗରେ ମଧ୍ୟ ଗୁରୁତ୍ୱ ଦିଆଯିବା ଜରୁରୀ। ବିଦ୍ୟାଳୟର ଲାଇବ୍ରେରୀମାନଙ୍କୁ ଉନ୍ନତ ମାନର ଶିଶୁ ପୁସ୍ତକ ଯୋଗାଇଦେଲେ ପିଲାମାନେ ସେଥିପ୍ରତି ଆଗ୍ରହୀ ହେବେ। ଛୋଟ ହେଉ ପଛେ ବିଭିନ୍ନ ଜିଲ୍ଲାରେ କେବଳ ଶିଶୁସାହିତ୍ୟ ସମ୍ବଳିତ ପୁସ୍ତକ ମେଳାର ଆୟୋଜନ କରାଗଲେ ଓଡ଼ିଆ ଶିଶୁସାହିତ୍ୟର ବିକାଶ ହୋଇପାରିବ ବୋଲି ମୋର ଆଶା।

## ବଇଶାଖ ସଞ୍ଜ

ବଇଶାଖ ତାତି
ମନେ ଆଣେ ଭୀତି
ଗୀତ ଗାଇବାକୁ ହୁଏନା ମନ,
ଗପର ଆସର
ସଞ୍ଜରେ ବସଇ
ତାରା ମେଳେ ଯେବେ ଖେଳଇ ଜହ୍ନ।
ଆଇମାଆ ମୋର
ଖୋଲିଦିଏ ତା'ର
ଗପର ପେଡ଼ିଟି ଥିଇରି କିନା,
ରାଜା ରାଣୀ ସାଙ୍ଗେ
ବୁଢ଼ୀ ଅସୁରୁଣୀ
ବାହାରି ଆସନ୍ତି ଛାଆଁକୁ ସିନା।
କଟୁଆଳ ପୁଅ
କହିଦିଏ ଯେବେ
କାଲି ଦେଖିଯିବା ଜହ୍ନର ଘର,
କୁନା କହେ, ଆଇ
ଜହ୍ନର ଘରକି
ଆମ ଘରଠାରୁ ବହୁତ ଦୂର !
ହସି କହେ କୁନି
ଜାଣିନୁ କି ତୁଇ
ବିଜ୍ଞାନ ଆଣିଛି ଜହ୍ନରୁ ମାଟି,
ଏତିକି ବେଳକୁ
ବୋଉ ଡାକଦେଲା
ଖାଇବ ଯଦିରେ ଆସ ଝଟପଟି।



# ଗପ

## ହେୟ ଜ୍ଞାନ କରିବା ଠିକ୍ ନୁହେଁ



କାଳିକିଙ୍କର

ସହର ଛକରେ ଅନେକ ଫାଷ୍ଟ ଫୁଡ୍ ଦୋକାନ। ଟିଲୁ ସବୁଦିନ ସେହି ବାଟ ଦେଇ ଆସେ ତା' ସ୍କୁଲରୁ। ସେ ଦେଖେ ଦୋକାନ ସବୁରେ ବହୁତ ଭିଡ଼। ସେ ବେଳେବେଳେ ଘରକୁ ଆସି ଜିଦ୍ କରେ ସେହି ଛକକୁ ଯାଇ ଫାଷ୍ଟ ଫୁଡ୍ ଖାଇବାକୁ।

ସେଦିନ ସେ ଯାଉଥିଲା ବେଳେ ଯେ ଗେଟ ପାଖରେ ମାଆ କୁକୁର ଶୋଇଥିଲା। ନାମ ତା'ର ଟୁକୁ। ସେ ଅସୁସ୍ଥ ଥିଲା। କୁକୁରଟି ଟିଲୁକୁ ବହୁତ ଭଲପାଏ। କାରଣ ଟିଲୁ ଯାହା ଘରେ ଖାଇ ନପାରେ ସେସବୁକୁ ତାକୁ ଦେଇ ଦିଏ।

ଟୁକୁ କହିଲା, ଟିଲୁ ଭାଇ କୁଆଡ଼େ ଯାଉଛ କି ?

ସହର ଛକକୁ ଯାଉଛି ଫାଷ୍ଟ ଫୁଡ୍ ଖାଇବାକୁ। କହିଲା ଟିଲୁ। ଯାଅ ନାହିଁ ଯାଅ ନାହିଁ, ସେ ସବୁ ବିଷ ଭଳି। ପାଟିକୁ ସୁଆଦିଆ ସିନା ଦେହ ପ୍ରତି ଆଦୌ ଭଲ ନୁହେଁ। ବେଶୀ ଆୟ କରିବା ପାଇଁ ସେ ଦୋକାନୀମାନେ ଯେଉଁ ମସଲା ସବୁ ବ୍ୟବହାର କରୁଛନ୍ତି ସେ ସବୁ ହାନିକାରକ। କହିଲ ଟୁକୁ।

କେଡ଼େ ବୋକାଟା କିରେ, ସହରଯାକ ବଡ଼ ବଡ଼ ଲୋକ ସେଠି ଭିଡ଼ ଲଗାଉଛନ୍ତି ଖାଇବା ପାଇଁ ଆଉ ତୁ କହୁଛୁ ଯେ ସେ ଗୁଡ଼ା ହାନିକାରକ, ବିଷ। ଯା, ଯା, ତୁ ବହୁତ ଖରାପ। ଟୁକୁ ଭୁ ଭୁ କରି ଯେତେ ବୁଝାଇବାକୁ ଚେଷ୍ଟାକଲା ଟିଲୁ ଆଦୌ ଶୁଣିଲା ନାହିଁ। ଅଧିକାଂଶ ଦିନ ଯାଇ ସେ ଫାଷ୍ଟ ଫୁଡ୍ ଖାଇଲା। ଟିଲୁ ଏବେ ଡାକ୍ତରଖାନାରେ।

ତାର ପେଟ କାଟିଲା, ଝାଡ଼ା ମଧ ବହୁତ ହେଲା, ପାଟି ଓ ତଣ୍ଟି ଶୁଖିଲା ଶୁଖିଲା ଲାଗିଲା- ତେଣୁ ତାକୁ ଏଠାରେ ଭର୍ତ୍ତି କରାଯାଇଛି। ଇଂଜେକସନ୍‌କୁ ତାର ବହୁତ ଭୟ କିନ୍ତୁ ସେ ଏବେ ଇଂଜେକସନ ଖାଉଛି। ଇଂଜେକସନ ସାହାଯ୍ୟରେ ତା ଦେହକୁ ପାଣି ଓ ଖାଦ୍ୟ ଦିଆଯାଉଛି।

ଡାକ୍ତର କହିଲେ, ଏସବୁ ସେହି ବିଷାକ୍ତ ଫାଷ୍ଟ ଫୁଡ୍‌ର କାମ। ଟିଲୁର ସେ ନିରୀହ ପଶୁ ଟୁକୁର କଥା ମନେ ପଡ଼ିଲା। ସେ ବାରଣ କରିଥିଲା କିନ୍ତୁ ସେ ତା କଥାକୁ ମାନିଲା ନାହିଁ। ହେୟ ଜ୍ଞାନ କଲା।

ଏବେ ଟିଲୁ ବୁଝିଲା ଯେ ଛୋଟ ହେଉ କି ବଡ଼ ହେଉ, ପଶୁ ହେଉ କି ପକ୍ଷୀ ହେଉ କାହାକୁ ହେୟ ଜ୍ଞାନ କରିବା ଉଚିତ୍ ନୁହେଁ।

ରଟିଲୋ, ରେଞ୍ଚ, ପୁରୀ
ମୋ: ୮୨୪୯୨୧୬୦୬୭



# ଦ୍ରୁତତମ ପକ୍ଷୀ

## ରେକର୍ଡ଼



ସବୁଠୁ ଜୋର୍‌ରେ ଉଡ଼ିପାରୁଥିବା ପକ୍ଷୀ ହେଉଛି ପେରେଗ୍ରାଇନ୍ ଫାଲ୍‌କନ୍। ସେ ଯେଭଳି ଦ୍ରୁତ ଗତିରେ ଉଡ଼ିପାରେ। ଅନ୍ୟ କୌଣସି ପକ୍ଷୀ ସେତିକି ଜୋର୍‌ରେ ଉଡ଼ିପାରନ୍ତି ନାହିଁ। ସେ ୩୦୦ କୋଣ ନେଇ ଆକାଶରୁ ତଳକୁ ଝାମ୍ପ ମାରିବା ବେଳେ ତାର ଘଣ୍ଟାପ୍ରତି ବେଗ ଥାଏ ୨୭୦ କିଲୋମିଟର ବା ୧୬୮ ମାଇଲ। ଯଦି ସେ ୪୫୦ କୋଣ ନେଇ ଝାମ୍ପ ମାରେ ତେବେ ତାହାର ଘଣ୍ଟାପ୍ରତି ବେଗ ୩୫୦ କିଲୋମିଟର ବା ୨୧୭ ମାଇଲକୁ ବଢ଼ିଯାଇଥାଏ।

# WORD POWER

## SPELLING DIFFERENCES

| BRITISH ENGLISH | AMERICAN ENGLISH |
|---|---|
| aeroplane | airplane |
| ageing | aging |
| aluminium | aluminum |
| bogeyman | boogeyman |
| catalogue | catalog |
| draught | draft |
| dreamt | dreamed |
| favourite | favorite |
| grey | gray |
| jewellery | jewelry |
| learnt | learned |
| metre | meter |
| moustache | mustache |
| programme | program |
| tyre | tire |



## ତୁମ ପାଇଁ ବହି



### ଗଛରୁ ମିଳିବ ସୁନା

**ଲେଖକ: ଡକ୍ଟର ଅରୁଣ କୁମାର ପଣ୍ଡା**
**ପ୍ରକାଶକ: ଜୀବନଜ୍ୟୋତ୍ସ୍ନା ସାମନ୍ତରାୟ**
**ଠିକଣା: ଆହାନା, ରାଜାବଗିଚା, କଟକ-୯**
**ମୂଲ୍ୟ: ୮୦**

ଏହା ଏକ ଶିଶୁ-କିଶୋର ବିଜ୍ଞାନ ପୁସ୍ତକ। ଏଥିରେ ୧୨ଟି ବିଜ୍ଞାନଭିତ୍ତିକ ଗଳ୍ପ ରହିଛି। 'ମକାରୁ ପ୍ଲାଷ୍ଟିକ', 'ପରିବେଶ ସୁରକ୍ଷାରେ କଦଳୀ ଗଛ', 'ବିପଦମୁକ୍ତ ମଶା', 'ବେଲୁନ ଘର', 'ଗଛର ହୃତପିଣ୍ଡ', 'ଗୋବରର ମହତ୍ତ୍ୱ' ଆଦି ନୂଆ ନୂଆ କଥା ବସ୍ତୁକୁ ନେଇ ଗପଗୁଡ଼ିକ ରଚିତ ହୋଇଛି। ଏହାକୁ ପଢ଼ି ପିଲାମାନେ ଆନନ୍ଦ ପାଇବା ସହିତ ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ପାଇ ପାରିବେ। ରଙ୍ଗିନ ଚିତ୍ର ବହିଟିକୁ ଅଧିକ ଆକର୍ଷଣୀୟ କରିଛି।

## କୁନାକୁନିଙ୍କ ଚିତ୍ର





ସାଦ୍ୱୀ ନାୟକ
କ୍ଲାସ୍-୮, ସେଣ୍ଟ ଜାଭୀୟର ହାଇସ୍କୁଲ, କେଦାର ଗୌରୀ, ଭୁବନେଶ୍ୱର



ଏ.ସୌମ୍ୟାଶ୍ରୀ ପାତ୍ର
କ୍ଲାସ୍- ଦ୍ୱାଦଶ, ପ୍ରଭୁଜୀ ଇଂଲିଶ୍ ମିଡ଼ିଅମ୍ ସ୍କୁଲ, ବମିଖାଲ, ଭୁବନେଶ୍ୱର



'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

## ପବିତ୍ର ପ୍ରଧାନଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

# ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସରୋଜ ସାହୁଙ୍କୁ ଜେରା

**କେନ୍ଦ୍ରାପଡ଼ା,୯।୫/ଏନ୍ଏନ୍ଏସ୍:** ଗୁଲନଗର ପଞ୍ଚାୟତ ଅନ୍ତର୍ଗତ ଦଣ୍ଡାମୁଣ୍ଡ ଛକରେ ଥିବା ଘର ମାଲିକ ପବିତ୍ର ପ୍ରଧାନଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ କ୍ରାଇମବ୍ରାଞ୍ଚର ଏକ ଟିମ୍ ଡେରାବିଶ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସରୋଜ ସାହୁଙ୍କୁ ଜେରା କରିଛି। କ୍ରାଇମବ୍ରାଞ୍ଚର ଅଧିକାରୀମାନେ ଶ୍ରୀ ସାହୁ, ତାଙ୍କ ଡ୍ରାଇଭର, ଜଣେ ସରପଞ୍ଚଙ୍କ ସ୍ୱାମୀ, ଶବ ବ୍ୟବଚ୍ଛେଦ କରିଥିବା ଡାକ୍ତର ଏବଂ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଡକାଇ ପଚରାଉଚରା କରିଛନ୍ତି। ପୂର୍ବରୁ କ୍ରାଇମବ୍ରାଞ୍ଚ ୪ ଥର କେନ୍ଦ୍ରାପଡ଼ାକୁ ଆସି ତଦନ୍ତ କରିଥିଲେ ମଧ୍ୟ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଶ୍ରୀ ସାହୁ ଫେରାର ହୋଇ ଯାଉଥିଲେ। କିନ୍ତୁ ଶୁକ୍ରବାର ଶ୍ରୀ ସାହୁଙ୍କୁ କ୍ରାଇମବ୍ରାଞ୍ଚ ଜେରା କରିଥିବା ଜଣାପଡିଛି। ପ୍ରକାଶ, ୨୫ ମାର୍ଚ୍ଚ ୨୦୨୨ ମସିହା ରାତିରେ ସ୍ୱର୍ଗତ ପ୍ରଧାନଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ସ୍ୱର୍ଗତ ପ୍ରଧାନଙ୍କ ଏହି କୋଠାର ତଳ ମହଲାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜ ସାହୁ ଭଡ଼ାରେ ରହୁଥିଲେ। କିନ୍ତୁ ଦୀର୍ଘଦିନ ଧରି ସେ ଘରଭଡ଼ା ଦେଇ ନ ଥିଲେ। ଏପରିକି ତାଙ୍କ ଉପରେ ଏକ ଲକ୍ଷ ଟଙ୍କା ଘରଭଡ଼ା ବାକି ଥିଲା। କିନ୍ତୁ ସେ ଏହାକୁ ଦେଉ ନଥିଲେ। ଏ ନେଇ ଅଦାଲତରେ ଏକ ମାମଲା ରୁଜୁ ହୋଇଛି ବୋଲି ସ୍ୱର୍ଗତ ପ୍ରଧାନଙ୍କ ପୁଅ ଉତ୍କଳ କହିଛନ୍ତି। ସେ କହିଛନ୍ତି ଘରଭଡ଼ା ବାବଦ ବାକି ଟଙ୍କା ନ ଦେବା ପାଇଁ ଓ ଏହି ଘରକୁ କବଜା କରିନେବା ଉଦ୍ଦେଶ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶ୍ରୀ ସାହୁ ତାଙ୍କ ବାପାଙ୍କୁ ହତ୍ୟା କରିଥିଲେ। ଏପରିକି ଦଣ୍ଡାମୁଣ୍ଡ ଜମି ପଟ୍ଟାରେ ତାଙ୍କ ବାପାଙ୍କ ନାମକୁ କାଟି ଦେବା ପାଇଁ ମଧ୍ୟ ସେ କାରାସାଦି କରିଥିଲେ। ତହସିଲଦାରଙ୍କୁ ବହୁ ଗୁହାରି ପରେ ତାଙ୍କ ବାପାଙ୍କ ନାମ ଏବେ ରେକର୍ଡଭୁକ୍ତ ହୋଇଛି ବୋଲି ପୁଅ ଉତ୍କଳ କହିଛନ୍ତି।

# ଜଗତସିଂହପୁର ଗସ୍ତରେ ଏଆଇସିସି ସମ୍ପାଦିକା




**ଜଗତସିଂହପୁର,୯।୫/ଏନ୍ଏନ୍ଏସ୍:** ଶୁକ୍ରବାର ଅଖିଳ ଭାରତ କଂଗ୍ରେସ କମିଟିର ସମ୍ପାଦିକା ରୋସଲିନା ତିର୍କୀ ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲା କଂଗ୍ରେସ ସଂଗଠନକୁ ମଜଭୁତ କରିବା ପାଇଁ ଜିଲ୍ଲାର ନେତୃମଣ୍ଡଳିଙ୍କ ସହିତ ଆଲୋଚନା କରିଛନ୍ତି। ଏହି ଅବସରରେ ସ୍ଥାନୀୟ ଯୋଗଧାରୀ ସ୍ଥିତ ସର୍କିଟ ହାଉସ ପରିସରରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ନଟବର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ସମ୍ପାଦୀକା ଯୋଗ ଦେଇ ଜିଲ୍ଲା କଂଗ୍ରେସ ସଂଗଠନକୁ ସଜଭୁତ କରିବା ସମ୍ପର୍କରେ ଗୁରୁମନ୍ତ୍ର ଉପସ୍ଥିତ ନେତୃମଣ୍ଡଳିଙ୍କୁ ପ୍ରଦାନ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ପିସିସି ପର୍ଯ୍ୟବେକ୍ଷକ ସିଦ୍ଧାର୍ଥ ଦାସ, ବାଲିକୁଦା ଏରସମା ବରିଷ୍ଠ ନେତା ଲଲାଟେନ୍ଦୁ ମହାପାତ୍ର, ଇ. ନଳିନୀ କୁମାର ସ୍ୱାଇଁ, ଜିଲ୍ଲା ସାଂସଦ ପ୍ରାର୍ଥୀନୀ ପ୍ରତିମା ମଲ୍ଲିକ, ପାରାଦୀପ କଂଗ୍ରେସ ନେତା ନିରଞ୍ଜନ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଚିତ୍ରାନନ୍ଦ ଲେଙ୍କା, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଜିଲ୍ଲାପରିଷଦ ସଦସ୍ୟ ପିନାକୀ ନାରାୟଣ ଦାସ, ଅଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘର ସଭାପତି ଇ. ଦେବଦ୍ୟୁତି ପୃଷ୍ଟି, ନେତ୍ରୀ ସସ୍ମିତା ପଣ୍ଡା, ନେତା ବିକ୍ରମ ପରିଡା, ମହନି ଚରଣ ରାଉତ, ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ନାଥ କାଣ୍ଡି, କୃଷ୍ଣ ଚନ୍ଦ୍ର ପ୍ରଧାନ, ଅବନିକାନ୍ତ ମହାରଣ ପ୍ରମୁଖ ଜିଲ୍ଲାର ସମସ୍ତ ବ୍ଲକ ଓ ପୌରପରିଷଦର ନେତୃମଣ୍ଡଳି ଉପସ୍ଥିତ ଥିଲେ।

# ଠିକାଦାରଙ୍କ ମର୍ଜିରେ ଚାଲିଛି ରାସ୍ତା କାମ

**ରାଜନଗର,୯।୫/ଏନ୍ଏନ୍ଏସ୍:** ରାଜନଗର ବ୍ଲକର ଅନ୍ୟତମ ଜୀବନରେଖା ଭାବେ ପରିଚିତ ରାଜନଗର- କୃଷ୍ଣପ୍ରିୟାପୁର ଗୁପ୍ତି ରାସ୍ତା କାମ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଆରମ୍ଭ ହୋଇଥିଲା । ମାତ୍ର ଏହି ରାସ୍ତାର ହଂସୁଆ ସେତୁ ନିକଟରୁ ବାଇପାସ (ଜୟଗୁରୁ ଆଶ୍ରମ) ପର୍ଯ୍ୟନ୍ତ କାମ ଅଧାପନ୍ତରିଆ ଅବସ୍ଥାରେ ପଡି ରହିଛି । ୪୦କୋଟି ୩୬ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ନିର୍ମାଣ ଚାଲିଛି । ରାଜନଗର ବାଇପାସ ରାସ୍ତାଟି ଜନଗହଳିପୂର୍ଣ୍ଣ ରାସ୍ତା ହୋଇଥିବାରୁ ଧୂଳି ଉଡି ଲୋକଙ୍କୁ ବ୍ୟତିବ୍ୟସ୍ତ କରି ପକାଉଛି । ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ଧୂଳି ଉଡିବା ଦ୍ୱାରା ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଠିକାସଂସ୍ଥା ନିଜ ମର୍ଜିରେ ନିମ୍ନମାନର କାମ କରୁଥିବା ଅଭିଯୋଗ ହେଉଛି । ସହକାରୀ ଯନ୍ତ୍ରୀ ଛୁଟିରେ ରହିଥିବା ବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ କାଁ ଭାଁ ଆସି ନିଜ କ୍ୱାର୍ଟରରେ ରହି ଚାଲିଯାଉଥିବା ଅଭିଯୋଗ ହୋଇଛି । କୋଟି କୋଟି ଟଙ୍କାରେ ରାସ୍ତାକାମ ଚାଲିଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଅନୁପସ୍ଥିତ ରହିବା ଘଟଣା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ପ୍ରାୟ ୨୩ କିଲୋମିଟର ଏହି ରାସ୍ତା ଉପରେ ରାଜନଗର,କୁରୁଂଟି, ହାତିନା, ଡେରା, ବ୍ରାହ୍ମଣସାହି, ଗୁପ୍ତି ଓ ସାତଭାୟା ପଚାଂୟତର ହଜାର ହଜାର ଲୋକ ଯିବା ଆସିବା କରିଥାନ୍ତି। ପ୍ରତିଦିନ ଶହଶହ ସଂଖ୍ୟାରେ ଗାଡିମଟର ଯିବା ଆସିବା କରିଥାଏ । ପେଣ୍ଠୁ ଓ ଭିତରକନିକା ଜାତୀୟ ଉଦ୍ୟାନକୁ ଦେଶ ବିଦେଶର ପର୍ଯ୍ୟଟକମାନେ ଯାତାୟତ କରିଥାନ୍ତି । ଏଭଳି ଏକ ପ୍ରମୁଖ ରାସ୍ତା ଉନ୍ନତିକରଣ ପାଇଁ କାର୍ଯ୍ୟ ଚାଲିଥିବା ବେଳେ ବିଭାଗୀୟ ଯନ୍ତ୍ରୀ କିମ୍ବା ସହକାରୀ ନିର୍ବାହୀ ଯନ୍ତ୍ରୀ ଅନୁପସ୍ଥିତ ରହି ଠିକାଦାର ମର୍ଜିରେ କାମ ଛାଡିଦେବା ଘଟଣା ବିଭାଗର ଖମଖିଆଲ ଓ ବେପରୁଆ ଢଙ୍ଗକୁ ପଦାରେ ପକାଇଛି । ଏସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇ. କୃପାସିନ୍ଧୁ ଧଳଙ୍କୁ କାମ ଚାଲିଥିବା ବେଳେ ଯନ୍ତ୍ରୀ କିମ୍ବା ସହକାରୀ ଯନ୍ତ୍ରୀ କାହିଁକି ଅନୁପସ୍ଥିତ ରହୁଛନ୍ତି ବୋଲି ପଚାରିବାରୁ ସରକାରଙ୍କୁ ପଚାରନ୍ତୁ ବୋଲି କହିଥିଲେ । ଏଠାରେ ପ୍ରଶ୍ନ ଉଠୁଛି ଯେ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇ. ଧଳ ନିଜର ଦୋଷ ଲୁଚାଇବା ଯାଇ ପରୋକ୍ଷରେ ରାଜ୍ୟ ସରକାରଙ୍କ ବିଫଳତାକୁ ପଦାରେ ପକାଉ ନାହାନ୍ତି ତ? ସହକାରୀ ନିର୍ବାହୀ ଯନ୍ତ୍ରୀ ଦାୟିତ୍ୱରେ ଥାଇ ରାସ୍ତା ନିର୍ମାଣ ସମୟରେ ତତ୍ତ୍ୱାବଧାନ ନକରି ରାଜ୍ୟ ସରକାର ଉପରେ ଦାୟିତ୍ୱ ଛାଡିବା କେତେଦୂର ଯଥାର୍ଥ ? ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଭାଗୀୟ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କୁ ହରଡ ଘଣାରେ ପକାଇବା ପାଇଁ ଏଭଳି ବିଭ୍ରାନ୍ତୀକର ମନ୍ତବ୍ୟ ଦେବାକୁ କିପରି ସାହସ କଲେ ? ତାହା ହିଁ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ପ୍ରବଚନ ପାରାୟଣ



**ଢେଙ୍କାନାଳ,୯।୫/ଏନ୍ଏନ୍ଏସ୍:** ସଦର ବ୍ଲକ୍ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମ ମଜୁରୀ ଛକ ଠାରେ ୧୯ତମ ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ପ୍ରବଚନ ପାରାଣ ଓ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଯାଇଅଛି। ଗତ ୮ ତାରିଖରେ କଳସଯାତ୍ରା ଆରମ୍ଭ ହୋଇ ଏହା ୫ଦିନ ବ୍ୟାପୀ ଆସନ୍ତା ୧୨ ତାରିଖରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ଏହି ପାରାୟଣ ପ୍ରବଚନରେ ପ୍ରତ୍ୟେକ ଦିନ ସନ୍ଥ ଶିରୋମଣୀ ବାବାଜୀ ଦଧିବାମନ ଦାସ ମହାରାଜଜୀ ପ୍ରବଚନ କାର୍ଯ୍ୟକ୍ରମରେ ପ୍ରବକ୍ତା ଭାବେ ଉପସ୍ଥିତ ରହିବେ। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଆଚାର୍ଯ୍ୟ ପ୍ରସନ୍ନ କୁମାର ଦାଶଜୀ ପୁରୋହିତ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ପାଞ୍ଚ ଦିନ ଧରି ପ୍ରଶାନ୍ତ କୁମାର ସ୍ୱାଇଁ, କୀର୍ତ୍ତୀଚନ୍ଦ୍ର ଦାସ, ବଲ୍ଲଭ ଚନ୍ଦ୍ର ଦାସ, ନିମାଇଁ ନାୟକ, ମାନସ ପ୍ରଧାନ, ଜଳନ୍ଧର ସାହୁ, ପ୍ରମୋଦ ଦାସ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଭାସ୍କର ଚନ୍ଦ୍ର ସ୍ୱାଇଁ, ଜିତେନ୍ଦ୍ର ସେନାପତି ଏବଂ ପାଣ୍ଡବ ଚନ୍ଦ୍ର ଦାସ ପ୍ରମୁଖ ସହଯୋଗ କରୁଛନ୍ତି।

# ସରପଞ୍ଚଙ୍କୁ ଦୋଷ ଦେଇ ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଚାଷୀ



## ଅଭିଯୋଗକୁ ଖଣ୍ଡନ କଲେ ସରପଞ୍ଚ

**ଜଗତସିଂହପୁର,୯।୫/ଏନ୍ଏନ୍ଏସ୍:** ଗତ ମଙ୍ଗଳବାର ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ତରାସାହି ପଞ୍ଚାୟତର ତରାସାହି ଗ୍ରାମ ସ୍ଥିତ ଉଲ୍ଲାସ ଦାସଙ୍କ ମା ଛତରାଇ ଦୁଗ୍ଧ ସମବାୟ ସମିତି ଲିଃରେ ଦୁଗ୍ଧ ଅପମିଶ୍ରଣ ଅଭିଯୋଗରେ ଜଗତସିଂହପୁର ଉପଜିଲ୍ଲାପାଳ, ବାଲିକୁଦା ତହସିଲଦାର, ବାଲିକୁଦା ଆଇଆଇସିଙ୍କ ସମେତ ଜଗତସିଂହପୁର ଫୁଡ୍ ସେଫ୍ଟି ଅଫିସର ଅଚାନକ ଚଢାଉ କରି ବହୁ ଅପମିଶ୍ରଣ ସାମଗ୍ରୀ ଜବତ କରିବା ସହିତ ସାମ୍ପୁଲ କଲେକସନ କରି ପରୀକ୍ଷା ନିମନ୍ତେ ପଠାଇ ଥିଲେ। ସେହି ଦିନ ଠାରୁ ଚାଷୀଙ୍କ ଠାରୁ ଦୁଗ୍ଧ କଲେକସନ ବନ୍ଦ ହେବା ନେଇ, ସେଠାର ଦୁଗ୍ଧ ଚାଷୀମାନେ ହତାସ ହୋଇ ପଡିଥିବା ଅଭିଯୋଗ କରିଛନ୍ତି। ଏଥି ସହିତ ପଞ୍ଚାୟତର ସରପଞ୍ଚ ରାଜ କିଶୋର ବେହେରା, ଜିଲ୍ଲା ପ୍ରଶାସନ ନିକଟରେ ମିଥ୍ୟା ଅଭିଯୋଗ କରିଥିବା ନେଇ ୩ଦିନ ହେଲା ସେମାନେ ଓମଫେଡ୍‌କୁ କ୍ଷୀର ବିକ୍ରି କରି ନପାରି ବହୁ କ୍ଷତି ସହୁଥିବା ପଞ୍ଚାୟତର ୨୫ ରୁ ୩୦ଜଣ ମହିଳା ଓ ପୁରୁଷ ମାନେ ଶୁକ୍ରବାର ଜିଲ୍ଲାପାଳ ଜେ ସୋନାଲଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଶ୍ରୀ ସୋନାଲ ପଞ୍ଚାୟତବାସୀଙ୍କ ଅଭିଯୋଗକୁ ଗୁରୁତର ସହିତ ବିଚାର କରି, ପରୀକ୍ଷା ପାଇଁ ଯାଇଥିବା ସାମ୍ପୁଲର ରିପୋର୍ଟ ଆସିବା ପର୍ଯ୍ୟନ୍ତ କ୍ଷୀର କଲେକସନ ସେଣ୍ଟର ଖୋଲିବା ପାଇଁ ଅଭିଯୋଗ କାରୀଙ୍କୁ ଅନୁମତି ପ୍ରଦାନ କରିଛନ୍ତି। ଏଥି ସହିତ ଯଦି କ୍ଷୀରରେ ଅପ ମିଶ୍ରଣ ହୋଇଥିବା ରିପୋର୍ଟ ଆସିଲେ, ଉକ୍ତ ସୋସାଇଟିକୁ ବନ୍ଦ କରି ଦିଆଯିବା ସହିତ ପ୍ରୋପାଇଡର ଉଲ୍ଲାସ ଦାସଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସୁଚନା ଦେଇଥିଲେ।

ପ୍ରକାଶ, ଆଜି ପୂର୍ବାହ୍ନରେ ତରାସାହି ଗ୍ରାମରରେ ଥିବା ମା ଛତରାଇ ଦୁଗ୍ଧ ସମବାୟ ସମିତି ଲିଃର ସମ୍ପାଦକ ଉଲ୍ଲାସ କୁମାର ଦାସଙ୍କ ନେତୃତ୍ୱରେ ଗ୍ରାମର ଦୁଗ୍ଧ ଚାଷ ରାନୁ ବେହେରା, ପୁଷ୍ପ ବେହେରା, ସୁଭଦ୍ରା ଦାସ, ପ୍ରିୟଙ୍କା ଦାସ, ମାମିନା ଦାସ, ଶତ୍ରୁଘନ ଦାସ, ଖୁଲଣା ଦାସ, ଜ୍ୟୋସ୍ନା ରାଣୀ ମାଣିଆଁ, ସଞ୍ଜୁଲତା ମାଣିଆ, କାବିତା ଭୋଇ, ସୁକାନ୍ତି ବେହେରା, କଣ୍ଢେଇ ବେହେରା, କୈଳାସ ଚନ୍ଦ୍ର ଦାସଙ୍କ ସହିତ ଅନେକ ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହୋଇ ସରପଞ୍ଚ ଶ୍ରୀ ବେହେରାଙ୍କ ଯୋଗୁ ୩ଦିନ ହେଲା ବହୁ କ୍ଷତି ସହିଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସରପଞ୍ଚ ଗ୍ରାମରେ ବେନାମୀ କ୍ଷୀର କଲେକସନ୍ କରି ବ୍ୟବସାୟ କରୁଛନ୍ତି। ଉକ୍ତ କ୍ଷୀରକୁ ଭେଜାଲ କରି ବାହାରେ ବିକ୍ରି କରୁଛନ୍ତି। କ୍ଷୀର କମ କଲେକସନ ହେଲେ, ସେ ମା ଛତରାଇ ଦୁଗ୍ଧ ସମବାୟରୁ କ୍ଷୀର ନେଇ ବିକ୍ରି କରୁଛନ୍ତି। ଆଜିବି ଏହି ସୋସାଇଟରର ବହୁ ଅର୍ଥ ବାକି ରଖିଛନ୍ତି। ବାକି ଟଙ୍କା ନଦେବାରୁ ତାଙ୍କ ନାମରେ ବାଲିକୁଦା ଥାନାରେ ଅଭିଯୋଗ କରାଯାଇଥିବା ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ କହିଛନ୍ତି। ଯାହାଫଳରେ ସରପଞ୍ଚଙ୍କ ଅଭିଯୋଗ କ୍ରମେ ସୋସାଇଟ ଉପରେ ପ୍ରଶାସନ ଚଢାଉ କରିବା ସହିତ ଚାଷୀଙ୍କ ଠାରୁ କ୍ଷୀର କଲେକସନ ବନ୍ଦ ହୋଇ ଯାଇଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅପର ପକ୍ଷରେ ସରପଞ୍ଚ ସଙ୍ଗୀନ ଅଭିଯୋଗ କରିଛନ୍ତି ସମବାୟ ସମ୍ପାଦକ ଉଲ୍ଲାସ ଦାସଙ୍କ ବିରୋଧରେ। ସମ୍ପାଦକ ଚକ୍ରାନ୍ତ କରି ଆଜି ଗ୍ରାମର ବହୁ ଦୁଗ୍ଧଚାଷୀଙ୍କୁ ଖର୍ଚ୍ଚପାଣି ଦେଇ ନିଜ ଖର୍ଚ୍ଚରେ ଜିଲ୍ଲାପାଳଙ୍କ ନିକଟକୁ ନେଇ, ନିଜ ସପକ୍ଷରେ ସଫେଇ ଦେଇଛନ୍ତି। ସମ୍ପାଦକ ଚାଷୀଙ୍କୁ ଅଭିଯୋଗ ସମ୍ପର୍କରେ କିଛି ନକହି ଅଭିଯୋଗ ପତ୍ରରେ ଦସ୍ତଖତ ନେଇ ନିଜ ସପକ୍ଷରେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା ନେଇ ସନ୍ଧ୍ୟାରେ ଗ୍ରାମରେ ଦୁଗ୍ଧ ଚାଷୀଙ୍କ ମଧ୍ୟରେ ତୁମୁଳ କାଣ୍ଡ ଚାଲିଥିବା ସରପୟଚ ସୁଚନା ଦେଇଛନ୍ତି। ଏଥି ସହିତ ସମ୍ପାଦକ ଅପମିଶ୍ରଣ ସମୟ ପୂର୍ବରୁ ସାମ୍ପୁଲ କଲେକସନ ହୋଇ ପରୀକ୍ଷାକୁ ଯାଇଥିବା ସଂଦେହ କରିଛନ୍ତି। ଅନ୍ୟପକ୍ଷରେ ସମ୍ପାଦକ ବସ୍ତା ବସ୍ତା ଦୁଗ୍ଧ ପାଉଡର ଯାହାର ଓଜନ ପାଖାପାଖି ୧.୨ କ୍ୱିଣ୍ଟାଲ ହେବ ଘରେ ରଖି କ'ଣ କରୁଥିଲା ବୋଲି ଗଣମାଧମରେ ସୁଚନା ଦେଇଛନ୍ତି।

# ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ରକ୍ତଦାନ ଶିବିର



**ଯାଜପୁର,୯।୫/ଏନ୍ଏନ୍ଏସ୍:** ଉପନିବନ୍ଧକ ସମବାୟ ସମିତି ସମୂହ ଯାଜପୁର ଉପଖଣ୍ଡ ଓ ଯାଜପୁର ଜିଲ୍ଲା ରେଡକ୍ରସ ସୋସାଇଟି ମିଳିତ ଆନୁକୁଲ୍ୟରେ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ଏକ ବିଶାଳ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ରକ୍ତ ଦାନ ଶିବିରକୁ ଯାଜପୁରର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉକ୍ତ ଶିବିରରେ ଯାଜପୁର ଉପଖଣ୍ଡର ଉପନିବନ୍ଧକ ସମବାୟ ସମିତି ସମୂହ ଶ୍ରୀ ଅମୂଲ୍ୟ କୁମାର ସେଠୀ, ଜିଲ୍ଲା ଜରୁରକାଳୀନ ଅଧିକାରୀ ଶ୍ରୀ ଅଶୋକ କୁମାର ବେହେରା, ସମବାୟ ସମିତି ସମୂହର ଉପ ସହକାରୀ ନିବନ୍ଧକ ଦେବେନ୍ଦ୍ର ନାୟକ, ମନମୋହନ ରାଉତ, ଶ୍ରୀ ରଜତ କୁମାର ପାଣି, ନିହାର ରଞ୍ଜନ ମିଶ୍ର, ନିବେଦିତା ସାମଲ, ସମବାୟ ନିରୀକ୍ଷକ ଅଲେଖ ପ୍ରସାଦ ସାହୁ, ରାଜୀବ ଲୋଚନ ପଣ୍ଡା, ସୁବନିତା ରାୟ, ପ୍ରଭାତ କୁସୁମ ବାରିକ, ବସନ୍ତ କର ପ୍ରମୁଖ ଯୋଗ ଦେଇଥିଲେ। ଏଆରସିଏସ କାର୍ଯ୍ୟାଳୟର କର୍ମଚାରୀ ଦିଲୀପ ଶତପଥୀ (ଏସ୍‌ଓ), ନାରାୟଣ ଚନ୍ଦ୍ର ସାହୁ, ଅଭୟ ମଲ୍ଲିକ, ପ୍ରଦ୍ୟୁମ୍ନ ବାରିକ, ବିଶ୍ୱନାଥ ପଣ୍ଡା, ନିମାଇଁ ଚରଣ ନାୟକ, ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ରକ୍ତଦାନ ପରିଚାଳନାରେ ସହଯୋଗ କରିଥିଲେ। ସମିତିର ସମ୍ପାଦକ ଅଶ୍ୱିନୀ କୁମାର ସାମଲ, ଗୋଲକ ଚନ୍ଦ୍ର ବାରିକ ତଥା ଅନ୍ୟ କର୍ମଚାରୀ ମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥଲେ। ସମୁଦାୟ ୨୯ ଜଣ ରକ୍ତ ଦାତା ଆଜିର ରକ୍ତଦାନ ଶିବିରରେ ରକ୍ତଦାନ କରିଥିଲେ। ଯାଜପୁର ଜିଲ୍ଲା ଚିକିତ୍ସାଳୟର ବିସିଏମ୍ ଓ ଡାକ୍ତର ପ୍ରଶାନ୍ତ କୁମାର ବିଶ୍ୱାଳ, ପାର୍ଥସାରଥୀ ପୁହାଣ, ବିଶ୍ୱରଞ୍ଜନ ଓଝା, ଅଜୟ କୁମାର ଜେନା, ତରୁଣ କୁମାର ନାୟକ, ପ୍ରମୁଖ ରକ୍ତ ସଂଗ୍ରହଣ କରିବାରେ ସହାୟତା କରିଥିଲେ। ବାସ୍ତବରେ ଆଜି ସାରା ଭାରତ ବର୍ଷରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ସମବାୟ ବିଭାଗ ତରଫରୁ ଆୟୋଜିତ ରକ୍ତଦାନ ଶିବିର ନିଶ୍ଚିତ ଭାବେ ଏକ ପ୍ରଶଂସନୀୟ ଓ ଯୁଗାନ୍ତକାରୀ ପଦକ୍ଷେପ ବୋଲି ମତପ୍ରକାଶ ପାଇବା ସଙ୍ଗେ ସଙ୍ଗେ ରକ୍ତଦାତା ମାନଙ୍କୁ ବିଭିନ୍ନ ସଙ୍ଗଠନ ତଥା ଜନ ସାଧାରଣଙ୍କ ତରଫରୁ ଭୂୟସୀ ପ୍ରଶଂସା କରାଯାଇଥିଲା। ଉକ୍ତ ରକ୍ତଦାନ ଶିବିର ଆୟୋଜନ ନିମନ୍ତେ ଯାଜପୁର ଜିଲ୍ଲା ରେଡକ୍ରସ ସୋସାଇଟିର ସମ୍ପାଦକ କୁଳମଣି ନାୟକଙ୍କର ଅବଦାନ ଖୁବ୍ ପ୍ରଶଂସନୀୟ।

# ଗାଧୋଇବାକୁ ନେଇ ଗଣ୍ଡଗୋଳ, ଜଣେ ଗୁରୁତର

**ରାଜନଗର,୯।୫/ଏନ୍ଏନ୍ଏସ୍:** ରାଜନଗର ବ୍ଲକ ମହିଁଷାସୁର ପଚାଂୟତ ତରପଦା ଗ୍ରାମରେ ନଳକୂପରେ ଗାଧୋଇବାକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ଜଣେ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ରାଜନଗର ଥାନାରେ ତରପଦା ଗ୍ରାମର ଦାମୋଦର ରାଉତ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅ ଅଲେଖ ରାଉତ ଗାଁର ଶେଷମୁଣ୍ଡରେ ଥିବା ନଳକୂପରେ ଶୁକ୍ରବାର ଦିନ ୧ଟା ପରେ ଗାଧୋଉଥିଲେ। ସେହି ଗ୍ରାମର କାମଦେବ ରାଉତଙ୍କ ଝିଅ ସେହି ନଳକୂପରେ ଗାଧୋଉଥିବା ବେଳେ ତାଙ୍କ ଗାଧୁଆ ପାଣି ଅଲେଖ ଉପରେ ପଡିବାରୁ ଦୂରେଇ ଗାଧୋଇବାକୁ କହିଥିଲେ। ଏହି ଘଟଣାରେ କାମଦେବ ଓ ତାଙ୍କ ପୁଅ ଜଗବନ୍ଧୁ ରାଉତ ପହଂଚି ଅଲେଖଙ୍କୁ ମାଡ ମାରି ଅଚେତ କରି ପଳାଇ ଯାଇଥିଲେ। ଖବରପାଇ ପରିବାର ଲୋକେ ରାଜନଗର ଲୋକେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି । ସେଠାରେ ସେ ଚିକିତ୍ସିତ ହେଉଥିବା ଜଣାପଡିଛି। ଅପରପକ୍ଷରେ ଦାମୋଦରଙ୍କ ଅଭିଯୋଗ ପାଇବା ପରେ ପୁଲିସ ଜଗବନ୍ଧୁଙ୍କୁ ଥାନାରେ ଅଟକ ରଖି ଅନୁଧାନ କରାଯାଉଥିବା ନେଇ ଏସ୍ଆଇ ସୌମ୍ୟରଞ୍ଜନ ଜାଲି ସୂଚନା ଦେଇଛନ୍ତି ।

# ମହିମାଗାଦୀକୁ ବ୍ଲକ୍ ଗଠନ ପାଇଁ ଦାବି



**ଢେଙ୍କାନାଳ,୯।୫/ଏନ୍ଏନ୍ଏସ୍:** ଗଁଦିଆ ବ୍ଲକ୍ ଅନ୍ତର୍ଗତ ମହିମାଗାଦି ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ମହିମାଗାଦି ବ୍ଲକ୍ ଗଠନ ପାଇଁ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଗଁଦିଆ ବ୍ଲକ୍‌ର ପଶ୍ଚିମରେ ଥିବା ଯୋରନ୍ଦା ସମେତ ୮ଟି ଗ୍ରାମ ପଂଚାୟତ ଜନବହୁଳ ଅଞ୍ଚଳ। ଏଠାରେ ବିଶ୍ୱ ପ୍ରସିଦ୍ଧ ମହିମାଗାଦୀ ପର୍ଯ୍ୟଟନ ସ୍ଥଳୀ ରହିଛି । ଗଁଦିଆ ବ୍ଲକ୍‌ର ସର୍ବପୁରାତନ ବାଣିଜ୍ୟିକ ପେଣ୍ଠସ୍ଥଳୀ ଭାବେ ଏହା ଜଣାଶୁଣା । ଭୌଗଳିକ ଦୃଷ୍ଟି କୋଣରୁ ଦେଖିଲେ ପାରିପାର୍ଶ୍ୱିକ ପ୍ରାୟ ୧୫ଟି ପଞ୍ଚାୟତର ଏହା କେନ୍ଦ୍ରସ୍ଥଳୀ ଅଟେ। ଏହି ପଞ୍ଚାୟତଗୁଡିକ ମହିମାଗାଦୀ ଠାରୁ ମାତ୍ର ୧୦ କି.ମି. ପରିଧି ମଧ୍ୟରେ ଅବସ୍ଥିତ । ପ୍ରତ୍ୟେକ ଗ୍ରାମ ପଞ୍ଚାୟତରୁ ମହିମାଗାଦିକୁ ଉତମ ଗମନାଗମନର ସୁବିଧା ରହିଛି। ଗଁଦିଆ ବ୍ଲକ୍‌ର ପ୍ରଥମ ମଧ ଇଂରାଜୀ ବିଦ୍ୟାଳୟ, ପ୍ରଥମ ଉଚ୍ଚ ବିଦ୍ୟାଳୟ, ପ୍ରଥମ ମହାବିଦ୍ୟାଳୟ, ପ୍ରଥମ ଉପଡାକଘର ଓ ସ୍ୱାଧିନତା ପରବର୍ତ୍ତୀ ସମୟରେ ଯୋରନ୍ଦା ଠାରେ ତହସିଲ ଅଫିସ୍ କାର୍ଯ୍ୟ କରୁଥିଲା । କିନ୍ତୁ କାଳକ୍ରମେ ଏଠାରୁ ତହସିଲ କାର୍ଯ୍ୟାଳୟକୁ ଗଁଦିଆକୁ ଉଠାଇ ନିଆଯାଇଥିଲା। ଫଳରେ ବିଭିନ୍ନ କ୍ଷେତ୍ରରେ ଯୋରନ୍ଦା ଅଞ୍ଚଳକୁ ଉପେକ୍ଷିତ କରାଯାଇଛି । ତେଣୁ ଏଠାରେ ପ୍ରସ୍ତାବିତ ମହିମାଗାଦି ବ୍ଲକ୍ ଗଠନ ହେଲେ ଯୋରନ୍ଦା ଅଞ୍ଚଳ ନ୍ୟାୟ ପାଇବ ଓ ଜନସାଧାରଣଙ୍କ ଉପଯୁକ୍ତ ସେବା ପାଇପାରିବେ। ଜନ ସଂଖ୍ୟା ଦୃଷ୍ଟିରୁ ଏହାର ଆଖପାଖ ସମସ୍ତ ପଞ୍ଚାୟତ ଜନବହୁଳ ଯାହାକି ବ୍ଲକ୍ ଗଠନର ଆବଶ୍ୟକତା ପୂରଣ କରୁଛି । ଏଠାରେ ୪ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୩ଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଛି। ପୁନଶ୍ଚ ନେଉଳପୋଇ ଗ୍ରାମ ପଞ୍ଚାୟତ ଠାରେ ଏକ ବୃହତ ସୋଲାର ପ୍ୟାନେଲ୍ କମ୍ପାନୀ କାର୍ଯ୍ୟ ଆରମ୍ଭ ହୋଇଛି । ତେଣୁ ମହିମାଗାଦି ବ୍ଲକ୍ ଗଠନ ହେଲେ ଏ ଅଞ୍ଚଳର ପ୍ରଭୁତ ମାତ୍ରାରେ ବିକାଶ ହେବ ବୋଲି ଯୋରନ୍ଦା ଅଞ୍ଚଳବାସୀଙ୍କର ଦୃଢ ଆଶା ଓ ବିଶ୍ୱାସ। ବର୍ତ୍ତମାନର ସରକାର ଲୋକମାନଙ୍କ ନିକଟତର ହେବା ପାଇଁ ସମସ୍ତ ଯୋଜନା ପ୍ରସ୍ତୁତ କରୁଥିବା ବେଳେ ମହିମାଗାଦି ଠାରେ ବ୍ଲକ୍ ଗଠନ ହେଲେ ପ୍ରାୟ ୧୫ଟି ଗ୍ରାମପଞ୍ଚାୟତ ଜନସାଧାରଣ ପ୍ରଶାସନିକ ସୁବିଧା ପାଇପାରିବେ। ମହିମାଗାଦି ବ୍ଲକ୍ ଗଠନ ହେଲେ ମହିମାଗାଦି ଅଞ୍ଚଳ ଜନସାଧାରଣଙ୍କ ଉପଯୁକ୍ତ ସେବା ପାଇପାରିବେ ବୋଲି ମହିମାଗାଦି ଆଂଚଳିକ ବିକାଶ ପରିଷଦ ପକ୍ଷରୁ ଏକ ଦାବୀ ପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଏହି ଦାବୀପତ୍ର ପ୍ରଦାନ ବେଳେ ମହିମାଗାଦି ଆଞ୍ଚଳିକ ବିକାଶ ପରିଷଦ ସଭାପତି ଚିତରଞ୍ଜନ ମହାନ୍ତି, କୌପିନଧାରୀ ମହିମା ସମାଜ ସଂପାଦକ ବାବା ସୁଶାନ୍ତ ଦାସ, ବାବା ନଟବର ଦାସ, ସତ୍ୟ ମହିମା ଧର୍ମ ଧାମ ସଂପାଦକ ବାବା ନିତ୍ୟାନନ୍ଦ ଦାସ, ଜିଲ୍ଲାପରିଷଦ ସଭ୍ୟ ବିଶ୍ୱନାଥ ଚିନରା, ପୀତବାସ ରାଉତ, ପ୍ରକାଶ କୁମାର ରାଉତ, ନିମାଇଁ ଚରଣ ରାଉତ, ରମେଶ ଚନ୍ଦ୍ର ରାଉତ, ପ୍ରାଣବନ୍ଧୁ ରାଉତ, ସଞ୍ଜୟ କୁମାର ରାଉତ, ପଙ୍କଜ କୁମାର ରାଉତ, ପ୍ରମୋଦ ରାଉତ, ଚନ୍ଦ୍ରମଣି ପ୍ରଧାନ, ସୁଧାଂଶୁ ଶେଖର ରାଉତ, ଆବାହକ ଆନନ୍ଦ ଚନ୍ଦ୍ର ମହାନ୍ତି, ବିକାଶ ପରିଷଦର ସଭ୍ୟ ଯଦୁନନ୍ଦନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଢେଙ୍କାନାଳ,୯।୫/ଏନ୍ଏନ୍ଏସ୍:** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପତ୍ର ସଂଖ୍ୟା- ୧୨୬୦୨, ମେ ୩ ତାରିଖର ଆଦେଶ ବଳରେ ସଦର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତଙ୍କର ଭୁବନେଶ୍ୱରକୁ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ସ୍ଥାନାନ୍ତରିତ କରାଯାଇଛି । ଏହି ଅବସରରେ ସଦର ବ୍ଲକ୍‌ର ସିଆର୍‌ସିସିମାନଙ୍କ ତରଫରୁ ସଦର ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତଙ୍କୁ ବଳରାମ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଦେବବ୍ରତ ନାଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଏବିଇଓ ଶତ୍ରୁଘ୍ନ ଖଣ୍ଡା ମୁଖ୍ୟ ଅତିଥି ଓ ଏବିଇଓ ଭଗବାନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଦର ବ୍ଲକ୍‌ର ଶିକ୍ଷା କ୍ଷେତ୍ରରେ ବିଦାୟୀ ବିଇଓ ଶ୍ରୀ ରାଉତଙ୍କର ଅବଦାନ ସଂପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆର୍‌ସିସି ନୃସିଂହ ବେହେରା, ଅର୍ଜୁନ ନାୟକ, ପ୍ରମୋଦ ସାହୁ, ରମା ବେହେରା, ପ୍ରଭାତୀ ବେହେରା, ପ୍ରିୟମ୍ବଦା ପଣ୍ଡା, ରସାନନ୍ଦ ମହାରଣା, ନୃସିଂହ ପତି ପ୍ରମୁଖ ବିଦାୟୀ ବିଇଓଙ୍କର ଗୁଣାବଳୀ ଓ କର୍ମମୟ ଜୀବନ ସଂପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦାୟୀ ବିଇଓ ଶ୍ରୀ ରାଉତଙ୍କ କାର୍ଯ୍ୟକାଳ ସମୟରେ ଶିକ୍ଷକଶିକ୍ଷୟିତ୍ରୀଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି ହୋଇପାରିଥିଲା, ଶିକ୍ଷକ ଓ ଶିକ୍ଷା ପ୍ରଶାସକମାନଙ୍କ ମଧ୍ୟରେ ଉତମ ସମନ୍ୱୟ ସ୍ଥାପିତ ହୋଇପାରିଥିଲା ବୋଲି ବକ୍ତାମାନେ ମତପୋଷଣ କରିଥିଲେ। ଏହି ଅବସରରେ ସିଆର୍‌ସିସିମାନଙ୍କ ତରଫରୁ ବିଦାୟୀ ବିଇଓ ଶ୍ରୀ ରାଉତଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର, ଉପଢୌକନ ଓ ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ପ୍ରାକ୍ତନ ସିଆର୍‌ସିସି ଦିଲ୍ଲୀପ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ବିକାଶ ଚନ୍ଦ୍ର ଜେନା କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଶେଷରେ ଡା. ପଞ୍ଚାନନ ସୁନ୍ଦର ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଗୁରୁବାର ସଦର ବ୍ଲକ୍ ମାଧ୍ୟମିକ ଶିକ୍ଷକ ସଂଘ ତରଫରୁ ବିଦାୟୀ ବିଇଓ ଶ୍ରୀ ରାଉତଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି ।



# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

**ଢେଙ୍କାନାଳ,୯।୫/ଏନ୍ଏନ୍ଏସ୍:** ଜିଲ୍ଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହଠାରେ ଆଜି ପୂର୍ବାହ୍ନରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଯୋଗଦେଇ ବାତ୍ୟା ଓ ବର୍ଷାର ପୂର୍ବ ସୂଚନା ପାଇବା ପରେ ଯଥାଶୀଘ୍ର ବନ୍ୟା ଆଶଙ୍କା ଥିବା ତଳିଆ ଅଞ୍ଚଳବାସୀମାନେ ସ୍ୱତଃ ପ୍ରବୃତ୍ତ ଭାବେ ନିଜ ଧନ ଜୀବନ ରକ୍ଷା ନିମନ୍ତେ ସ୍ଥାନାନ୍ତରିତ ହେବାକୁ ପରାମର୍ଶ ଦେଇଛନ୍ତି। ବହୁମୁଖୀ ଆଶ୍ରୟସ୍ଥଳୀ ଗୁଡିକରେ ଆନୁସଙ୍ଗିକ ବ୍ୟବସ୍ଥା ସହିତ ଆବଶ୍ୟକ ଖାଦ୍ୟ ସାମଗ୍ରୀ ମହଜୁଦ୍, ପାନୀୟଜଳ ଯୋଗାଣ ଏବଂ ବିଦ୍ୟୁତ୍ ସରବରାହକୁ ନିଶ୍ଚିତ କରିବାକୁ ସେ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନଙ୍କୁ କହିଥିଲେ। ବୈଠକ ପ୍ରାରମ୍ଭରେ ଜିଲ୍ଲା ଆପତକାଳୀନ ଅଧିକାରୀ ସୁଦିପ୍ତ କୁମାର ସାହୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ସୁଚନା ପ୍ରଦାନ କରିଥିଲେ । ଆଗାମୀ ବର୍ଷା ଋତୁରେ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ଭୁବନ, ଗଁଦିଆ, ହିନ୍ଦୋଳ ଆଦି ବ୍ଲକରେ ବନ୍ୟା ପ୍ଳାବିତ ତଳିଆ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତରଣ, ଜରୁରୀ କାଳୀନ ସୁଚନା ନିମନ୍ତେ ଜିଲ୍ଲାର ଏବଂ ବ୍ଲକ ସ୍ତରରେ ୨୪ ଘଣ୍ଟିଆ କଂଟ୍ରୋଲ ରୁମ୍ ସ୍ଥାପନ କରାଯିବା, ସମସ୍ତ ସହରାଞ୍ଚଳରେ ବର୍ଷା ପୂର୍ବରୁ ଜଳ ନିଷ୍କାସନ ନିମନ୍ତେ ନାଳ ନର୍ଦ୍ଦମା ସଫା, ନିୟମିତ ବୃଷ୍ଟିପାତ ମାପିବା, ବହୁମୁଖୀ ଆଶ୍ରୟସ୍ଥଳ ଗୁଡିକରେ ଆବଶ୍ୟକ ଖାଦ୍ୟ ସାମଗ୍ରୀ, ପାନୀୟଜଳ ମହଜୁଦ, ଆବଶ୍ୟକ ଜରୁରୀକାଳୀନ ସମସ୍ତ ଔଷଧ ଏବଂ ସାପ କାମୁଡା ଓ କୁକୁର କାମୁଡା ଔଷଧ ଯୋଗାଣ, ବନ୍ୟାପରେ ଆବଶ୍ୟକ ସ୍ଥଳେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ, ଅତ୍ୟାବଶ୍ୟକ ସେବା-ସୁବିଧା ପାଇଁ ଜେନେରେଟର ବ୍ୟବସ୍ଥା, ପଶୁ-ସଂପଦ ମାନଙ୍କର ସୁରକ୍ଷା, ପୂର୍ବ ସୁରକ୍ଷା ସ୍ୱରୁପ ଗାଈ-ଗୋରୁଙ୍କ ଆଗୁଆ ଟିକାକରଣ, ବିପର୍ଯ୍ୟୟ ପୂର୍ବରୁ ଶିଶୁ, ବୃଦ୍ଧ-ବୃଦ୍ଧା ଏବଂ ଗର୍ଭବତୀ ମହିଳାଙ୍କୁ ସ୍ଥାନାନ୍ତରଣ ନିମନ୍ତେ ଆଗୁଆ ବ୍ୟବସ୍ଥା କରାଯିବା, ନଳକୂଅ-କୂଅରେ ବ୍ଲିଚିଂ ଦ୍ୱାରା ବିଶୋଧନ, ବନ୍ୟାପରେ ଉଦ୍ୟାନ କୃଷି କାର୍ଯ୍ୟ, ଓଡ୍ରାଫର ପ୍ରସ୍ତୁତି, ବାତ୍ୟାପରେ ପୁନଃ ବିଦ୍ୟୁତ ସରବରାହ କାର୍ଯ୍ୟ, ତଳିଆ ଅଞ୍ଚଳରୁ ଅଗ୍ନିଶମ ବିଭାଗ ପକ୍ଷରୁ ଜଳ ନିଷ୍କାସନ ବ୍ୟବସ୍ଥା, ବନ୍ୟାଜଳରେ ବୁଡିରହୁଥିବା ରାସ୍ତା ଓ ପୋଲକୁ ବାରିକେଡିଂ କରି ଯାତାୟତକୁ ବନ୍ଦ ରଖିବା ଏବଂ ଟ୍ରାଫିକ ପରିଚାଳନା ସମ୍ପର୍କରେ ଆଲୋଚନା କରାଯାଇଥିଲା ।



### ପାକିସ୍ତାନ କ୍ରିକେଟ୍ ବୋର୍ଡକୁ ୟୁଏଇ ଝଟ୍‌କା

# ଦୁବାଇରେ ପିଏସ୍‌ଏଲ୍‌କୁ ନା




### ଉତ୍ତେଜନା ମଧ୍ୟରେ ମଞ୍ଜୁରୀ ଅସମ୍ଭବ: ଇସିବି

**ଦୁବାଇ,୯।୫/ଏଜେନ୍ସି:** ଭାରତ- ପାକିସ୍ତାନ ଉତ୍ତେଜନା ମଧ୍ୟରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି)କୁ ଜୋରଦାର ଝଟ୍‌କା ଲାଗିଛି । ପାକିସ୍ତାନ ସୁପର୍ ଲିଗ୍ (ପିଏସ୍‌ଏଲ୍)ର ବାକି ମ୍ୟାଚ୍ ଦୁବାଇରେ କରାଇବାକୁ ଏମିରେଟ୍ସ କ୍ରିକେଟ୍ ବୋର୍ଡ (ଇସିବି) ମଞ୍ଜୁରୀ ଦେଲାନାହିଁ । ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନକୁ ନେଇ ୟୁଏଇ ଚିନ୍ତିତ ଥିବାବେଳେ ଦୁବାଇରେ ପିଏସ୍‌ଏଲ୍ ମ୍ୟାଚ୍‌କୁ ମଞ୍ଜୁରୀ ଦେବା ଅସମ୍ଭବ ବୋଲି ଏମିରେଟ୍ସ ବୋର୍ଡ ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ, ପାକିସ୍ତାନ ସୁପର୍ ଲିଗ୍‌ର ବାକି ମ୍ୟାଚ୍ ଦୁବାଇରେ କରାଇବାକୁ ପିସିବି ଶୁକ୍ରବାର ଘୋଷଣା କରିଥିଲା । ଦିନକ ପୂର୍ବରୁ ଭାରତର ଆକ୍ରମଣରେ ରାୱଲପିଣ୍ଡି ଷ୍ଟାଡିୟମ୍ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବାରୁ ସନ୍ଧ୍ୟାରେ ହେବାକୁ ଥିବା କରାଚି କିଙ୍ଗ୍‌ସ ଓ ପେଶାୱର ଜାଲ୍‌ମୀ ମଧ୍ୟରେ ପିଏସ୍‌ଏଲ୍ ମ୍ୟାଚ୍ ରଦ୍ଦ ହୋଇଥିଲା । ଏହାପରେ ଟୁର୍ଣ୍ଣାମେଣ୍ଟକୁ ବିଳମ୍ବିତ କରାଯାଇଥିଲା । ପିସିବି ଅଧିକାରୀ ପିଏସ୍‌ଏଲ୍‌ର ଅନ୍ତିମ ୮ ମ୍ୟାଚ୍ ଦୁବାଇ କିମ୍ବା ଦୋହାରେ କରାଇବାକୁ ସରକାରଙ୍କୁ ପରାମର୍ଶ ଦେଇଥିଲେ ।

ଏମିରେଟ୍ସ କ୍ରିକେଟ୍ ବୋର୍ଡର (ଇସିବି)ର ଏକ ସୂତ୍ର ପକ୍ଷରୁ ନ୍ୟୁଜ୍ ଏଜେନ୍ସି ଏଏନ୍‌ଆଇକୁ କୁହାଯାଇଛି ଯେ ଭାରତ ଓ ପାକିସ୍ତାନ ମଧ୍ୟରେ ବୃଦ୍ଧି ପାଇଥିବା ଉତ୍ତେଜନା ମଧ୍ୟରେ ସୁରକ୍ଷା କାରଣରୁ ପିଏସ୍‌ଏଲ୍‌ର ବାକି ମ୍ୟାଚ୍‌ର ଆୟୋଜନ ପାଇଁ ଅନୁମତି ଦେବା କଷ୍ଟକର ବ୍ୟାପାର । ୟୁଏଇରେ ଦକ୍ଷିଣ ଏସୀୟ ଲୋକଙ୍କ ସଂଖ୍ୟା ସର୍ବାଧିକ ହୋଇଥିବା ବେଳେ ବିଶେଷତଃ ସେମାନେ କ୍ରିକେଟ୍‌ପ୍ରେମୀ । ଏପରି ଉତ୍ତେଜନପୂର୍ଣ୍ଣ ପରିସ୍ଥିତିରେ ପିଏସ୍‌ଏଲ୍ ପରି ଟୁର୍ଣ୍ଣାମେଣ୍ଟର ଆୟୋଜନ କରିବା ସୁରକ୍ଷାଜନିତ ବିପଦ ସୃଷ୍ଟି କରିପାରେ । ୟୁଏଇ କ୍ରିକେଟ୍ ବୋର୍ଡ ସହିତ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିଆଇ)ର ସମ୍ବନ୍ଧ ବହୁତ ଭଲ ରହିଛି । ଭାରତର କହିବା ଅନୁସାରେ ଟିମ୍ ଇଣ୍ଡିଆ ଆଇସିସି ଟି-୨୦ ବିଶ୍ୱକପ୍ ୨୦୨୧ ଏବଂ ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ନିଜର ମ୍ୟାଚ୍‌ଗୁଡ଼ିକ ଦୁବାଇରେ ଖେଳିଥିଲା । ଇଣ୍ଟରନାସ୍‌ନାଲ୍ କ୍ରିକେଟ୍ କାଉନ୍‌ସିଲ୍ (ଆଇସିସି)ର ମୁଖ୍ୟାଳୟ ଦୁବାଇ ହୋଇଥିବା ବେଳେ ଆଇସିସି ଅଧ୍ୟକ୍ଷ ଜୟ ଶାହଙ୍କ ଏସିସି କାର୍ଯ୍ୟକାଳ ଅବସରରେ ଏସୀୟ କ୍ରିକେଟ୍ ପରିଷଦର ବହୁ କାର୍ଯ୍ୟକ୍ରମ ଦୁବାଇରେ ହିଁ ଆୟୋଜିତ ହୋଇଥିଲା ।

# ଯଶସ୍ୱୀ ଜୟସ୍ୱାଲ୍‌ଙ୍କ ୟୁ-ଟର୍ଣ୍ଣ

### ଏନ୍‌ଓସି ପ୍ରତ୍ୟାହାର ପାଇଁ ଏମ୍‌ସିଏକୁ ଅନୁରୋଧ

**ମୁମ୍ବାଇ,୯।୫/ଏଜେନ୍ସି:** ଟିମ୍ ଇଣ୍ଡିଆ ଓପ୍ନର୍ ବ୍ୟାଟର୍ ଯଶସ୍ୱୀ ଜୟସ୍ୱାଲ୍ ୟୁ-ଟର୍ଣ୍ଣ ନେଇଛନ୍ତି । ଭବିଷ୍ୟତରେ ମୁମ୍ବାଇ ଟିମ୍ ପକ୍ଷରୁ ଘରୋଇ କ୍ରିକେଟ୍ ଖେଳିବାକୁ ଆଗ୍ରହ ପ୍ରକାଶ ସହ ଏନ୍‌ଓସି ପ୍ରତ୍ୟାହାର ପାଇଁ ମୁମ୍ବାଇ କ୍ରିକେଟ୍ ସଂଘ (ଏମ୍‌ସିଏ)କୁ ଅନୁରୋଧ କରିଛନ୍ତି । ଯଶସ୍ୱୀ କିଛିଦିନ ତଳେ ମୁମ୍ବାଇ ଛାଡ଼ି ଗୋଆ ପକ୍ଷରୁ ଖେଳିବା ପାଇଁ ଏମ୍‌ସିଏକୁ ଅନୁମତି ମାଗିଥିଲେ ଏବଂ ସଂଘ ଏହାକୁ ସ୍ୱୀକାର ମଧ୍ୟ କରିନେଇଥିଲା ।

ସୂଚନାଯୋଗ୍ୟ, ଗତ ମାସରେ ଏହି ଯୁବ ବ୍ୟାଟର୍ ସମସ୍ତଙ୍କୁ ଚକିତ କରି ଏମ୍‌ସିଏକୁ ପତ୍ର ଲେଖି ଗୋଆ ପକ୍ଷରୁ ଖେଳିବାକୁ ଇଚ୍ଛାପ୍ରକାଶ କରିଥିଲେ । ଏମ୍‌ସିଏ ମଧ୍ୟ ଏହାକୁ ସ୍ୱୀକାର କରିନେଇଥିଲେ । ତେବେ ଯଶସ୍ୱୀ ଏମ୍‌ସିଏକୁ ଇ-ମେଲ୍ ପଠାଇ ଗୋଆରେ ବସବାସ ପାଇଁ ପରିବାରର ଯୋଜନା ରଦ୍ଦ ହୋଇଥିବାରୁ ଏନ୍‌ଓସି ପ୍ରତ୍ୟାହାର ପାଇଁ ଅନୁରୋଧ କରିଥିବା ନ୍ୟୁଜ୍ ଏଜେନ୍ସି ପିଟିଆଇ ପକ୍ଷରୁ କୁହାଯାଇଛି । ଏହା ବ୍ୟତୀତ ଏହି ସିଜନ୍‌ରେ ତାଙ୍କୁ ମୁମ୍ବାଇ ପାଇଁ ଖେଳିବାକୁ ଅନୁମତି ଦେବା ନିମନ୍ତେ ଯଶସ୍ୱୀ ଅନୁରୋଧ କରିଛନ୍ତି । ଏମ୍‌ସିଏ ପକ୍ଷରୁ ପାଇଥିବା ଏନ୍‌ଓସି ସେ ବିସିସିଆଇ କିମ୍ବା ଗୋଆ କ୍ରିକେଟ୍ ସଂଘକୁ ପଠାଇ ନାହାନ୍ତି ବୋଲି ଏଥିରେ ଉଲ୍ଲେଖ କରିଛନ୍ତି ।

ଯଶସ୍ୱୀ ଚଳିତ ବର୍ଷ ଜାନୁଆରୀ ୨୩-୨୫ ମଧ୍ୟରେ ଜମ୍ମୁ-କଶ୍ମୀର ବିପକ୍ଷ ରଣଜୀ ଟ୍ରଫି ଲିଗ୍ ମ୍ୟାଚ୍‌ରେ ମୁମ୍ବାଇ ପକ୍ଷରୁ ଶେଷ ମ୍ୟାଚ୍ ଖେଳିଥିଲେ । ମ୍ୟାଚ୍‌ର ଉଭୟ ଇନିଂସ୍‌ରେ ସେ ୪ ଓ ୨୬ ରନ୍ କରିଥିବା ବେଳେ ରଣଜୀ ଟ୍ରଫି ଇତିହାସରେ ମୁମ୍ବାଇ ପ୍ରଥମ ଥର ଜମ୍ମୁ-କଶ୍ମୀରଠାରୁ ଏହି ମ୍ୟାଚ୍ ପାଞ୍ଚ ୱିକେଟ୍‌ରେ ହାରିଥିଲା । ପୂର୍ବରୁ ଗୋଆ ଟିମ୍ ତାଙ୍କୁ କ୍ୟାପ୍‌ଟେନ୍ ନିଯୁକ୍ତ କରିବାର ସମ୍ଭାବନା ଥିଲା । ଗୋଆ କ୍ରିକେଟ୍ ସଂଘ ସମ୍ପାଦକ ଶାମ୍ଭା ଦେସାଇ ସ୍ପଷ୍ଟ କରିଥିଲେ ଯେ ଯଶସ୍ୱୀ ଗୋଆ ଟିମ୍‌ର କ୍ୟାପ୍‌ଟେନ୍ ହେବେ । ତେବେ ବ୍ୟସ୍ତ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମକୁ ଦୃଷ୍ଟିରୁ ସେ ଗୋଆ ଟିମ୍‌କୁ ଅଧିକ ସମୟ ଦେଇପାରିବାର ସମ୍ଭବନା ନଥିଲା । ସେହିପରି କ୍ୟାପ୍‌ଟେନ୍ ହୋଇଥିଲେ ଟିମ୍‌ର ନେତୃତ୍ୱ ଅନୁଭବ ହାସଲ କରିଥାନ୍ତେ । ଯଶସ୍ୱୀ ଜୟସ୍ୱାଲ୍ ୨୦୨୩ ଜୁଲାଇରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତ ପକ୍ଷରୁ ଟେଷ୍ଟ୍ ଡେବ୍ୟୁ କରିଥିଲେ । ସେବେଠାରୁ ସେ ଓପ୍ନର୍ ଭାବେ ପ୍ରଥମ ପସନ୍ଦ ରହିଆସିଛନ୍ତି । ଡେବ୍ୟୁ ପରେ ଭାରତ ପାଇଁ ୧୯ ମ୍ୟାଚ୍ ଖେଳି ବଡ଼ ମଞ୍ଚରେ ସେ ଚମତ୍କାର ପ୍ରଦର୍ଶନ କରିଛନ୍ତି । ଟେଷ୍ଟ୍‌ରେ ତାଙ୍କ ହାରାହାରି ୫୨ରୁ ଅଧିକ ଥିବାବେଳେ ଏହି ଫର୍ମାଟ୍‌ରେ ତାଙ୍କ ନାମରେ ଚାରି ଶତକ ଓ ୧୦ ଅର୍ଦ୍ଧଶତକ ରହିଛି ।

### ମୁମ୍ବାଇ ପକ୍ଷରୁ ଖେଳିବାକୁ ଆଗ୍ରହୀ



## ଆଇଟା ପୁରୁଷ ଟୁର୍ଣ୍ଣାମେଣ୍ଟରେ ସୂରଜଙ୍କୁ ଦ୍ୱିମୁକୁଟ



**ଲୁଧିଆନା,୯।୫/ଏଜେନ୍ସି:** ସୂରଜ ପ୍ରବୋଧ ସ୍ଥାନୀୟ ଜସୋୱାଲ୍‌ସ୍ଥିତ ହାର୍ଭେଷ୍ଟ ଏକାଡେମୀରେ ଆୟୋଜିତ ଏକ ଲକ୍ଷ ଟଙ୍କା ପୁରସ୍କାର ବିଶିଷ୍ଟ ଆଇଟା ପୁରୁଷ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଦ୍ୱିମୁକୁଟ ହାସଲ କରିଛନ୍ତି । ଦ୍ୱିତୀୟ ସିଡ୍ ସୂରଜ ଫାଇନାଲ୍‌ରେ ବିକ୍ରମଜିତ୍ ଚାୱଲାଙ୍କୁ ୬-୭ (୪), ୬-୪, ୬-୩ରେ ହରାଇ ସିଙ୍ଗଲ୍ସ ଟାଇଟଲ୍ ହାସଲ କରିଛନ୍ତି । ସେହିପରି ଆୟୁଷ ଶର୍ମାଙ୍କୁ ସାଥୀ କରି ଡବଲ୍ସ ଟାଇଟଲ୍ ଜିତିଛନ୍ତି । ପୂର୍ବରୁ ସେମିଫାଇନାଲ୍‌ରେ ସୂରଜ ୬-୪, ୬-୧ରେ ସ୍ୱରମନ୍ୟୁ ସିଂହ ଏବଂ ବିକ୍ରମଜିତ୍ ୫-୭, ୭-୬(୫), ୭-୬ (୩)ରେ ଉଦିତ୍ କମ୍ବୋଜ୍‌ଙ୍କୁ ହରାଇ ଟାଇଟଲ୍ ଲଢ଼େଇରେ ଅବତୀର୍ଣ୍ଣ ହୋଇଥିଲେ । ଡବଲ୍ସ ଫାଇନାଲ୍‌ରେ ତାଙ୍କ ଯୋଡ଼ି ଅନୂପ କେଶଭମୂର୍ତ୍ତି ଓ ପୁଲ୍‌କିତ ପଟୱାରୀଙ୍କ ଯୋଡ଼ିକୁ ୩-୬, ୬-୫ରେ ହରାଇ ଦେଇଛି ।

## ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ବୋମା ଗୁଜବ

### ଷ୍ଟାଡିୟମ୍‌ର ସୁରକ୍ଷା ବଢ଼ାଇଲା ଦିଲ୍ଲୀ ପୁଲିସ

**ନୂଆଦିଲ୍ଲୀ,୯।୫/ଏଜେନ୍ସି:** ଭାରତ ଓ ପାକିସ୍ତାନରେ ଯୁଦ୍ଧ ଉତ୍ତେଜନା ମଧ୍ୟରେ ସ୍ଥାନୀୟ ଅରୁଣ ଜେଟଲି ଷ୍ଟାଡିୟମ୍‌କୁ ବୋମାରେ ଉଡ଼ାଇ ଦେବାକୁ ଶୁକ୍ରବାର ଦିଲ୍ଲୀ ଓ ଜିଲ୍ଲା କ୍ରିକେଟ୍ ସଂଘ (ଡିଡିସିଏ)କୁ ଏକ ଇମେଲ୍ ଧମକ ମିଳିଥିଲା । ଡିଡିସିଏ ସମ୍ପାଦକ ଅଶୋକ ଶର୍ମା ତୁରନ୍ତ ଏହି ଖବର ଦିଲ୍ଲୀ ପୁଲିସକୁ ଜଣାଇଲେ । ଏହା ପରେ ବୋମା ନିରୋଧୀ ଟିମ୍, ଡଗ୍ ସ୍କ୍ୱାଡ୍ ଏବଂ ଦିଲ୍ଲୀ ପୁଲିସ ଟିମ୍ ପହଞ୍ଚି ଷ୍ଟାଡିୟମ୍‌ର ତନ୍ନ ତନ୍ନ ଯାଞ୍ଚ୍ କରିଥିଲେ । ତେବେ ଯାଞ୍ଚ୍ କରିବା ପରେ ସେଠାରେ ସେପରି କିଛି ସନ୍ଦିଗ୍ଧ ସାମଗ୍ରୀ ମିଳିନଥିବାରୁ ଏହା ଏକ ଗୁଜବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି । ତେବେ ଏହି ଗୁଜବ ପରେ ଷ୍ଟାଡିୟମ୍ ଓ ଏହାର ଆଖପାଖ ଅଞ୍ଚଳରେ ସୁରକ୍ଷା ବୃଦ୍ଧି କରାଯାଇଥିବା ଦିଲ୍ଲୀ ପୁଲିସ ପକ୍ଷରୁ କୁହାଯାଇଛି ।

ସେହିପରି ଚେନ୍ନାଇର ଚେପକ୍ ଷ୍ଟାଡିୟମ୍‌କୁ ମଧ୍ୟ ଧମକ ମିଳିଛି । ସେଠାରେ କ୍ରିକେଟ୍ ମ୍ୟାଚ୍ କରାଗଲା ବୋମା ଫୁଟିବ ବୋଲି ଇ-ମେଲ୍‌ରେ ଚେତାବନୀ ଦିଆଯାଇଛି । ଏହି ମାମଲାର ଯାଞ୍ଚ ଆଦେଶ ଦିଆଯାଇଥିବା ସ୍ଥାନୀୟ ପୁଲିସ୍ ଅଧିକାରୀ କରିଛନ୍ତି । ସୂଚନାଯୋଗ୍ୟ ଗୁରୁବାର ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌କୁ ବୋମାରେ ଉଡ଼ାଇ ଦେବାକୁ ପାକିସ୍ତାନର ଏକ ଇ-ମେଲ୍ ଧମକ ମିଳିଥିଲା ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା କୁଡୋ ଆସୋସିଏସନ୍ କର୍ମକର୍ତ୍ତା

**ଭୁବନେଶ୍ୱର,୯।୫/ଏନ୍‌ଏନ୍‌ଏସ୍:** ଶୁକ୍ରବାର ଲୋକସେବା ଭବନରେ ଓଡ଼ିଶା କୁଡୋ ଆସୋସିଏସନ୍‌ର ସଦସ୍ୟ, କୋଚ୍ ଓ ଖେଳାଳିଙ୍କ ସମେତ ୭୦ ଜଣ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ସୂଚନାଯୋଗ୍ୟ, କୁଡୋ ଏକ ପ୍ରକାର ମିଶ୍ରିତ ସାମରିକ କଳା, ଯାହା ଜୁଡୋ, କରାଟେ ଏବଂ ଟାଏକ୍ୱୋଣ୍ଡୋ ଖେଳର ସମାହାର । ଏହି ଖେଳ ଭାରତର ବିଭିନ୍ନ ରାଜ୍ୟ ସମେତ ବିଦେଶରେ ମଧ୍ୟ ଅନେକ ପ୍ରସିଦ୍ଧି ଲାଭ କରିଛି । ଓଡ଼ିଶାର ଅନେକ ଜିଲ୍ଲାରେ ଏହି ଖେଳର ତାଲିମ ମଧ୍ୟ ଦିଆଯାଉଛି । ଏଣୁ ରାଜ୍ୟରେ କୁଡୋ ଖେଳର ପ୍ରସାର ପାଇଁ ଏହାକୁ ରାଜ୍ୟସ୍ତରୀୟ ମାନ୍ୟତା ଦେବା ପାଇଁ ଆସୋସିଏସନ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି । ଏ ସମ୍ପର୍କରେ ବିଚାର କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେବା ସହିତ ଅଭ୍ୟାସ ଜାରି ରଖିବା ପାଇଁ ଖେଳାଳିମାନଙ୍କ କହିଛନ୍ତି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମେତ କୁଡୋ ଆସୋସିଏସନ୍ ଅଫ୍ ଓଡ଼ିଶାର ମୁଖ୍ୟ କୋଚ୍ ନିତାଇ ଶଙ୍କର ଗୁଇଁ ପ୍ରମୁଖ ଉପସ୍ଥିତ ଥିଲେ ।



### 'କୁଡୋ'କୁ ରାଜ୍ୟସ୍ତରୀୟ ମାନ୍ୟତା ଦେବାକୁ ଅନୁରୋଧ

## ରିକର୍ଭ ବ୍ୟକ୍ତିଗତ ସେମିରେ ଦୀପିକା, ପାର୍ଥ

### ଆର୍ଚେରୀ ବିଶ୍ୱକପ୍ ଷ୍ଟେଜ୍-୨



**ସାଂଘାଇ,୯।୫/ଏଜେନ୍ସି:** ଭାରତୀୟ ଆର୍ଚର୍ ଦୀପିକା କୁମାର ଓ ପାର୍ଥ ସାଲୁଙ୍କେ ଶୁକ୍ରବାର ଏଠାରେ ଚାଲିଥିବା ଆର୍ଚେରୀ ବିଶ୍ୱକପ୍ ଷ୍ଟେଜ୍-୨ର ବ୍ୟକ୍ତିଗତ ରିକର୍ଭ ଇଭେଣ୍ଟର ସେମିଫାଇନାଲ୍‌ରେ ସ୍ଥାନ ହାସଲ କରିଛନ୍ତି । ପାର୍ଥ ପୁରୁଷ ବ୍ୟକ୍ତିଗତ ଇଭେଣ୍ଟର ପ୍ରଥମ ରାଉଣ୍ଡରେ ବିପର୍ଯ୍ୟୟ ସୃଷ୍ଟି କରି ପୂର୍ବତନ ଅଲିମ୍ପିକ୍ ଓ ବିଶ୍ୱ ଚାମ୍ପିଅନ୍ ତୁର୍କୀର ମେଟେ ଗାଜୋଜ୍‌ଙ୍କୁ ଶୁଟ୍‌ଅଫ୍‌ରେ ପରାଜିତ କରିଥିଲେ । ଏହାପରେ ତୃତୀୟ ରାଉଣ୍ଡରେ ପାର୍ଥ ଟିମ୍ ଇଭେଣ୍ଟରେ ତିନିଥରର ଅଲିମ୍ପିକ୍ ସ୍ୱର୍ଣ୍ଣ ବିଜେତା କୋରିଆର କିମ୍ ଜେ ଡେଉକ୍‌ଙ୍କୁ ହରାଇଛନ୍ତି । ସେମିଫାଇନାଲ୍‌ରେ ପାର୍ଥ ରବିବାର କୋରିଆର ଅନ୍ୟ ଜଣେ ଆର୍ଚର୍ ଅଲିମ୍ପିକ୍ ଚାମ୍ପିଅନ୍ କିମ୍ ଉଜିନ୍‌ଙ୍କୁ ଭେଟିବେ । ମହିଳା ଇଭେଣ୍ଟରେ ଅଲିମ୍ପିଆନ୍ ଦୀପିକା ପ୍ୟାରିସ୍ ଅଲିମ୍ପିକ୍ସ ଟିମ୍ ଇଭେଣ୍ଟ ରୌପ୍ୟ ପଦକ ବିଜେତା ଚୀନ୍‌ର ଲି ଜିଆମାନ୍‌ଙ୍କୁ କ୍ୱାର୍ଟର୍ ଫାଇନାଲ୍‌ରେ ୬-୨ରେ ମାତ୍ ଦେଇଛନ୍ତି । ପାର୍ଥଙ୍କ ପରି ଦୀପିକା ମଧ୍ୟ ସେମିଫାଇନାଲ୍‌ରେ ବର୍ତ୍ତମାନ ଅଲିମ୍ପିକ୍ ଚାମ୍ପିଅନ୍ କୋରିଆର ଲିମ୍ ସିହିଏଓନ୍‌ଙ୍କୁ ରବିବାର ଭେଟିବେ ।

କମ୍ପାଉଣ୍ଡ୍ ମିକ୍ସଡ୍ ଟିମ୍ ଇଭେଣ୍ଟ୍ ସେମିଫାଇନାଲ୍‌ରେ ଭାରତର ଅଭିଷେକ ବର୍ମା ଓ ମଧୁରା ଧମନଗାଓଁକର୍ ୧୫୮-୧୫୬ରେ ଗ୍ରେଟ୍ ବ୍ରିଟେନ୍ ଟିମ୍‌ଠାରୁ ପରାଜିତ ହୋଇଛନ୍ତି । ଅଭିଷେକ ଓ ମଧୁରା ଶନିବାର ବ୍ରୋଞ୍ଜ୍ ପଦକ ମ୍ୟାଚ୍‌ରେ ମାଲେସିଆର ଫାତିନ୍ ନୁର୍‌କତେହା ମାତ୍ ସାଲେହ ଓ ମହମ୍ମଦ ଜୁୱାଇଦିଙ୍କୁ ଭେଟିବେ । ଭାରତୀୟ ପୁରୁଷ ଓ ମହିଳା କମ୍ପାଉଣ୍ଡ୍ ଟିମ୍ ପୂର୍ବରୁ ଫାଇନାଲ୍‌ରେ ପ୍ରବେଶ କରି ଦେଶ ପାଇଁ ଦୁଇଟି ପଦକ ପକ୍କା କରିଛନ୍ତି । ଉଭୟ ଟିମ୍ ଫାଇନାଲ୍‌ରେ ମେକ୍ସିକୋକୁ ଭେଟିବେ ।

## ଢେଙ୍କାନାଳ ଜିଲ୍ଲା ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ପାଇଁ ୧୪ ଓ ୧୫ରେ ନାମ ପଞ୍ଜୀକରଣ

**ଢେଙ୍କାନାଳ,୯।୫/ଏନ୍‌ଏନ୍‌ଏସ୍ :** ଢେଙ୍କାନାଳ ଜିଲ୍ଲାସ୍ତରୀୟ ଆନ୍ତଃବିଦ୍ୟାଳୟ କ୍ରିକେଟ୍ ପ୍ରତିଯୋଗିତା ପାଇଁ ନାମ ପଞ୍ଜୀକରଣ ନିମନ୍ତେ ଆହ୍ୱାନ କରାଯାଇଛି । ଏଥିପାଇଁ ଚଳିତ ମାସ ୧୪ ଓ ୧୫ ତାରିଖକୁ ଦିନ ଧାର୍ଯ୍ୟ କରାଯାଇଛି । ସପ୍ତମରୁ ଦଶମ ଶ୍ରେଣୀରେ ପଢୁଥିବା ଜିଲ୍ଲାର ସମସ୍ତ ଖେଳାଳି ଏଥିରେ ନାମ ପଞ୍ଜୀକରଣ କରିପାରିବେ । ଆଗ୍ରହୀ ଖେଳାଳିମାନେ ନିଜ ନିଜର ଡିଜିଟାଲ୍ ଜନ୍ମ ପ୍ରମାଣପତ୍ର, ଆଧାର କାର୍ଡ ଓ ବିଦ୍ୟାଳୟର ପ୍ରମାଣପତ୍ର ସହିତ ନିର୍ଦ୍ଧାରିତ ତାରିଖର ପୂର୍ବାହ୍ନ ୧୦ରୁ ଅପରାହ୍ଣ ୨ଟା ମଧ୍ୟରେ ଜିଲ୍ଲା କ୍ରୀଡ଼ା ସଂଘ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ନାମ ପଞ୍ଜୀକରଣ କରାଇନେବାକୁ ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ କହିଛନ୍ତି । ଅଧିକ ବିବରଣୀ ପାଇଁ ମୋବାଇଲ୍ ନମ୍ବର୯୮୬୧୨୮୭୪୪୬ ଓ ୭୮୪୭୯୬୧୫୫୦ରେ ଯୋଗାଯୋଗ କରିବାକୁ ଶ୍ରୀ ଦାସ ସୂଚନା ଦେଇଛନ୍ତି ।

## ଶୁକରୀ କନ୍‌ରାଡ୍ ସାଉଥ୍ ଆଫ୍ରିକା ମୁଖ୍ୟ କୋଚ୍




**ଜୋହାନ୍ସବର୍ଗ,୯।୫/ଏଜେନ୍ସି:** ପୂର୍ବତନ ସାଉଥ୍ ଆଫ୍ରିକା ଖେଳାଳି ଶୁକରୀ କନ୍‌ରାଡ୍‌ଙ୍କୁ କ୍ରିକେଟ୍ ସାଉଥ୍ ଆଫ୍ରିକା (ସିଏସ୍‌ଏ) ସମସ୍ତ ଫର୍ମାଟ୍‌ର କୋଚ୍ ନିଯୁକ୍ତ କରିଛି । ଏହା ପୂର୍ବରୁ ଟିମ୍‌ର ହ୍ୱାଇଟ୍ ବଲ୍ କୋଚ୍ ରବ୍ ୱାଲ୍ଟର୍ ଇସ୍ତଫା ଦେବାପରେ କନ୍‌ରାଡ୍‌ଙ୍କୁ ଟେଷ୍ଟ୍ ଏବଂ ଦିନିକିଆ କୋଚ୍ ଦାୟିତ୍ୱ ପ୍ରଦାନ କରାଯାଇଥିଲା । କନ୍‌ରାଡ୍ ସାଉଥ୍ ଆଫ୍ରିକା, ଜିମ୍ବାୱେ ଓ ନାମ୍ବିଆରେ ହେବାକୁ ଥିବା ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ । ଶୁକ୍ରବାର କ୍ରିକେଟ୍ ସାଉଥ୍ ଆଫ୍ରିକା ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ'ରେ ଏହି ସୂଚନା ଦେଇଛି । ୨୦୨୩ ଜାନୁଆରୀରୁ ଟେଷ୍ଟ୍ ଟିମ୍‌ର କୋଚ୍ ଥିବା ୫୮ ବର୍ଷୀୟ କନ୍‌ରାଡ୍ ଏବେ ଜୁଲାଇରେ ହେବାକୁ ଥିବା ଜିମ୍ବାୱେ ଓ ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ତ୍ରିକୋଣୀୟ ସିରିଜ୍‌ରୁ ହ୍ୱାଇଟ୍ ବଲ୍ ଫର୍ମାଟ୍‌ର କୋଚ୍ ଦାୟିତ୍ୱ ସମ୍ଭାଳିବ ।

କନ୍‌ରାଡ୍ କହିଛନ୍ତି, ଟେଷ୍ଟ୍ ଟିମ୍‌ର କୋଚିଂ କରିବା ମୋ କ୍ରିକେଟ୍ ଯାତ୍ରାର ସବୁଠୁ ବଡ଼ ଉପଲବ୍ଧି । ଏବେ ହ୍ୱାଇଟ୍ ବଲ୍ ଟିମ୍‌କୁ ଦିଗ୍‌ଦର୍ଶନ ଦେବାକୁ ନେଇ ମୁଁ ଉତ୍ସାହିତ । ଆମ ପାଖରେ ସୀମିତ ଓଭର୍ ଫର୍ମାଟ୍‌ରେ ବହୁ ପ୍ରତିଭାଶାଳୀ ଖେଳାଳି ରହିଛନ୍ତି । ସେ କହିଛନ୍ତି, ଭବିଷ୍ୟତରେ ଆମ ପାଇଁ ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ରହିଛି । ଏହାର ଆରମ୍ଭ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ୍‌ରୁ ହେବ । କନ୍‌ରାଡ୍‌ଙ୍କ ଦିଗ୍‌ଦର୍ଶନରେ ସାଉଥ୍ ଆଫ୍ରିକା ପ୍ରଥମ ଥର ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ଶିପ୍ ଫାଇନାଲ୍‌ରେ ପ୍ରବେଶ କରିଛି । ଏହି ମ୍ୟାଚ୍ ଜୁନ୍ ୧୧ ତାରିଖରେ ଲର୍ଡ୍ସରେ ଅଷ୍ଟ୍ରେଲିଆ ବିପକ୍ଷରେ ହେବ । ଡବ୍ଲ୍ୟୁଟିସି ପଏଣ୍ଟ୍ ଟେବଲ୍‌ରେ ସାଉଥ୍ ଆଫ୍ରିକା ପ୍ରଥମ ସ୍ଥାନରେ ରହିଛି । ଟିମ୍ ୧୨ ମ୍ୟାଚ୍‌ରୁ ୮ ବିଜୟ ଓ ୩ ପରାଜୟ ସହ ୧୦୦ ପଏଣ୍ଟ୍ ହାସଲ କରିଛି ।

# ଷୋଡ଼ଶ କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ଉଦ୍‌ଘାଟିତ

### ■ ୪୨ ଦେଶର ୧୨୦୦ ଖେଳାଳିଙ୍କ ଅଂଶଗ୍ରହଣ ■ ୬୦ ଲକ୍ଷ ଟଙ୍କାର ମୋଟ ପୁରସ୍କାର ରାଶି




**ଭୁବନେଶ୍ୱର,୯।୫/ଏନ୍‌ଏନ୍‌ଏସ୍:** ସର୍ବ ଭାରତୀୟ ଚେସ୍ ଫେଡେରେସନ୍ (ଏଆଇସିଏଫ) ତତ୍ତ୍ୱାବଧାନରେ କିଟ୍ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ୧୬ଶ କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ୨୦୨୫ ଶୁକ୍ରବାର ଉଦ୍‌ଘାଟିତ ହୋଇଛି । ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି ଭାରତୀୟ ଟେନିସ୍ ତାରକା, ଅଲିମ୍ପିଆନ୍ ଏବଂ ମେଜର ଧ୍ୟାନ ଚାନ୍ଦ ଖେଳ ରତ୍ନ ପୁରସ୍କାର ବିଜେତା ଲିଆଣ୍ଡର ପେସ୍ କହିଲେ, ଶିକ୍ଷା ଏବଂ କ୍ରୀଡ଼ା ଶିକ୍ଷା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦୃଷ୍ଟିକୋଣ ଅନନ୍ୟ । କିଟ୍ ଓ କିସ୍‌ର କ୍ରୀଡ଼ା ଭିତ୍ତିଭୂମି ଏବଂ ତାଲିମ ଅତି ଉତ୍କୃଷ୍ଟ ହୋଇଥିବା ବେଳେ ଭାରତୀୟ କ୍ରୀଡ଼ା କ୍ଷେତ୍ରରେ ଅଚ୍ୟୁତ ସାମନ୍ତଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି । ଏହି ପରିପ୍ରେକ୍ଷୀରେ କିଟ୍ ଓ କିସ୍‌ର କ୍ରୀଡ଼ାକୁ ବିଶ୍ୱ ମାନଚିତ୍ରରେ ସ୍ଥାନଦେବା ତାଙ୍କର ଦାୟିତ୍ୱ ବୋଲି ଲିଆଣ୍ଡର ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟତମ ଅତିଥି ମହାରାଷ୍ଟ୍ରର ପୁନେସ୍ଥିତ ଚେସ୍ ଇନ୍ ସ୍କୁଲ (ଫିଡେ)ର କମିଶନର ତଥା ଜିଏମ୍ ଅଭିଜିତ କୁନ୍ତେ ତାଙ୍କର ଦୃଷ୍ଟିକୋଣ ପାଇଁ ଶ୍ରୀ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ସେ କହିଲେ ଭାରତର ପୂର୍ବ ଭାଗରେ ଏକ ଅନ୍ତର୍ଜାତୀୟ ଚେସ୍ ଟୁର୍ଣ୍ଣାମେଣ୍ଟର ଆବଶ୍ୟକତା ରହିବ ବୋଲି ୧୬ ବର୍ଷ ପୂର୍ବେ ଶ୍ରୀ ସାମନ୍ତ ଚିନ୍ତା କରିପାରିଥିଲେ । ଏଭଳି ଅନ୍ତର୍ଜାତୀୟ ଚେସ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବା ଏକ ସହଜ କାମ ନୁହେଁ । ମାତ୍ର ଦୀର୍ଘ ୧୫ ବର୍ଷ ଧରି ନିରନ୍ତର ଏହି ଟୁର୍ଣ୍ଣାମେଣ୍ଟ କିଟ୍‌ରେ ଆୟୋଜନ ହୋଇଆସୁଥିବାରୁ ଶ୍ରୀ ସମନ୍ତଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ । ଏହି ଅବସରରେ ଏଆଇସିଏଫ୍‌ର ପୂର୍ବତନ ଉପାଧ୍ୟକ୍ଷ ଭବେଶ ଭାଇ ପଟେଲ କହିଥିଲେ ଏଭଳି ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ଅଧିକ ପାଣ୍ଠି, ବିପୁଳ ଭିତ୍ତିଭୂମି ସହ ଆୟୋଜକଙ୍କ ଏକ ବିଶାଳ ହୃଦୟ ରହିବା ଆବଶ୍ୟକ । ଅଚ୍ୟୁତ ସାମନ୍ତଙ୍କ ନିକଟରେ ସେଭଳି ସାହସ ଓ ଇଚ୍ଛା ଶକ୍ତି ରହିଛି । ଏପରି ଟୁର୍ଣ୍ଣାମେଣ୍ଟ ଆୟୋଜନ କେବଳ ଓଡ଼ିଶାର ନୁହେଁ ଭାରତର ମଧ୍ୟ ଗର୍ବ ବୋଲି ସେ କହିଥିଲେ । ସଭାପତିତ୍ୱ ଭାଷଣରେ ଶ୍ରୀ ସାମନ୍ତ କହିଲେ, ଚେସ୍‌ରେ ଓଡ଼ିଶାକୁ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବା ପାଇଁ କିଟ୍ ଓ କିସ୍‌ର ଉଲ୍ଲେଖନୀୟ ଅବଦାନ ରହିଛି । କିଟ୍ ଓ କିସ୍ ସର୍ବଦା କ୍ରୀଡ଼ା ଏବଂ କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହିତ କରିଆସୁଛି । କିଟ୍ ଓ କିସ୍ ଭାରତର ଏକମାତ୍ର ଅନୁଷ୍ଠାନ ଯେଉଁଠି ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ସହ ସର୍ବୋତ୍ତମ ତାଲିମ ସୁବିଧା ରହିଛି । ଆଗାମୀ ବର୍ଷରେ ଏହାର କ୍ରୀଡ଼ା ଭିତ୍ତିଭୂମିକୁ ଦ୍ୱିଗୁଣିତ କରାଯିବ ବୋଲି ଶ୍ରୀ ସାମନ୍ତ କହିଥିଲେ । ୧୬ଶ କିଟ୍ ଆନ୍ତର୍ଜାତୀୟ ଚେସ୍ ମହୋତ୍ସବରେ ଭାରତ ସମେତ ୪୨ଟି ଦେଶର ଅନ୍ତର୍ଜାତୀୟ ଆର୍ବିଟର, ଅନ୍ତର୍ଜାତୀୟ ମାଷ୍ଟର ଏବଂ ଗ୍ରାଣ୍ଡ୍‌ମାଷ୍ଟର୍ ସମେତ ୧୨୦୦ ଖେଳାଳି ଅଂଶଗ୍ରହଣ କରିଛନ୍ତି । କୌଣସି ଅନ୍ତର୍ଜାତୀୟ ଚେସ୍ ଟୁର୍ଣ୍ଣାମେଣ୍ଟରେ ୪୨ ଦେଶର ଖେଳାଳି ଯୋଗଦେବା ପ୍ରଥମ । ଟୁର୍ଣ୍ଣାମେଣ୍ଟରେ ମୋଟ ପୁରସ୍କାର ରାଶି ରହିଛି ୬୦ ଲକ୍ଷ । ଏହା ଭାରତରେ କୌଣସି ଚେସ୍ ଇଭେଣ୍ଟ୍‌ରେ ପ୍ରଦାନ କରାଯାଉଥିବା ଦ୍ୱିତୀୟ ସର୍ବାଧିକ ପୁରସ୍କାର ରାଶି । ମୋଟ ୪୩୬ଟି ପୁରସ୍କାର ତିନୋଟି ବର୍ଗରେ ବଣ୍ଟନ କରାଯିବ । 'ଏ' ବର୍ଗରେ ମୋଟ ୩୦ଲକ୍ଷ ଟଙ୍କା, ୧୯୦୦ରୁ କମ୍ ରେଟେଡ୍ ଥିବା 'ବି' ବର୍ଗ ପାଇଁ ୧୫ଲକ୍ଷ ଏବଂ ୧୭୦୦ରୁ କମ୍ ରେଟେଡ୍ ଥିବା 'ସି' ବର୍ଗର ଖେଳାଳିଙ୍କ ପାଇଁ ୧୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି । କାର୍ଯ୍ୟକ୍ରମରେ ଟୁର୍ଣ୍ଣାମେଣ୍ଟ୍ ନିର୍ଦ୍ଦେଶକ ତଥା ଆଇଏମ୍ ଶେଖର ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଏଆଇସିଏଫ୍ ଇଭେଣ୍ଟ୍ କମିଟି ସଦସ୍ୟ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଓଡ଼ିଶା ଚେସ୍ ଆସୋସିଏସନ୍‌ର ସଭାପତି ସତ୍ୟ ରଞ୍ଜନ ପଟ୍ଟନାୟକ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ତାଇପେଇ ଓପନ୍ ସେମିରେ ଉନ୍ନତି ଓ ଆୟୁଷ

**ନୂଆଦିଲ୍ଲୀ,୯।୫/ଏଜେନ୍ସି:** ଭାରତୀୟ ଯୁବ ଶଟ୍‌ଲର୍ ଉନ୍ନତି ହୁଡ୍ଡା ଓ ଆୟୁଷ ସେଟ୍ଟୀ ଶୁକ୍ରବାର ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ସୁପର୍ ୩୦୦ ଇଭେଣ୍ଟ୍ ତାଇପେଇ ଓପନ୍‌ର ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ୧୭ ବର୍ଷୀୟା ଉନ୍ନତି ବିଶ୍ୱ ନଂ. ୬୫ ଚୀନା ତାଇପେଇର ହୁଙ୍ଗ୍ ୟି-ତିଙ୍ଗ୍‌ଙ୍କୁ ୫୨ ମିନିଟ୍‌ର କ୍ୱାର୍ଟର୍ ଫାଇନାଲ୍‌ରେ ୨୧-୮, ୧୯-୧, ୨୧-୧୨୯ରେ ହରାଇ ଦେଇଛନ୍ତି । ଏହା ଉନ୍ନତିଙ୍କ କ୍ୟାରିୟର୍‌ର ଦ୍ୱିତୀୟ ସୁପର୍ ୩୦୦ ଇଭେଣ୍ଟ୍ ସେମିଫାଇନାଲ୍ । ଉନ୍ନତି ପ୍ରଥମ ଥର ପାଇଁ ଗତବର୍ଷ ସୟଦ୍ ମୋଦି ଇଣ୍ଡିଆ ଇଣ୍ଟରନାସ୍‌ନାଲ୍ ସେମିଫାଇନାଲ୍‌ରେ ପ୍ରବେଶ କରିଥିଲେ । ତେବେ ନିଜ ଦେଶର ପିଭି ସିନ୍ଧୁଙ୍କଠାରୁ ପରାଜିତ ହୋଇଥିଲେ । ୨୦୨ ଓଡ଼ିଶା ମାଷ୍ଟର୍ସ ଓ ୨୦୨୩ ଆବୁଧାବି ମାଷ୍ଟର୍ସ ଚାମ୍ପିଅନ୍ ବିଶ୍ୱ ନଂ.୫୩ ଉନ୍ନତି ସେମିଫାଇନାଲ୍‌ରେ ବିଶ୍ୱ ନଂ.୮ ଜାପାନର ଟୋମୋକା ମିୟାଜାକିଙ୍କୁ ଭେଟିବେ ।

ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର୍ ଫାଇନାଲ୍‌ରେ ଆୟୁଷ ସପ୍ତମ ସିଡ୍ କାନାଡାର ବ୍ରିଆନ୍ ୟାଙ୍ଗଙ୍କ ବିପକ୍ଷରେ ପ୍ରତ୍ୟାବର୍ତ୍ତନ କରି ୧୬-୧, ୨୧-୧୯, ୨୧-୧୪ରେ ବିଜୟୀ ହୋଇଛନ୍ତି । ୨୦୨୩ ୱାର୍ଲ୍ଡ ଜୁନିୟର ଚାମ୍ପିଅନ୍‌ଶିପ୍ ବ୍ରୋଞ୍ଜ୍ ପଦକ ବିଜେତା ୨୦ ବର୍ଷୀୟ ଆୟୁଷ ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ରାଉଣ୍ଡ୍ ମ୍ୟାଚ୍‌ରେ ନିଜ ଦେଶର ସିନିୟର୍ ଖେଳାଳି କିଦାମ୍ବୀ ଶ୍ରୀକାନ୍ତଙ୍କୁ ୨୧-୧୬, ୧୫-୨୧, ୨୧-୧୭ରେ ମାତ୍ ଦେଇ ଅନ୍ତିମ ୮ରେ ପ୍ରବେଶ କରିଥିଲେ । ଏହି ଉଦୀୟମାନ ଭାରତୀୟ ତାରକା ପ୍ରଥମ ରାଉଣ୍ଡ୍‌ରେ ମଧ୍ୟ ବିପର୍ଯ୍ୟୟ ସୃଷ୍ଟିକରି ଅଲ୍ ଇଂଲଣ୍ଡ ଚାମ୍ପିଅନ୍‌ଶିପ୍ ରନର୍-ଅପ୍ ଲି ଚିଆ ହାଓଙ୍କୁ ହରାଇ ଦେଇଥିଲେ ।



Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra